

ସାହସ ଦେଲା ହନୁମାନ ଚାଳିଶା
ପୃଷ୍ଠା ୫

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 192 ଭାଗ ୩୪ | ସଂଖ୍ୟା ୧୯୨
Saturday 3 October 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର, ୩ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ମୋହନ ସରକାରଙ୍କ ବଡ଼ ଘୋଷଣା

## ୫.୧୨ ଲକ୍ଷ ନୂଆ ହିତାଧିକାରୀଙ୍କୁ ଭତ୍ତା

ଭୁବନେଶ୍ୱର,୨।୧୦ (ସଂଚାର ବ୍ୟୁରୋ)ଃ ଦୀର୍ଘଦିନ ଧରି ସରକାରଙ୍କୁ ଭତ୍ତା ଗଣ୍ଡାଏ ପାଇବା ପାଇଁ ଚାହିଁ ରହିଥିବା ବୃଦ୍ଧବୃଦ୍ଧା ଓ ଅନ୍ୟାନ୍ୟ ବର୍ଗଙ୍କ ଅପେକ୍ଷାର ଅନ୍ତ ଘଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ୫ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସଂକ୍ରାନ୍ତ ଫାଇଲକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖୁବ୍‌ଶୀଘ୍ର ଏନେଇ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହେବ। ଏହାପରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବ ବୋଲି ମନ୍ତ୍ରିମଣ୍ଡଳର ଜଣେ କ୍ୟାବିନେଟ୍ ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ଡାଟାବେସ୍ ଓ ପୋର୍ଟାଲ ପ୍ରସ୍ତୁତ ପ୍ରକ୍ରିୟା ଜୋରଦାର ହୋଇଛି। ଏତେସଂଖ୍ୟକ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବା ପାଇଁ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିବେ। ଉଲ୍ଲେଖଯୋଗ୍ୟ ଯେ ମୌସୁମୀ ବିଧାନସଭା କାଳରେ ବିଧାୟକ ➪ପୃଷ୍ଠା-୬



## ଭାରତୀୟ ମହିଳା ଦଳକୁ ସ୍ୱର୍ଣ୍ଣ ସହ ଅଲିମ୍ପିକ୍ସ ଯୋଗ୍ୟତା

ଗିଫୁ,୨।୧୦ଃ ଚଳିତ ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳ ଐତିହାସିକ ସଫଳତା ଅର୍ଜନ କରିଛି। ଦଳ ଚୀନ୍‌କୁ ୧-୦ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାତେଇଛି। ଏଥିସହ ଦଳ ଆଗାମୀ ୨୦୨୮ରେ ଲସ୍ ଏଞ୍ଜେଲ୍‌ସରେ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛି। ସେହିପରି ଦଳ ୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଛି। ଏହା ପୂର୍ବରୁ ଶେଷ ଥର ପାଇଁ ଦଳ ଗତ ୨୦୮୨ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଦଳ ସମାନ ସଫଳତା ହାସଲ କରିଥିଲା। ସଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଜିର ମ୍ୟାଚ୍‌ରେ ଗୋଟିଏ ମାତ୍ର ଗୋଲ୍ କରିଥିଲା। କିନ୍ତୁ ଚୀନ୍ ପକ୍ଷରୁ ହୋଇଥିବା ଏକାଧିକ ଆକ୍ରମଣକୁ ଗୋଲ୍‌କିପର୍ ସବିତା ପୁନିଆ ବଞ୍ଚାଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ପକ୍କା କରିଥିଲେ। ସେହିପରି ଆଜି ଦଳର ଅନ୍ୟତମ ତାରକା ଖେଳାଳି ଲାଲ୍‌ରେମସିଆମି ମାର୍ଜୋତେ କ୍ୟାରିଅର୍‌ର ୨୦୦ତମ ମ୍ୟାଚ୍ ଖେଳିଥିବା ବେଳେ ସେ ଏହାକୁ ସ୍ମରଣୀୟ କରିଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରେ ଦଶମ ମିନିଟ୍‌ରେ ସେ ଏହି ଗୋଲ୍‌ଟି ସ୍କୋର୍ କରିଥିଲେ।

ଆଜିର ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ତଥା ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା ଚୀନ୍ ଚମତ୍କାର ପ୍ରାରମ୍ଭ କରିଥିଲା। ଦଳ ଏକାଧିକ ବାର ଭାରତୀୟ ସର୍କଲ୍‌ରେ ପ୍ରବେଶ କରି ଗୋଲ୍‌ପୋଷ୍ଟ୍‌କୁ ଟାର୍ଗେଟ୍ କରିଥିଲା। କିନ୍ତୁ ଅଭିଜ୍ଞ ଗୋଲ୍‌କିପର୍ ସବିତା ତାଙ୍କର ସମସ୍ତ ଅଭିଜ୍ଞତାର

**ଏସିଆନ୍ ଗେମ୍ସ ହକି**

- ୪ ଦଶନ୍ଧି ଅପେକ୍ଷାର ଅନ୍ତ
- ୨୦୦ତମ ମ୍ୟାଚ୍‌ରେ ଲାଲ୍‌ରେମ୍‌ସିଆମିଙ୍କ ବିଜୟସୂଚକ ଗୋଲ୍
- ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ପୁରସ୍କାର ଘୋଷଣା
- ଶୁଭେଚ୍ଛା ଦେଲେ ମୋଦି

ଉପଯୋଗ କରି ଚୀନ୍ ଖେଳାଳିଙ୍କୁ ଗୋଲ୍ ଦେବାର କୌଣସି ସଫଳତା ଦେଇ ନ ଥିଲେ। ବଲ୍‌କୁ ଚୀନ୍ ଖେଳାଳି ଅଧିକ ସମୟ ନିଜ ନିୟନ୍ତ୍ରଣରେ ରଖିବା ଫଳରେ ଭାରତୀୟ ଖେଳାଳିଙ୍କୁ ବି ପ୍ରତିପକ୍ଷ ସର୍କଲ୍‌ରେ ପ୍ରବେଶର ଅଧିକ ସୁଯୋଗ ମିଳି ନ ଥିଲା। କିନ୍ତୁ ଦଳକୁ ମିଳିଥିବା କମ୍ ସୁଯୋଗ ସତ୍ତ୍ୱେ ଭାରତ ଦଶମ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲା। ସଲିମା ଟେଟେଙ୍କ ପାସ୍‌କୁ ଲାଲ୍‌ରେମ୍‌ସିଆମି ଚୀନ୍ ଗୋଲ୍‌ପୋଷ୍ଟ୍ ଭିତରେ ପ୍ରବେଶ କରାଇ ଦଳକୁ ୧-୦ରେ ଆଗୁଆ କରାଇଥିଲେ। ଲାଲ୍‌ରେମ୍‌ସିଆମିଙ୍କ ରିଭର୍ସ ଶଟ୍ ଚୀନ୍ ଗୋଲ୍ ପୋଷ୍ଟର ଉପର ନେଟ୍‌ରେ ବାଜିବା ସହ ଗୋଲ୍‌କିପର୍ ଲିଉ ପିଙ୍ଗ୍‌ଙ୍କୁ ପରାସ୍ତ କରିଥିଲା। ସେହିପରି ଭାରତ ପକ୍ଷରୁ ଡିଫେଣ୍ଡର୍ ସୁଶୀଲା ଚାନୁ, ଜ୍ୟୋତି ଓ ଈଶିକା ଚୌଧୁରୀ ଗୋଲ୍‌ପୋଷ୍ଟ୍ ଉପରେ ହୋଇଥିବା ଆକ୍ରମଣକୁ ସହଜରେ ପ୍ରତିହତ କରିବାରେ ସକ୍ଷମ ହୋଇଥିଲେ। ଫଳସ୍ୱରୂପ ଚୀନ୍ ସ୍ଥିତି ବରାବର କରିବାରେ ସକ୍ଷମ ହୋଇପାରିନଥିଲା। ଶେଷରେ ଭାରତ ତା'ର ଅଗ୍ରଣୀକୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ କାଏମ ରଖି ଚାମ୍ପିଅନ୍ ହୋଇଥିଲା। ମହିଳା ହକିରେ ସ୍ୱର୍ଣ୍ଣ ସହ ପ୍ରତିଯୋଗିତାରେ ଭାରତୀୟ ପଦକ ସଂଖ୍ୟା ୭୬ରେ ପହଞ୍ଚିଛି।

ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନ ସହ ଏସିଆନ୍ ଗେମ୍ସରେ ଦ୍ୱିତୀୟ ପଦକ ଜିତିବା ପରେ ଏନେଇ ଖୁସି ପ୍ରକଟ କରିବା ସହ ହକି ଇଣ୍ଡିଆ ପୁରସ୍କାର ଘୋଷଣା କରିଛି। ଏହି ଘୋଷଣା ଅନୁସାରେ, ଚାମ୍ପିଅନ୍ ଟିମ୍‌ର ପ୍ରତିଟି ସଦସ୍ୟାଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଦଳର ସପୋର୍ଟ ଷ୍ଟାଫ୍‌ମାନଙ୍କୁ ୫.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ମିଳିବ। ଏନେଇ ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂହ ଏହି ଘୋଷଣା କରିଛନ୍ତି।

ସେହିପରି ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଜିତିବା ପରେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ପାଖାପାଖି ୪ ଦଶନ୍ଧି ପରେ ଦଳର ➪ପୃଷ୍ଠା-୬




### ସିଇସିଙ୍କ ଇସ୍ତଫା ଦାବି ନେଇ ଜନ୍ତରମନ୍ତରରେ ତେଜିଲା ଆନ୍ଦୋଳନ

## ହେଭିୱେଟ୍ ନେତାଙ୍କ ସମେତ ୧୧୦୦ରୁ ଅଧିକ ଅଟକ

ନୂଆଦିଲ୍ଲୀ, ୨।୧୦ଃ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକରି ଦିଲ୍ଲୀର ଜନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ୧୧୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୁଲିସ ଶୁକ୍ରବାର ଅଟକ ରଖିଛି। ସେମାନଙ୍କ ମଧ୍ୟରେ ବହୁ ଛାତ୍ରସଂଘର କର୍ମୀଙ୍କ ସମେତ ଆମ୍ ଆଦମୀ

- ଶିବାଜୀ ପାର୍କ ଆନ୍ଦୋଳନରେ ସିଜେପିକୁ ସଫଳତା

ପାର୍ଟି (ଆପ୍), ସିପିଆଇ (ଏମ୍)ର ଅନେକ ହେଭିୱେଟ୍ ନେତା ଅଛନ୍ତି। ପୁଲିସ ଅଟକ ରଖିଥିବା ଆନ୍ଦୋଳନକାରୀଙ୍କ ମଧ୍ୟରେ ଆପ୍ ନେତା ସୌରଭ ଭରଦ୍ୱାଜ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ମାରଲେନା, ସଞ୍ଜୟ ସିଂ, ସିପିଆଇ(ଏମ) ନେତ୍ରୀ ବୃନ୍ଦା କରାତ୍, ଅଖିଳ ଭାରତ ଛାତ୍ର ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷା ନେହା ଭୋରାଙ୍କ ପରି ବହୁ ହେଭିୱେଟ୍ ନେତା ରହିଛନ୍ତି। ଶୁକ୍ରବାର ବିଳମ୍ବିତ ରାତି ଯାଏ ଦିଲ୍ଲୀ ନେଟ୍‌ୱର୍କର ସମସ୍ତ ମେଟ୍ରୋ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ଖୋଲା ରଖାଯାଇଛି।

ସୂଚନାଯୋଗ୍ୟ ଯେ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ତଥା ଭୋଟର ତାଲିକା ପରିଚାଳନାକୁ ନେଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ବହୁ ଛାତ୍ର ସଂଗଠନ ଗାନ୍ଧି ଜୟନ୍ତୀରେ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲେ। ଫଳରେ ଗାନ୍ଧି ଜୟନ୍ତୀରେ ହେବାକୁ ଥିବା ବ୍ୟାପକ ଜନ ଆନ୍ଦୋଳନକୁ ଦୃଷ୍ଟିରେ ରଖି କୌଣସି ପ୍ରତିବାଦ ସଭା ତଥା ଅନଧିକୃତ ଏକତ୍ରିକରଣକୁ ରୋକିବା ଲାଗି ପୂର୍ବରୁ ସମଗ୍ର ଦିଲ୍ଲୀ ଜିଲ୍ଲାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ➪ପୃଷ୍ଠା-୬




### ଏମଏମଡିଆର ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟ ନେଇ ସାଂସଦଙ୍କ ମତ

## ଘରୋଇ କମ୍ପାନୀକୁ ବିଜେଡିର ଅନୁକମ୍ପା ପଛର ରହସ୍ୟ କ'ଣ?

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଏମ୍ଏମ୍‌ଡିଆର୍ ଆଇନ ଓ ପ୍ରାକୃତିକ ସମ୍ପଦ ଯୋଗାଣକୁ ନେଇ ବିଜେଡି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବାରମ୍ବାର ମିଛ କଥା କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ। ଓଡ଼ିଶାର ଜନସାଧାରଣ ଏତେ ବୋକା ନୁହଁନ୍ତି ଯେ ଏକା ମିଛକୁ ବାରମ୍ବାର କହିଲେ ତାହାକୁ ସତ ବୋଲି ଗ୍ରହଣ କରିନେବେ। ଓଡ଼ିଶା ହାଇକୋର୍ଟଙ୍କ ଗତକାଲିର ରାୟରୁ ସ୍ପଷ୍ଟ ହୋଇଛି ଯେ ଗତ ବିଜେଡି ସରକାର କିଭଳି ଭାବେ ଘରୋଇ କମ୍ପାନୀମାନଙ୍କୁ ଘଷ୍ଟ ଘୋଡ଼ାଇ ଅହେତୁକ ଅନୁକମ୍ପା ଦେବାର ବାଟ ତିଆରି କରିଥିଲେ। ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ ସୋସିଆଲ୍ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ହାଇକୋର୍ଟ ଏକ ନିର୍ଦ୍ଦିଷ୍ଟ ଘରୋଇ ଶିଳ୍ପ ସଂସ୍ଥାକୁ ୨୦୦୪ରେ ବିଜେଡି ସରକାର ଦ୍ୱାରା ଦିଆଯାଇଥିବା ୧୫୦ ନିୟୁତ ଟନ୍ ବକ୍ସାଇଟ୍ ଯୋଗାଣ ଦାବିକୁ ସ୍ପଷ୍ଟ ଭାବେ ଖାରଜ କରିଦେଇଛନ୍ତି। ପ୍ରାକୃତିକ ସମ୍ପଦକୁ ନେଇ ପୁରୁଣା ପ୍ରତିଶ୍ରୁତି ଦେଖାଇ ଚାଲୁଥିବା ଆଇନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରର ମୋଦି ସରକାରଙ୍କ ସ୍ୱଚ୍ଛ ଏମ୍ଏମ୍‌ଡିଆର୍ ଆଇନ ଓ ଏମସିଆର୍ ୨୦୧୬ ନିୟମ ୪୫ ସଂଶୋଧନ ପରେ ବକ୍ସାଇଟ୍‌ର ହାରାହାରି ବିକ୍ରି ମୂଲ୍ୟରେ କନଭର୍ସନ ଫ୍ୟାକ୍ଟର ଲାଗୁ ହୋଇଥିଲା। ଏହାଦ୍ୱାରା ବକ୍ସାଇଟ୍‌ର ଦର ପ୍ରତି ଟନ୍‌ରେ ୭୫୦ ଟଙ୍କାରୁ ୧୭୦୭ ଟଙ୍କାକୁ ବୃଦ୍ଧି ପାଇଥିଲା। ଏହି ନିୟମ ଯୋଗୁଁ ଓଡ଼ିଶା ଖଣି ନିଗମ ଲାଭବାନ୍ ହେବା ସହ ଓଡ଼ିଶାକୁ ରୟାଲଟି, ଡିଏମ୍ଏଫ୍ ଓ ଏନ୍ଏମ୍ଇଟି ଜରିଆରେ ହଜାର ହଜାର କୋଟି ଟଙ୍କାର ବର୍ଦ୍ଧିତ ରାଜସ୍ୱ ମିଳିଥାନ୍ତା। କିନ୍ତୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ୧ ଫେବୃଆରୀ ୨୦୨୦ (ଚିଠି ନଂ-୧୦୪୪) ଓ ୭ ଅକ୍ଟୋବର ୨୦୨୦ (ଚିଠି ନଂ-୮୫୬୯/ଏସ୍ଏମ୍)ରେ ପୃଥକ ଚିଠି ଲେଖି କନଭର୍ସନ ଫ୍ୟାକ୍ଟରକୁ କମାଇ ଘରୋଇ କମ୍ପାନୀ ଚାହୁଁଥିବା ସର୍ବନିମ୍ନ ଦର ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏକ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ଅନୁକମ୍ପା ଦେବା ପାଇଁ ଏହି ଚିଠି ଲେଖାଯାଇଥିଲା, ଯାହାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଥିଲେ।

ଏହି ସନ୍ଦର୍ଭରେ ଶ୍ରୀ ପ୍ରଧାନ ନବୀନବାବୁଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ରଖିବାକୁ ଦାବି କରିଛନ୍ତି। ରାଜ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ନିୟମକୁ କାର୍ଯ୍ୟକାରୀ ନ କରି ତାହାକୁ ପୁନର୍ବିଚାର ➪ପୃଷ୍ଠା-୬


ବିଜେଡ଼ି ଓ ନବୀନବାବୁ ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରନ୍ତୁନି

## ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ଗଠନ ପାଇଁ ସ୍ୱତନ୍ତ୍ର ଅଭିଯାନ

- ଆଜିଠୁ ଆରମ୍ଭ ହେଲା ୪୪ ଦିନିଆ ସଚେତନତା ଅଭିଯାନ
- ସାଧାରଣ ଲୋକଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ)ଃ ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଏକ ସ୍ୱତନ୍ତ୍ର ୪୪ଦିନିଆ ଅଭିଯାନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଅବସରରେ ଆଜିଠୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ନଭେମ୍ବର ୧୪ ଶିଶୁ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାମସଭାରେ ଶିଶୁ ଶ୍ରମ ବିରୋଧରେ ସଂକଳ୍ପ ଗ୍ରହଣ କରାଯାଇ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରାଯିବ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ମଧ୍ୟ ଭିଡିଓ ବାର୍ତ୍ତା ଜରିଆରେ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅଭିଯାନର ମୁଖ୍ୟ ଆଧାର ହେଉଛି ସମୁଦାୟର ସକ୍ରିୟ ଅଂଶଗ୍ରହଣ। ଗ୍ରାମ ପଞ୍ଚାୟତକୁ ଅଭିଯାନର ମୁଖ୍ୟ କାର୍ଯ୍ୟାନ୍ୱୟନ ଏକକ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ନୂତନ କୌଣସି ସମାନ୍ତରାଳ ବ୍ୟବସ୍ଥା ସୃଷ୍ଟି ନ କରି ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ନେଇ ଅଭିଯାନକୁ ଆଗେଇ ନିଆଯିବ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ଓ ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି, ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ, ତୃଣମୂଳସ୍ତରୀୟ କର୍ମଚାରୀ ଏବଂ ଶ୍ରମ ପ୍ରଶାସନ ପ୍ରମୁଖ ଭାବେ ସାମିଲ ହେବେ। ଅଭିଯାନର ସୁଚାରୁ କାର୍ଯ୍ୟାନ୍ୱୟନ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ବିଭାଗୱାରୀ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସକ୍ରିୟ ପଦକ୍ଷେପରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏହି ଅଭିଯାନକୁ ଆଗେଇ ନିଆଯାଉଛି। ଶିଶୁ ଶ୍ରମର ତୁରନ୍ତ ନିରାକରଣ ସହ ଏହାର ମୂଳ କାରଣଗୁଡ଼ିକର ସମାଧାନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ତିନୋଟି ପ୍ରମୁଖ ରଣନୀତି ଗ୍ରହଣ କରାଯାଇଛି। ପ୍ରଥମତଃ, ଶିଶୁମାନଙ୍କୁ ବିଦ୍ୟାଳୟରେ ରଖିବା ଏବଂ ସେମାନଙ୍କ ମଧ୍ୟରେ ବିଦ୍ୟାଳୟ ଛାଡ଼ିବା ପ୍ରବୃତ୍ତିକୁ ରୋକିବା ପାଇଁ ➪ପୃଷ୍ଠା-୬

## ୪ରୁ ଦର ବଢ଼ାଇବ ଓମ୍‌ଫେଡ୍

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ)ଃ ଆସନ୍ତା ୪ ତାରିଖରୁ ଦୁଗ୍ଧ ଦର ବୃଦ୍ଧି କରିବ ଓମ୍‌ଫେଡ୍। ଟୋନଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୪ ଟଙ୍କାରୁ ବୃଦ୍ଧି ପାଇ ୫୮ ଟଙ୍କା ହେବ। ଅର୍ଥାତ୍ ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମିଲି) ୨ ଟଙ୍କା ବୃଦ୍ଧି ପାଇବ। ଏବେ ୫୦୦ ମିଲିଲିଟର ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍‌ର ଦର ୨୭ ଟଙ୍କା ଥିବା ବେଳେ ଏହା ୨୯ ଟଙ୍କାକୁ ବୃଦ୍ଧି ପାଇବ। ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କାରେ ପହଞ୍ଚିବ। ଅର୍ଥାତ୍ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ୩୦ ଟଙ୍କା ଦେବାକୁ ହେବ। ଏବେ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ୨୯ ଟଙ୍କା ଦେଉଛନ୍ତି ଗ୍ରାହକ। ଗୋଲ୍ଡ ଦୁଗ୍ଧ ଲିଟର ପିଛା ଦର ୬୨ ଟଙ୍କାକୁ ବୃଦ୍ଧି ପାଇଛି। ଆସନ୍ତା ୪ ତାରିଖରୁ ଆଧା ଲିଟର ଗୋଲ୍ଡ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୧ ଟଙ୍କା ଦେବାକୁ ହେବ। ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ପାଇବ। ଏବେ ଏହା ଲିଟର ପିଛା ୬୪ ଟଙ୍କାରେ ମିଳୁଥିବା ବେଳେ ଆଉ ଦୁଇ ଦିନ ପରେ ୬୬ ଟଙ୍କା ହୋଇଯିବ। ଅର୍ଥାତ୍ ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ୍ (୫୦୦ ମିଲି) ଦର ୧ ଟଙ୍କା ବୃଦ୍ଧି ପାଇବ।




### ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

## ଦଶହରା ପୂର୍ବରୁ କ୍ଷତିପୂରଣ

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ଓ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ କ୍ଷୟକ୍ଷତି ଆକଳନକୁ ତ୍ୱରାନ୍ୱିତ କରାଯିବ। ସମସ୍ତ ପ୍ରଭାବିତ ଜିଲ୍ଲାରେ ଆଗାମୀ ଦଶହରା ପୂର୍ବରୁ କ୍ଷତିପୂରଣ ପ୍ରଦାନ କରାଯିବ। ସେହିପରି ଆସନ୍ତା ୧୦ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଅନ୍ୟପକ୍ଷରେ ବନ୍ୟା ସମୟରେ ନିୟୋଜିତ ଥିବା ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏନଡିଆରଏଫ ଓ ଓଡ୍ରାଫ ସହ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ସରକାରଙ୍କ ପକ୍ଷରୁ ଶ୍ରୀ ପୂଜାରୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ସହାୟତା ସମ୍ପର୍କରେ ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୨୬୧ କୋଟି କ୍ଷତିପୂରଣ ପ୍ରଦାନ କରାଯାଇଛି। ସେଥିରୁ ଦକ୍ଷିଣ ଓଡିଶାକୁ ୨୦ କୋଟି ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ, ସେତେ ଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ କରିଛନ୍ତି।

## ଅଭିନେତ୍ରୀଙ୍କ ଉପରେ ୧୦୨.୫ କୋଟିର ଜରିମାନା

ନୂଆଦିଲ୍ଲୀ, ୨।୧୦ଃ ଅଭିନେତ୍ରୀ ରାନ୍ୟା ରାଓ ଓ ଅନ୍ୟ ତିନିଜଣଙ୍କ ଉପରେ କଷ୍ଟମ୍ସ ବିଭାଗ ୨୭୦.୮ କୋଟି ଟଙ୍କାର ଜରିମାନା ଲଗାଇଛି। ବେଆଇନ ସୁନା ଚୋରା ଚାଲାଣ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଷ୍ଟମ୍ସ ବିଭାଗ ଅନୁଯାୟୀ, ଅଭିଯୁକ୍ତମାନେ ଏକ ଏପରି ସିଣ୍ଡିକେଟର ଅଂଶ ଥିଲେ, ଯିଏ ୨୦୨୪ ମାର୍ଚ୍ଚରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଭାରତକୁ ୧୨୭ କିଲୋଗ୍ରାମରୁ ଅଧିକ ସୁନା ଚୋରା ଚାଲାଣ ମାଧ୍ୟମରେ ଆଣିଥିଲେ। ଏହି ସୁନାର ମୋଟ ମୂଲ୍ୟ ପ୍ରାୟ ୧୦୨.୫ କୋଟି ଟଙ୍କା ବୋଲି କୁହାଯାଇଛି। ଆଜ୍ ତକ୍ ରିପୋର୍ଟ ଅନୁଯାୟୀ, କଷ୍ଟମ୍ସର ଯୁଗ୍ମ କମିଶନର (ଏୟାରପୋର୍ଟ) ସନ୍ଦୀପ ଗୁଞ୍ଜାଲ ଗତ ୩୦ ତାରିଖରେ ଏହି ମାମଲାରେ ଆଦେଶ ଜାରି କରିଛନ୍ତି। ଆଦେଶ ଅନୁଯାୟୀ, ରାନ୍ୟା ରାଓଙ୍କୁ ସମ୍ପୂର୍ଣ୍ଣ ଚୋରା ଚାଲାଣ ସୁନା କନସାଇନମେଣ୍ଟ ପାଇଁ ଦାୟୀ କରାଯାଇଛି। ତାଙ୍କ ଉପରେ ୧୦୨.୫ କୋଟି ଟଙ୍କାର ଜରିମାନା ଲଗାଯାଇଛି।





### କାନ ଡେରିଥା

ପାର୍ବଣ ଋତୁର ଆରମ୍ଭରେ ପରା
ଚାନ୍ଦାଟା ପ୍ରବଳ ମିଳେ
କିଏ କେଉଁ ଢଙ୍ଗେ ପଇସା ମାଗନ୍ତି
ତାହା ସିଏ ନିଜେ ଜାଣେ
ଅର୍ଥ ରୋଟେସନ ହୁଏ...
ତଳଠୁ ଉପର ସବୁ କର୍ମଚାରୀ
ଦଶହରା ମଜା ନିଏ ।

■ ଦେବାଶିଷ

### ମୁକାବିଲା ପାଇଁ ତୟାର୍

## ବିଜେଡି ଜାରିକଲା ସେନାପତିଙ୍କ ତାଲିକା

- ସଂଗଠନ ସଜଡ଼ା ପରେ ମୁଖପାତ୍ର ଟିମ୍ ପ୍ରସ୍ତୁତ
- ପଲ୍ଲୀଠୁ ଦିଲ୍ଲୀ ଯାଏଁ ଲଢ଼ିବାକୁ ପ୍ରସ୍ତୁତି

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ)ଃ ଦଳୀୟ ସଂଗଠନକୁ ସଜାଡ଼ିବା ପରେ ବିଜେଡି ଏବେ ଶାସକ ଦଳର ମୁକାବିଲା ପାଇଁ ତା'ର ମୁଖପାତ୍ର (ସେନାପତି)ମାନଙ୍କର ତାଲିକା ଜାରି କରିଛି। ଏହି ଟିମ୍‌ରେ ସବୁବର୍ଗଙ୍କୁ ସ୍ଥାନ ମିଳିଥିବା ବେଳେ ଅଭିଜ୍ଞତାସମ୍ପନ୍ନ ନେତାମାନଙ୍କୁ ଦଳ ଆଗରେ ରଖିଥିବା ଲକ୍ଷ୍ୟ କରାଯାଇଛି।

ଦଳ ଆଜି ଜାରି କରିଥିବା ତା'ର ସେନାପତିଙ୍କ ତାଲିକାରେ ଇଲେକଟ୍ରୋନିକ ମିଡିଆ, ପ୍ରିଣ୍ଟ୍ ମିଡିଆ, ଆଇଟି ସେଲ୍, ରାଜ୍ୟ ଓ ଜାତୀୟସ୍ତରୀୟ ମୁଖପାତ୍ରମାନଙ୍କର ତାଲିକା ସମେତ ସୋସିଆଲ ମିଡିଆ ଓ ଆଇଟି ଷ୍ଟିଅରିଂ କମିଟି ତାଲିକା ଜାରି କରିଛି। ଗଣମାଧ୍ୟମରେ ବିଜେଡିକୁ ସୁରକ୍ଷା ଦେବା ସହ ଶାସକ ଦଳକୁ କିଭଳି କଡ଼ା ମୁକାବିଲା କରାଯାଇପାରିବ, ସେଥିପାଇଁ ଦଳ ମାପିଚୁପି ତାଲିକା ପ୍ରସ୍ତୁତ କରିଥିବା ଲକ୍ଷ୍ୟ କରାଯାଇଛି।

ଇଲେକଟ୍ରୋନିକ ମିଡିଆର ମୁଖ୍ୟ ସଂଯୋଜକ ରହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡକ୍ଟର ଅରୁଣ ସାହୁ। ଅଭିଜ୍ଞତା ଓ ବାକଚାତୁରୀ ଦୃଷ୍ଟିରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ଟିମ୍‌ରେ ଥିବା ଅନ୍ୟ ଦୁଇ ଜଣ ଦେବେଶ ଆଚାର୍ଯ୍ୟ ଓ ଲେନିନ୍ ମହାନ୍ତିଙ୍କ ତୁଳନାରେ ଇଲେକଟ୍ରୋନିକ ମିଡିଆ ସହ ଅରୁଣଙ୍କର ଅଧିକ ସମ୍ପର୍କ ରହିଛି। ସେହଭଳି ପ୍ରିଣ୍ଟ ମିଡିଆର ମୁଖ୍ୟ ସଂଯୋଜକ ହୋଇଛନ୍ତି ସଞ୍ଜୟ କୁମାର ଦାଶବର୍ମା। ଶ୍ରୀ ଦାଶବର୍ମା ପୂର୍ବତନ ମନ୍ତ୍ରୀ ଓ ଦଳର ଜଣେ ବରିଷ୍ଠ ସଦସ୍ୟ। ଗଣମାଧ୍ୟମ ଜଗତ ସହ ତାଙ୍କର ବେଶ୍ ସୁସମ୍ପର୍କ ରହିଛି। ଏହି ଟିମ୍‌ରେ ତାଙ୍କ ସହ ରହିଛନ୍ତି ସାମ୍ବାଦିକତାରୁ ବିଧାୟକ ହୋଇଥିବା ଗୌତମ ବୁଦ୍ଧ ଦାସ ଓ କିଛିଦିନ ଧରି ଦଳର ମିଡିଆ ଦାୟିତ୍ୱ ସମ୍ଭାଳୁଥିବା ପ୍ରିୟବ୍ରତ ମାଝୀ। ସେହିଭଳି ସୋସିଆଲ ମିଡିଆ ଟିମ୍‌ର ମୁଖ୍ୟ ସଂଯୋଜକ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା। ତାଙ୍କ ସହ ଟିମ୍‌ରେ ଆଉ ୪ ଜଣ ରହିଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଦଳର ସାମାଜିକ ଗଣମାଧ୍ୟମ ଦାୟିତ୍ୱ ପାଇଁ ସାମ୍ବାଦିକତାରୁ ରାଜନୀତିକୁ ଆସିଥିବା ସ୍ୱୟଂପ୍ରକାଶ ମହାପାତ୍ର ଓ ଦଳର ଅନ୍ୟତମ ଯୁବନେତା ଅମରେଶ ପତ୍ରୀ। ଏମାନଙ୍କ ବାଦ୍ ଦଳ ପକ୍ଷରୁ ୧୦ ଜଣ ଜାତୀୟ ମୁଖପାତ୍ରଙ୍କ ନାମ ଘୋଷଣା ହୋଇଛି। ଏହି ତାଲିକାରେ ଡକ୍ଟର ସନ୍ତୃପ୍ତ ମିଶ୍ର, ଡକ୍ଟର ସସ୍ମିତ ପାତ୍ର, ମାନସ ମଙ୍ଗରାଜ ଓ ସୁଲତା ଦେଓଙ୍କ ଭଳି ସାଂସଦଙ୍କ ସହ ପୂର୍ବତନ ସାଂସଦ ତଥା ବିଧାୟକ କଳିକେଶ ସିଂହଦେଓ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ପ୍ରମୁଖ ରହିଛନ୍ତି। ଏମାନେ ସାଧାରଣତଃ ଜାତୀୟ ସ୍ତରର ଗଣମାଧ୍ୟମରେ ଦଳ ପାଇଁ ମତ ରଖିବେ।

ସେହିପରି ରାଜ୍ୟସ୍ତରୀୟ ମୁଖପାତ୍ର ତାଲିକାରେ ୩୦ ଜଣଙ୍କ ନାମ ରହିଥିବାବେଳେ ଏଥିରେ ରାଜା ସ୍ୱାଇଁ, ପ୍ରସନ୍ନ ➪ପୃଷ୍ଠା-୬



## ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ



**କେନ୍ଦ୍ରାପଡ଼ା,୨।୧୦ (ସଂଚାର ବ୍ୟୁରୋ):** ପବିତ୍ର ମହାତ୍ମାଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳନ ସହିତ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ପ୍ରଧାନଙ୍କ ବିୟୋଗରେ ଶୋକସଭା ଚିନ୍ତାମଣି ଗୁରୁଜୀ ଓ ରୁକ୍ମିଣୀ ଦେବୀ ସ୍ମାରକୀ ନ୍ୟାସ ଓ ପୁରାତନ ଛାତ୍ର ସଂସଦ ମଧୁସାଗର ବିଦ୍ୟାପୀଠ ମିଳିତ ଉଦ୍ୟମରେ ସଂସଦର ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅଙ୍ଗୁଲାଇ ଗ୍ରାମଦେବୀ ମା'ତାରିଣୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ସଭାର ଆରମ୍ଭରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ।

ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ୍ ସୋସାଇଟିରେ ସଭାପତି ପ୍ରମୋଦ କୁମାର ସାହୁ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମାରକୀ ନ୍ୟାସର ସମ୍ପାଦକ ଭ୍ରମର ରାଉତ, ସୁଧିରଞ୍ଜନ ବାରିକ, ତରଣିସେନ ମଲ୍ଲିକ, କେଶବ ଚରଣ ଲେଙ୍କା, ଜୟନ୍ତୀ ସ୍ୱାଇଁ, ପ୍ରଭାସ ଚନ୍ଦ୍ର ଦାସ, ବୈଷ୍ଣବ ଚରଣ ଖଣ୍ଡୁଆଳ, ସାମ୍ବାଦିକ ମାଧବ ଚରଣ ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶୁଭାଂଶୁ କୁମାର ଦାସ, ଧ୍ରୁବ ଚରଣ ସାହୁ, ସୁନାକର ମଲ୍ଲିକ, ପ୍ରହ୍ଲାଦ ଦାସ, ନୀଳମାଧବ ରାଉତ, ଗଣେଶ୍ୱର ରାଉତ, ସୁବାସ ଚନ୍ଦ୍ର ଦାସ, ଅଜୟ ଜେନା, ଗୋଲଖ କୁମାର ସେଠୀ, ଶେଖ୍ ମନସୁର ଅଲ୍ଲି, ମହାକାଳପଡା ବିକାଶ ମଞ୍ଚ ସଭାପତି କାଶୀନାଥ ରାଉତରାୟ, ଶେଖ୍ ସଡିଲ, ବଳରାମ ଜେନା, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଦିବାକର ପ୍ରଧାନଙ୍କ ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଗାନ୍ଧୀ ଜୟନ୍ତୀରେ ସାଇ ମନ୍ଦିରରେ ଜଳ ନିଷ୍କାସନ ବ୍ୟବସ୍ଥା



**ଗରଦପୁର, ୨।୧୦ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ ଅଧିନସ୍ଥ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ବସନ୍ତପୁର ଠାରେ ଥିବା ଶିରିଡ଼ି ସାଇ ମନ୍ଦିର ପରିସରରେ ଉଦବୃତ ଜଳ ନିଷ୍କାସନ ସମସ୍ୟା ରହିଥିବା। ବିଶେଷକରି ବର୍ଷା ଦିନେ ଉଦବୃତ ବର୍ଷାଜଳ ନିଷ୍କାସିତ ହୋଇନପାରି ସମସ୍ୟା ସୃଷ୍ଟି କରୁଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗରଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଇ କାର୍ଯ୍ୟାରମ୍ଭ କରାଯାଇଛି । ଆଜି ପବିତ୍ର ଗାନ୍ଧି ଜୟନ୍ତି ରେ ପୂଜାର୍ଚ୍ଚନା କରାଯିବା ପରେ ଶିରିଡ଼ି ସାଇ ସେବା ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ସୁନିଲ ମହାନ୍ତି ନଡ଼ିଆ ବାଡ଼େଇ କାର୍ଯ୍ୟାରମ୍ଭ କରିଥିଲେ। ଟ୍ରଷ୍ଟର ସଦସ୍ୟ ଚଣ୍ଡି ପ୍ରସାଦ ମହାନ୍ତି,ସ୍ୱରୂପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗରଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଏଥିପାଇଁ ସହାୟତା ବ୍ରବସ୍ଥା କରାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି ।

## ଜୟଦେବ ନିର୍ବାଚନମଣ୍ଡଳୀ ବିଜେଡି ସଂଗଠନ ପକ୍ଷରୁ ଗାନ୍ଧୀ ଜୟନ୍ତୀ



**ବାଲିଅନ୍ତା,୨।୧୦ (ସଂଚାର ବ୍ୟୁରୋ):** ଜୟଦେବ ବିଜେଡି ସଂଗଠନ ପକ୍ଷରୁ ଆଜି ୧୫୭ ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବାଲିଅନ୍ତା ବ୍ଲକ ବିଜେଡି ସଭାପତି ତ୍ରୈଲୋକ୍ୟ ମଙ୍ଗରାଜ ଏବଂ ବାଲିପାଟଣା ସଭାପତି ପ୍ରତାପ କିଶୋର ନାୟକଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଏବଂ କର୍ମୀ ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଏକତ୍ରିତ ହୋଇ ପ୍ରଥମେ ସେଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଦେଶର ସ୍ୱାଧୀନତା ଆନ୍ଦୋଳନ, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ନିଃସହାୟଙ୍କ ସେବା କ୍ଷେତ୍ରରେ ଗାନ୍ଧିଜୀଙ୍କ ମହାନତା ଉପରେ ଗାନ୍ଧୀପ୍ରେମୀ ବ୍ୟକ୍ତି ବିଶେଷ ଗୁରୁତ୍ୱାରୋପ କରିଥିଲେ । ସେଠାରୁ ପଦଯାତ୍ରାରେ ଯାଇ ମହାତ୍ମା ଗାନ୍ଧୀ ସେତୁ ନିକଟସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତି ଏବଂ ପରେ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ସମ୍ମୁଖ ଗାନ୍ଧୀ ମୂର୍ତ୍ତିରେ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଟଙ୍କପାଣି ବ୍ରିଜ ନିକଟସ୍ଥ ଗାନ୍ଧୀ ସ୍ମାରକୀ ପୀଠରେ ପହଞ୍ଚି ମହାତ୍ମାଙ୍କ ସମେତ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ପୋଷ୍ଟ କର୍ମଚାରୀଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




**ମାର୍ଶାଘାଇ,୨।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇ ସବପୋଷ୍ଟ ଅଫିସର କର୍ମଚାରୀ ଙ୍କ ପକ୍ଷରୁ ଶୁକ୍ରବାର ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାସ୍ତା ସଫେଇ କରାଯାଇଥିଲା । ଏଏସପି ମନୋଜ କୁମାର ଦାସ,ପୋଷ୍ଟ ମାଷ୍ଟର ମାନସ ସାହୁ, ପିଏ ଅତିକାନ୍ତ ସେଠୀ, ପ୍ୟାକର ସୁମିତ କୁମାର ରଥ, ପୋଷ୍ଟମ୍ୟାନ କାମଳକାନ୍ତ ଶତପଥୀ, ପୋଷ୍ଟମ୍ୟାନ ଦୀପକ କୁମାର ସେଠୀ, ଏଜେଣ୍ଟ ଅନୁପମ ଚୌଧୁରୀ, ଗଜେନ୍ଦ୍ରନାଥ ଦାଶ ପ୍ରମୁଖ ଯୋଗଦେଇ ସଫେଇ କରିଥିଲେ ।

### ହଂସୁଆ ନଦୀରେ ଯୁବତୀଙ୍କ ମୃତ୍ୟୁ ଘଟଣା

# ଅଭିଯୋଗରେ ୫ ଦିନ ବିଳମ୍ବ କାହିଁକି ?

**କେନ୍ଦ୍ରାପଡ଼ା/ରାଜନଗର,୨।୧୦ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଧୀନ ହଂସୁଆ ନଦୀରେ ଭାସୁଥିବା ଯୁବତୀ ଶୁଭଶ୍ରୀ ଦାସଙ୍କ ସନ୍ଦିଗ୍ଧ ମୃତ୍ୟୁ ଘଟଣା ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ନିଖୋଜ ହେବାର ପାଞ୍ଚ ଦିନ ପରେ ପରିବାର ପକ୍ଷରୁ ଥାନାରେ ଏତଲା ଦାଖଲ, ନଦୀରେ ଭାସୁଥିବା ମୃତଦେହକୁ ପୁଣି ପାଣି ଭିତରକୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଏବଂ ଏବେ ଜେଜେ-ଜେଜେମାଙ୍କ ନୂଆ ବୟାନ— ଏହି ସବୁ ଘଟଣା ତଦନ୍ତକୁ ନୂଆ ମୋଡ଼ ଦେଇଛି। ଘଟଣାକୁ ନେଇ ଅଞ୍ଚଳରେ ନାନା ପ୍ରଶ୍ନ ଉଠୁଥିବାବେଳେ ପୋଲିସ ତଦନ୍ତର ଦିଗ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ପରିବାର ପକ୍ଷର ଅଭିଯୋଗ ଅନୁସାରେ, ଶୁଭଶ୍ରୀ ଗତ ସେପ୍ଟେମ୍ବର ୨୫ ତାରିଖରୁ ନିଖୋଜ ଥିଲେ। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଯୁବତୀ ହଠାତ୍ ଘରୁ ନିଖୋଜ ହେବା ପରେ ପରିବାର ପକ୍ଷରୁ ତୁରନ୍ତ ଥାନାରେ ଅଭିଯୋଗ କାହିଁକି କରାଯାଇନଥିଲା ? ସାଧାରଣତଃ ନିଖୋଜ ଘଟଣାରେ ପ୍ରଥମ ୨୪ ଘଣ୍ଟାକୁ ତଦନ୍ତ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଧରାଯାଏ। କିନ୍ତୁ ଏଠାରେ ପ୍ରାୟ ପାଞ୍ଚ ଦିନ ପରେ ଏତଲା ଦାଖଲ ହେବାରୁ ତଦନ୍ତର ଅନେକ ଗୁରୁତ୍ୱପୂର୍ଣ୍ଣ ସୂତ୍ର ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି।

ଏହି ଘଟଣାରେ ଆଉ ଏକ ସନ୍ଦେହଜନକ ଦିଗ ହେଉଛି ନଦୀରେ ଭାସୁଥିବା ମୃତଦେହକୁ ନେଇ

### ଜେଜେ-ଜେଜେମାଙ୍କ ବୟାନ ପରେ ବଢ଼ିଲା ରହସ୍ୟ

ଆସିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ। ଦୁଇଜଣ ସ୍ଥାନୀୟ ବ୍ୟକ୍ତି ଦାବି କରିଛନ୍ତି ଯେ, ନଦୀ କୂଳକୁ ଆସିଥିବା ମୃତଦେହକୁ କେତେକ ଲୋକ ପୁଣି ଗୋଡ଼ରେ ପଥର ବାନ୍ଧି ନଦୀ ମଝିକୁ ଫିଙ୍ଗି ଦେଇଥିଲେ। ଯଦି ଏହି ଅଭିଯୋଗ ସତ୍ୟ ହୁଏ, ତେବେ ଏହା କେବଳ ମାନବିକ ସମ୍ବେଦନଶୀଳତାର ଅଭାବ ନୁହେଁ, ବରଂ ସମ୍ଭାବ୍ୟ ପ୍ରମାଣ ନଷ୍ଟ କରିବା ଉଦ୍ୟମ ଥିଲା କି ନାହିଁ, ସେ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏହି ଦିଗରୁ ପୋଲିସ କାହାକୁ ପଚରାଉଚରା କରିଛି କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଗୁରୁବାର ଦିନ ଗଣମାଧ୍ୟମ ସମ୍ମୁଖରେ ଶୁଭଶ୍ରୀଙ୍କ ଜେଜେ ଓ ଜେଜେମା ଦେଇଥିବା ବୟାନ ମଧ୍ୟ ଘଟଣାକୁ ନୂଆ ଚର୍ଚ୍ଚାରେ ଆଣିଛି। ସେମାନଙ୍କ କହିବା ଅନୁଯାୟୀ, ଶୁଭଶ୍ରୀଙ୍କର ମାନସିକ ସମସ୍ୟା ଥିଲା ଏବଂ ସେ ଦଶମ ଶ୍ରେଣୀ ପରେ ପାଠପଢ଼ା ବନ୍ଦ କରିଥିଲେ। ଗତ ଶୁକ୍ରବାର ଦିନ ବାପା-ମା' ଘରେ ନଥିବା ସମୟରେ ସେ ହଠାତ୍ କେଉଁଠି ଚାଲିଯାଇଥିଲେ ବୋଲି ସେମାନେ ଦାବି କରିଛନ୍ତି। ତେବେ ଯଦି ପରିବାର ପୂର୍ବରୁ ଏପରି ସମସ୍ୟା ବିଷୟରେ ଅବଗତ ଥିଲେ, ତେବେ ନିଖୋଜ ହେବା ପରେ ତୁରନ୍ତ ପୋଲିସକୁ ସୂଚନା ଦେବାରେ ବିଳମ୍ବ କାହିଁକି ହେଲା— ଏହି ପ୍ରଶ୍ନ ଏବେ ମଧ୍ୟ ଉତ୍ତର ଅପେକ୍ଷାରେ ରହିଛି।

ବର୍ତ୍ତମାନ ଅଗ୍ନିଶମ ବାହିନୀ ଏବଂ ପୋଲିସ ନଦୀରେ ମୃତଦେହ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳତା ମିଳିନାହିଁ। ମୃତଦେହ ଉଦ୍ଧାର ହେବା ପରେ ହିଁ ପୋଷ୍ଟମର୍ଟମ ରିପୋର୍ଟ ମାଧ୍ୟମରେ ମୃତ୍ୟୁର ପ୍ରକୃତ କାରଣ ଏବଂ ସମୟ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ। ଏହା ସହିତ ଶୁଭଶ୍ରୀଙ୍କ ମୋବାଇଲ ଫୋନ୍ କଲ୍ ରେକର୍ଡ, ଶେଷ ଲୋକେସନ, ସିସିଟିଭି ଫୁଟେଜ୍ ଏବଂ ନିଖୋଜ ହେବା ପୂର୍ବରୁ ତାଙ୍କ ସହ କାହାର ସମ୍ପର୍କ ଥିଲା, ସେହି ସବୁ ଦିଗର ତଦନ୍ତ ମଧ୍ୟ ଘଟଣାର ରହସ୍ୟ ଖୋଲିବାରେ ସହାୟକ ହୋଇପାରେ।

ଏହି ଘଟଣା ବର୍ତ୍ତମାନ କେବଳ ଜଣେ ଯୁବତୀଙ୍କ ମୃତ୍ୟୁରେ ସୀମିତ ରହିନାହିଁ; ବରଂ ନିଖୋଜ ଅଭିଯୋଗରେ ବିଳମ୍ବ, ମୃତଦେହ ପରିଚାଳନାକୁ ନେଇ ଉଠିଥିବା ଅଭିଯୋଗ ଏବଂ ପରିବାରର ବିଭିନ୍ନ ବୟାନ ଏହାକୁ ଏକ ରହସ୍ୟମୟ ମାମଲାରେ ପରିଣତ କରିଛି।

## ସୋନାକ୍ଷୀ କୁଇଜରେ ପ୍ରଥମ, ପ୍ରବନ୍ଧରେ ଦ୍ୱିତୀୟ



**କେନ୍ଦ୍ରାପଡ଼ା, ୨।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଗୋପ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ସୋନାକ୍ଷୀ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ପ୍ରବନ୍ଧ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ କୁଇଜ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଆୟୋଜିତ ଏକ ସଭାରେ ତାଙ୍କୁ ପୁରସ୍କୃତ କରାଯାଇଛି।

ଏହି ସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଡେରାବିଶ ବ୍ଲକ ଶିକ୍ଷାଧିକାରୀ ମଦନମୋହନ କର, ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ମୋହନ ଜେନା, ଅଜୟ ସାମଲ, ଡାକ୍ତର ଶରତ ଚନ୍ଦ୍ର ସ୍ୱାଇଁ , ସଂପାଦକ ଆଦିକନ୍ଦ ରାଉଳ, ପୂର୍ବତନ ଅଧ୍ୟକ୍ଷ ଡ. ଚୈତନ୍ୟ ଚରଣ ପରିଡ଼ା, ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରତିଷ୍ଠାତା ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସୋନାକ୍ଷୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଜିଲା ପ୍ରଶାସନ ତଥା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ବଳଦେବ କଲ୍ୟାଣ ମଣ୍ଡପରେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ବିତରଣ ସଭାରେ ଜିଲାପାଳ ରଘୁରାମ ଆର ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଧୋୟାଞ୍ଚଳ ୧୦ ପଞ୍ଚାୟତରେ ସଂଯୋଗକାରୀ ରାସ୍ତାରେ ୨୫ଘାଇ

### ଚୁପ ବସିଛି ପ୍ରଶାସନ



**ପଟ୍ଟାମୁଣ୍ଡାଇ,୨।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷର ବର୍ଷା ଓ ବନ୍ୟା ବିପ୍ଲାତ ଠାରୁ ପ୍ରଶାସନିକ ଉଦାସୀନତା ଧୋୟା ଅଞ୍ଚଳ ଜନସାଧାରଣଙ୍କୁ ଅଧିକ ବ୍ୟଥିତ କରୁଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ଛୋଟ ବଡ଼ ୭ ଥର ବନ୍ୟା ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଚଳିତ ବନ୍ୟାରେ ରେକର୍ଡ ୪୫ଦିନଧରି ୧୦ଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଛିର୍ଣ୍ଣ ହୋଇ ଗୋରୁ ଗାଈ ମଣିଷ ଉଭୟ ଅକଥନୀୟ ଯନ୍ତ୍ରଣା ପାଇଲେ। ଏବେ ବନ୍ୟା ପ୍ରାୟତଃ ଛାଡିଲାଣି। ବର୍ଷା ଓ ବନ୍ୟା ଛାଡ଼ିବା ପରେ ପରେ ନାନାଦି ସଂକ୍ରମକ ରୋଗ ବ୍ୟାପିବାର ଆଶଙ୍କା ରହିଛି।

ଧୋୟାଞ୍ଚଳରେ ଅଣ୍ଡରା, ତୁଳସୀଡିଆ ଓ ଅଳପୁଆ ଠାରେ ୩ଟି ସରକାରୀ ଡାକ୍ତରଖାନା ରହିଛି। ହେଲେ ଦିନ ୧୨ଟା ପରେ ସବୁ ଡାକ୍ତରଖାନା ବସ୍ତୁତ ବନ୍ଦ ହୋଇଥାଏ। ଲୋକମାନେ ବାଧ୍ୟହୋଇ ଆମ୍ବୁଲାନ୍ସ ଡାକିଥାନ୍ତି ଜରୁରୀକାଳୀନ ଚିକିତ୍ସା ନିମନ୍ତେ। ବିଡମ୍ବନାର ବିଷୟ ହେଲା ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହିଁ ଓ ବଲୁରିଆ ଆଦି ପଞ୍ଚାୟତର ପ୍ରତ୍ୟେକ ଗାଁକୁ ସଂଯୋଗକାରୀ ରାସ୍ତାରେ ଏକାଧିକ ଘାଇ ହୋଇଛି ବର୍ଷା ଓ ବନ୍ୟା ଯୋଗୁଁ। ନାହିଆଡିଆ ମଳିକସାହି,ଦାଣ୍ଡିସାହି ଲକ୍ଷ୍ମୀନାରାୟଣ ମନ୍ଦିରପାଖ, କୁଳସାହି ଆଶ୍ରମ ସ୍କୁଲ ରାସ୍ତା, କୋଳଥିଆ - ବାଲିକିରା ରାସ୍ତା, ଅଳପୁଆର ବିଭିନ୍ନ ପଡା ଗ୍ରାମ, ଅଣ୍ଡରା ପଞ୍ଚାୟତ ବ୍ରାହ୍ମଣସାହି ରାସ୍ତା, ଅମୃତମଣୋହିଁ ନୂଆଡ଼ିଆ ଗୋଲକପାତ୍ରଙ୍କ ଘରପାଖ, ଜଗନ୍ନାଥପୁର ଗାଁରେ ୩ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି।

ଅନୁରୂପ ଭାବରେ ବାଲିପାଟଣା ପଞ୍ଚାୟତ ଆଗଡ଼ିଆ ନଦୀକୂଳ ରାସ୍ତାରେ ମଧ୍ୟ ଘାଇ ହୋଇଛି। ଏବେ ନିକଟରେ ଯାଜପୁରରୁ ଭାଷି ଆସିଥିବା ଜନୈକ ମହିଳା ନଦୀରୁ ଏହି ଗାଁରୁ ଉଦ୍ଧାର ହୋଇ ଥିଲେହେଁ ସେଠାକୁ ଆମ୍ବୁଲାନ୍ସ ପହଂଚିବା ସମ୍ଭବ ହେଲାନାହିଁ। ମଣ୍ଡପଡା ଗ୍ରାମର ଜୟଗୁରୁ ରାସ୍ତାରେ ମଧ୍ୟ ଏକାଧିକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ନୀଳକଣ୍ଠପୁର ଗାଁ ଆଗଡ଼ିଆ ରାସ୍ତା ମଧ୍ୟ ବନ୍ୟାସ୍ରୋତରେ ବ୍ୟାପକ କ୍ଷତି ହୋଇଛି। ମୋଟ ଉପରେ କହିବାକୁଗଲେ ଭଗବାନଙ୍କ ଭରସାରେ ବର୍ତ୍ତମାନ ଧୋୟାଞ୍ଚଳବାସିଙ୍କ ଜୀବନ। ଦେଖିବାକୁ ବାକି ରହିଲା କେଉଁଦିନ ରାଜ୍ୟ ସରକାର ବନ୍ୟା ମରାମତି ସହାୟତା ଅର୍ଥ ଯୋଗାଇବେ ରାସ୍ତାଘାଟ ସାମୟିକ ମରାମତି କରାଯିବ।

## ଭାଙ୍ଗିଲା ଜନନୀ ଏକ୍ସପ୍ରେସର ଆଗ ଚକ

### ୪୫ ମିନିଟ୍ ରାସ୍ତାରେ ଅଟକିଲେ ଗର୍ଭବତୀ, ଅନ୍ୟ ଗାଡ଼ିରେ ଗଲେ ଡାକ୍ତରଖାନ



**ମହାକାଳପଡ଼ା,୨।୧୦ (ସଂଚାର ବ୍ୟୁରୋ):** ଗର୍ଭବତୀ ମହିଳାଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଉଥିବା ଜନନୀ ଏକ୍ସପ୍ରେସ ମଝି ରାସ୍ତାରେ ଅଚଳ ହୋଇପଡ଼ିବା ଘଟଣା ମହାକାଳପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗାଡ଼ିର ବାମପଟ ଆଗ ଚକ ଭାଙ୍ଗିଯିବାରୁ ପ୍ରାୟ ୪୫ ମିନିଟ୍ ଧରି ଗର୍ଭବତୀ ମହିଳାଙ୍କୁ ରାସ୍ତା ମଝିରେ ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ଅନ୍ୟ ଏକ ଜନନୀ ଏକ୍ସପ୍ରେସ ଆସିବା ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା।

ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୧୦ଟା ସମୟରେ କଂସାର-ବଡ଼ଦାଣ୍ଡୁଆ ଅଞ୍ଚଳରୁ ଜଣେ ଗର୍ଭବତୀଙ୍କୁ ନେଇ ଜନନୀ ଏକ୍ସପ୍ରେସ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରତ ଗ୍ରାମ ନିକଟରେ ହଠାତ୍ ଗାଡ଼ିର ବାମପଟ ଆଗ ଚକ ଭାଙ୍ଗିଯାଇଥିଲା। ତେବେ ଗାଡ଼ିଟି ଭାରସାମ୍ୟ ହରାଇନଥିବାରୁ ଏକ ବଡ଼ ଅଘଟଣରୁ ରକ୍ଷା ପାଇଥିଲା।

ଡ୍ରାଇଭର ତୁରନ୍ତ ଅନ୍ୟ ଏକ ଜନନୀ ଏକ୍ସପ୍ରେସକୁ ଖବର ଦେଇଥିଲେ। ପ୍ରାୟ ୪୫ ମିନିଟ୍ ପରେ ଅନ୍ୟ ଗାଡ଼ି ପହଞ୍ଚିବାରୁ ଗର୍ଭବତୀଙ୍କୁ ସେଥିରେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାତ୍ରା କରାଯାଇଥିଲା।

ଜରୁରୀକାଳୀନ ସେବାରେ ନିୟୋଜିତ ଜନନୀ ଏକ୍ସପ୍ରେସ ଗାଡ଼ିଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଓ ଯାନ୍ତ୍ରିକ ଯାଞ୍ଚ ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ନେବା ସମୟରେ ଏଭଳି ଘଟଣା ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ଗାଡ଼ିଗୁଡ଼ିକର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

## ମଧ୍ୟାହ୍ନ ଭୋଜନରେ ପୋକ: ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ



**କେନ୍ଦ୍ରାପଡ଼ା/ଡେରାବିଶ,୨।୧୦ (ସଂଚାର ବ୍ୟୁରୋ):** ସରକାରୀ ବିଦ୍ୟାଳୟରେ ପଢ଼ୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ପୌଷ୍ଟିକ ଖାଦ୍ୟ ନିଶ୍ଚିତ କରିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମଧ୍ୟାହ୍ନ ଭୋଜନ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ପିଲାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସହ ସେମାନଙ୍କ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବା। ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ମଣ୍ଡଳ ଶିକ୍ଷା ବିଭାଗ ଅଧୀନ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏକ ଅଭିଯୋଗ ଏହି ଯୋଜନାର କାର୍ଯ୍ୟକାରିତା ଓ ନିରୀକ୍ଷଣ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

ଗତ ୧ ଅକ୍ଟୋବରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଗ୍ରହଣ କରୁଥିବା ବେଳେ ଜଣେ ଅଭିଭାବକ ଖାଦ୍ୟରେ ପୋକ ଥିବା ଦେଖିଥିବା ଅଭିଯୋଗ କରିଛନ୍ତି। ପିଲାଙ୍କ ଥାଳିରେ ପରିବେଷିତ ଖାଦ୍ୟ ଭିତରେ ପୋକ ଥିବା ଦେଖିବା ପରେ ସେ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇନଥିବା ଏବଂ ଏହାକୁ ଟାଳିବାକୁ ଚେଷ୍ଟା କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଘଟଣାର ଫଟୋ ପରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହିତ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପିଲାମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟରେ ଏଭଳି ଅପରିଷ୍କାର ସ୍ଥିତି କିପରି ସୃଷ୍ଟି ହେଲା, ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ ସମୟରେ କେଉଁଠି ଅବହେଳା ରହିଲା ଏବଂ ନିୟମିତ ତଦାରଖ ବ୍ୟବସ୍ଥା କେତେ ପ୍ରଭାବଶାଳୀ ରହିଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ତେବେ ଏହି ଘଟଣା ପରେ ସେହି ନିର୍ଦ୍ଦେଶାବଳୀ କେତେ ଦୂର ପାଳନ କରାଯାଉଛି ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ଏହି ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ ଘଟଣା ବିଷୟରେ ଅବଗତ ନଥିବା କହିଥିବା ଜଣାପଡ଼ିଛି। ଜିଲ୍ଲା ସ୍ତରର ଶିକ୍ଷା ପ୍ରଶାସନ ପାଖରେ ଏପରି ଏକ ସମ୍ବେଦନଶୀଳ ଘଟଣାର ସୂଚନା ନ ପହଞ୍ଚିବା ପ୍ରଶାସନିକ ସମନ୍ୱୟ ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି।

## ପୁନରୁଦ୍ଧାର ପରେ ବିଧାୟକଙ୍କ ଦ୍ୱାରା ଦୁଇ ସରକାରୀ ବିଦ୍ୟାଳୟର ଲୋକାର୍ପଣ



**ମାହାଙ୍ଗା,୨।୧୦ (ସଂଚାର ବ୍ୟୁରୋ):** ପବିତ୍ର ମହାତ୍ମା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଅବସରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବାଜପୁରା ପଞ୍ଚାୟତ ଅନ୍ତର୍ଗତ ଶଶୀଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ପହି ଗୋପାଳପୁର ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର କାର୍ଯ୍ୟ ପରେ ଏହାକୁ ଲୋକାର୍ପଣ କରାଯାଇଛି। ଦୀର୍ଘଦିନ ଧରି ଉକ୍ତ ଦୁଇଟି ବିଦ୍ୟାଳୟ ବନ୍ଦ ରହିଥିବାରୁ ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀମାନେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀଙ୍କ ଅନୁରୋଧକୁ ଗୁରୁତ୍ୱ ଦେଇ ବିଧାୟକଙ୍କ ଉଦ୍ୟମରେ ବିଦ୍ୟାଳୟ ଦୁଇଟିର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ଆଜି ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକ ସାରଦା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଦୁଇଟିକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ମାହାଙ୍ଗା ବିଇଓ ମୋନାଲିସା ସରକାର, ଏବିଇଓ ସବିତା କୁମାରୀ ସ୍ୱାଇଁ, ସିଆରସିସି ଦୁର୍ଗାଚରଣ ହେମ୍ବ୍ରମ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ଦେବେନ୍ଦ୍ରନାଥ ସାହୁ, ଭକ୍ତଚରଣ ସ୍ୱାଇଁ, ନୃସିଂହ ଚରଣ ମିଶ୍ର, ଜାନକୀକାନ୍ତ ଦାସ ଏବଂ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବ୍ରାଉନ୍ ସୁଗର ଜବତ, ଜଣେ ଗିରଫ



**ପାରାଦୀପ,୨।୧୦ (ସଂଚାର ବ୍ୟୁରୋ):** ବ୍ରାଉନ୍ ସୁଗାର କାରବାର ବିରୋଧରେ ପାରାଦୀପ ଲକ୍ ଥାନା ପୁଲିସର ଚଢ଼ଉ। କୋଲଡିହା ଛକ ନିକଟରେ ଚଢ଼ଉ କରି ବିଶ୍ୱାଳି ଗ୍ରାମର ଚିନ୍ମୟ ବେହେରା ଓରଫ ବଳରା (୪୪)ଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ନିକଟରୁ ୧୦.୨୨ ଗ୍ରାମ ବ୍ରାଉନ୍ ସୁଗାର, ୧୨ଟି ଚିଟ୍ ପେପର ଓ ଗୋଟିଏ ସାମସଙ୍ଗ ମୋବାଇଲ୍ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ବୋଲି ପୁଲିସ କହିଛି। ଗିରଫ ଚିନ୍ମୟଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଏନେଇ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ ହୋଇଥିବା ବେଳେ ନିଶା କାରବାରର ନେଟୱର୍କ ନେଇ ତଦନ୍ତ ଜାରି ରହିଛି।

## ଦେଶୀ ବନ୍ଧୁକ, ବାରୁଦ ସହିତ ଦୁଇ ଶିକାରୀ ଗିରଫ



**ନୀଳଗିରି,୨।୧୦ (ସଂଚାର ବ୍ୟୁରୋ):** କୁଲଡିହା ଅଭୟାରଣ୍ୟ ଦେବଗିରି ପାଦଦେଶ ଖୁମକୁଟ ଅଞ୍ଚଳରେ ସନ୍ଦିଗ୍ଧ ଶିକାରୀଙ୍କ ବାରମ୍ବାର ଗତିବିଧି ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇ ଆଜି ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦ୍ୱାରିକା ଗ୍ରାମରେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜର କର୍ମଚାରୀମାନେ ଚଢାଉ କରିଥିଲେ। ତେବେ ଗ୍ରାମର ବଡ ପ୍ରଧାନ ମୁର୍ମୁଙ୍କ ପୁଅ ନନ୍ଦିଆ ମୁର୍ମୁ(୪୧)ଙ୍କ ବାସଭବନ ତଲାସୀ ସମୟରେ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ବାଣ୍ଡୁଳି ଫାଶ ଏବଂ ୫ ଗ୍ରାମ କଳା ବାରୁଦ ଉଦ୍ଧାର କରାଯାଇ ଜବତ କରାଯାଇଥିବା ବେଳେ ନିଧି ସିଂଙ୍କ ପୁଅ ଶ୍ୟାମ ସିଂ (୨୮)ଙ୍କ ଘରୁ ଗୋଟିଏ ଧନୁ, ଗୋଟିଏ ତୀର ଏବଂ ପାଞ୍ଚଟି ଫାଶ ଗଣ୍ଠି ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ମାମଲା ପଞ୍ଜିକୃତ କରାଯାଇ ନୀଳଗିରିର ମାନ୍ୟବର ସବ-ଡିଭିଜନାଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଙ୍କ କୋର୍ଟକୁ ପଠାଯାଇଥିଲା। ସେଠାରେ ବେଲ ନାମଂଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇଦିଆଯାଇଛି।

# ଚାନ୍ଦୋଳ ଫାଣ୍ଡିକୁ ନେଇ ବଢୁଛି ଅସନ୍ତୋଷ

### ଫାଣ୍ଡିରେ କମ୍, ଥାନାରେ ଅଧିକ ସମୟ ବିତାଉଛନ୍ତି ଅଧିକାରୀ

### ବଢୁଛି ଦଲାଲଙ୍କ ସକ୍ରିୟତା

### ସେବା ପାଇଁ ହଇରାଣ ଲୋକେ




**ଡେରାବିଶ,୨।୧୦ (ସଂଚାର ବ୍ୟୁରୋ):** ଆଇନଶୃଙ୍ଖଳା ରକ୍ଷା ସହ ଲୋକଙ୍କ ଛୋଟବଡ଼ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଫାଣ୍ଡି ବ୍ୟବସ୍ଥା ଗଠନ କରାଯାଇଥାଏ। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାର ଚାନ୍ଦୋଳ ଫାଣ୍ଡିକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଫାଣ୍ଡି ଅଧିକାରୀ ନିୟମିତ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ନ ରହି ସଦର ଥାନାରେ ଅଧିକ ସମୟ ରହୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଏହାର ପରିଣାମ ସ୍ୱରୂପ ସାଧାରଣ ଲୋକଙ୍କୁ ନିଜ ଅଞ୍ଚଳର ଫାଣ୍ଡିରୁ ସେବା ପାଇବା ବଦଳରେ ଦୂର ସଦର ଥାନାକୁ ଦୌଡ଼ିବାକୁ ପଡୁଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅନେକ ସମୟରେ ଫାଣ୍ଡିରେ ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କୁ ନ ପାଇ ଅଭିଯୋଗକାରୀମାନେ ନିରାଶ ହୋଇ ଫେରୁଛନ୍ତି। ପାରିବାରିକ ବିବାଦ, ଜମିଜମା ସମସ୍ୟା, ଛୋଟ ଆଇନଶୃଙ୍ଖଳା ଘଟଣା କିମ୍ବା ସାଧାରଣ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଅନେକ କ୍ଷେତ୍ରରେ ସଦର ଥାନାକୁ ଯିବାକୁ ପରାମର୍ଶ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିରେ ସମୟ ଓ ଅର୍ଥ ଉଭୟ ନଷ୍ଟ ହେବା ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା କୁହାଯାଉଛି।

ଚାନ୍ଦୋଳ ଫାଣ୍ଡିକୁ ନେଇ ଆଉ ଏକ ଚର୍ଚ୍ଚାର ବିଷୟ ହେଉଛି କେତେକ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ଓ କଥିତ ଦଲାଲଙ୍କ ସକ୍ରିୟତା। କେତେକ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ଫାଣ୍ଡିକୁ ଆସୁଥିବା ଲୋକଙ୍କ ସମସ୍ୟାରେ କେତେକ ବ୍ୟକ୍ତି ଅନାବଶ୍ୟକ ହସ୍ତକ୍ଷେପ କରୁଥିବା ଦେଖାଯାଉଛି। ତେବେ ଏହି ଅଭିଯୋଗର ସ୍ୱାଧୀନ ଯାଞ୍ଚ ହୋଇନାହିଁ ଏବଂ ସମ୍ପୃକ୍ତ ପକ୍ଷର ମତାମତ ମିଳିପାରିନାହିଁ।

ଏଥିସହିତ ଅଞ୍ଚଳର କେତେକ ଲୋକ ଚାନ୍ଦୋଳ ଓ ଆଖପାଖ ଅଞ୍ଚଳରେ ଅବୈଧ ମଦ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର ଚାଲିଥିବା ଅଭିଯୋଗ ମଧ୍ୟ ଉଠାଇଛନ୍ତି। ଏପରି କାରବାର ଉପରେ ପୁଲିସ ଓ ଅବକାରୀ ବିଭାଗର ନଜରଦାରିକୁ ନେଇ ପ୍ରଶ୍ନ ଉଠୁଛି।

ଚାନ୍ଦୋଳ ଫାଣ୍ଡିର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଉଠିଥିବା ଅଭିଯୋଗଗୁଡ଼ିକର ନିରପେକ୍ଷ ଯାଞ୍ଚ କରାଯିବା, ଅଧିକାରୀଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରାଯିବା, ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ବ୍ୟବସ୍ଥା କରାଯିବା ଏବଂ ଅଞ୍ଚଳରେ ଚାଲିଥିବା ବୋଲି ଅଭିଯୋଗ ହେଉଥିବା ଅବୈଧ କାରବାର ଉପରେ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଏବେ ଜିଲ୍ଲା ପୁଲିସ ପ୍ରଶାସନ ଏହି ଅଭିଯୋଗଗୁଡ଼ିକୁ କେତେ ଗୁରୁତ୍ୱର ସହ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ରାଷ୍ଟ୍ରସେବା ପାଇଁ ପ୍ରେରଣା ଯୋଗାଉଛି: ମନମୋହନ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବୀୟ ମୂଲ୍ୟବୋଧର ପ୍ରବକ୍ତା ମହାତ୍ମା ଗାନ୍ଧିଙ୍କ ଆଦର୍ଶ ଆମ ସମସ୍ତଙ୍କୁ ସଦା ପ୍ରେରଣା ଯୋଗାଉଥିବା। ଗାନ୍ଧିଜୀଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରି ଏକ ସ୍ୱଚ୍ଛ, ସୁସ୍ଥ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜର ଯୋଗଦାନ ଦେବାକୁ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଗାନ୍ଧି ଜୟନ୍ତୀ ଅବସରରେ ରାଜ୍ୟ ଶ୍ରୀ ସାମଲ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସ୍ଥାନୀୟ ଜନତା ମଇଦାନଠାରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିପରି ସରଳତା, ସଚ୍ଚୋଟତା, ନିଷ୍ଠା ଓ ଦୃଢ଼ ସଂକଳ୍ପର ପ୍ରତୀକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ ରାଷ୍ଟ୍ରନାୟକ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନ ଓ ଆଦର୍ଶ ଆଜି ମଧ୍ୟ ଆମ ସମସ୍ତଙ୍କୁ ରାଷ୍ଟ୍ରସେବା ପାଇଁ ପ୍ରେରଣା ଯୋଗାଇଆସୁଛି। ଦେଶର ସୁରକ୍ଷା ପାଇଁ ଯବାନ ଓ ଦେଶର ଅନ୍ନଦାତା କୃଷକଙ୍କ ଅବଦାନକୁ ସମ୍ମାନ ଦେଇ ସେ ଦେଇଥିବା 'ଜୟ ଜବାନ, ଜୟ କିଷାନ'ର ମହାମନ୍ତ୍ର ସବୁ ଦିନ ପାଇଁ ଆମକୁ ଦେଶ ପ୍ରତି ଆମର କର୍ତ୍ତବ୍ୟକୁ ମନେ ପକାଇବ ବୋଲି ଶ୍ରୀ ସାମଲ କହିଛନ୍ତି।

# ଆଇଆଇଟିଏମ ସହାୟତାରେ କମିବ ପ୍ରାକୃତିକ ବିପର୍ଯ୍ୟୟ ପ୍ରକୋପ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ଏହାର ପ୍ରକୋପକୁ ହ୍ରାସ କରିବା ପାଇଁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସଡମା) ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଟ୍ରପିକାଲ ମେଟ୍ରୋଲୋଜି (ଆଇଆଇଟିଏମ) ସହାୟତାରେ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରକୋପ କମାଇବା ପାଇଁ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ରଣନୀତି ପ୍ରସ୍ତୁତ କରାଯାଉଛି।

ଏନେଇ ଆଇଆଇଟିଏମ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କରିବ ଏମଓୟୁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେଇଛନ୍ତି ସୂଚନା। ବଜ୍ରପାତ କ୍ଷୟକ୍ଷତି କମାଇବାକୁ ଆଇଆଇଟିଏମ ଦେବ ଜ୍ଞାନକୌଶଳ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନିକଟରେ ଅନେକ ପ୍ରମୁଖ କାର୍ଯ୍ୟ କରାଯାଇଛି। ଯେପରିକି ପ୍ରାକୃତିକ ବିପର୍ଯ୍ୟୟର ସଠିକ ଆକଳନ ଓ ପ୍ରସ୍ତୁତି ପାଇଁ ଓସଡମା ପକ୍ଷରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବାତ୍ୟା ଓ ବନ୍ୟାପ୍ରବଣ ୧୦ଟି ଉପକୂଳବର୍ତ୍ତୀ ଜିଲ୍ଲାର ଗ୍ରାମ ସ୍ତରରେ ଓ ଅବଶିଷ୍ଟ ୨୦ଟି ଜିଲ୍ଲାର ପଞ୍ଚାୟତ ସ୍ତରରେ ବିପର୍ଯ୍ୟୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଇ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଶୂନ୍ୟ ମୃତ୍ୟୁହାର' ଲକ୍ଷ୍ୟକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ମୋବାଇଲ ଓ ସୋସିଆଲ ମିଡିଆ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ସଠିକ ଓ ଆଗୁଆ ସୂଚନା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଉଛି। ସେହିପରି ରାଜ୍ୟରେ ଥିବା ୯୧୧ଟି ବିପର୍ଯ୍ୟୟ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ପ୍ରତ୍ୟେକ ଆଶ୍ରୟସ୍ଥଳୀକୁ ୬ ଲକ୍ଷ ଲେଖାଏଁ ସହାୟତା ପ୍ରଦାନ କରାଯାଉଛି। ବଦଳୁଥିବା ଜଳବାୟୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବେ ଗ୍ରୀଷ୍ମପ୍ରବାହ (ଲୁ) ଓ ବଜ୍ରପାତକୁ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ତାଲିକାରେ ସାମିଲ କରି ଏହାର ମୁକାବିଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି।

## ହବିଷ୍ୟାଳିଙ୍କ ପାଇଁ ୬ରୁ ଅନଲାଇନ ଆବେଦନ

■ ନିଶୁଳ୍କ ରହଣୀ ଓ ମହାପ୍ରସାଦ ବ୍ୟବସ୍ଥା



ପୁରୀ,୨।୧୦(ସଂଚାର ବ୍ୟୁରୋ): ଶ୍ରୀକ୍ଷେତ୍ରରେ ନିଶୁଳ୍କ ହବିଷ୍ୟାଳି ବ୍ରତ ପାଇଁ ଆସନ୍ତା ୬ରୁ ଆରମ୍ଭ ହେବ ହବିଷ୍ୟାଳୀ ଯୋଜନାର ଅନଲାଇନ୍ ଆବେଦନ। ଆସନ୍ତା ୨୬ରୁ ନଭେମ୍ବର ୨୪ ପର୍ଯ୍ୟନ୍ତ ହେବ କାର୍ତ୍ତିକ ବ୍ରତ। ପୂର୍ବବର୍ଷମାନଙ୍କ ଭଳି ଅନଲାଇନ୍ ମାଧ୍ୟମରେ ଆବେଦନ କରି ପଞ୍ଜୀକରଣ କରିପାରିବେ ହବିଷ୍ୟାଳି ମା'। ଏଣୁ ଆଗାମୀ ୬ ତାରିଖ ସକାଳ ୧୦ଟାରୁ ଧାର୍ଯ୍ୟ ୨୫୦୦ ଆସନ ପୂରଣ ହେବା ପର୍ଯ୍ୟନ୍ତ ଚାଲିବ ଅନଲାଇନ୍ ଆବେଦନ। ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା ଏନେଇ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଶୁଳ୍କ ରହଣୀ, ମହାପ୍ରସାଦ ସେବନ ସହ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସ୍ୱତନ୍ତ୍ର ମହାପ୍ରଭୁଙ୍କ ଦର୍ଶନ ସୁବିଧା ଯୋଗାଇ ଦିଆଯିବ। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ସମେତ ୩ ଅସ୍ଥାୟୀ ଶିବିରରେ ହେବ ବ୍ୟବସ୍ଥା। ବୃନ୍ଦାବତୀ ନିବାସ, ପୌର କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୨୫୦୦ ହବିଷ୍ୟାଳିଙ୍କ ପାଇଁ ରହଣୀ, ସ୍ୱତନ୍ତ୍ର ଶ୍ରୀମନ୍ଦିର ଦର୍ଶନ ଓ ମାଗଣା ମହାପ୍ରସାଦର ବ୍ୟବସ୍ଥା ରହିବ। ୩୦ଟି ଜିଲ୍ଲାରୁ ଆବେଦନ କରିପାରିବେ ଯୋଗ୍ୟ ମହିଳା। ୭୦ ବର୍ଷ ପର୍ଯ୍ୟନ୍ତ ବିଧବା ଓ ୫୦ରୁ ୭୦ ବର୍ଷର ବିବାହିତ ମହିଳା ଆବେଦନ କରିପାରିବେ।

## ସୋସିଆଲ ମିଡିଆ ଆକ୍ରମଣରୁ ଗାନ୍ଧିଜୀଙ୍କ ଆଦର୍ଶକୁ ସୁରକ୍ଷିତ ରଖିବାକୁ ଭକ୍ତଙ୍କ ଆହ୍ୱାନ




ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧି ଜୟନ୍ତୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଜାତିର ପିତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗାନ୍ଧି ମୈଦାନ ଓ କଂଗ୍ରେସ ଭବନସ୍ଥିତ ଗାନ୍ଧି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମବେତ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି ଯେ ସୋସିଆଲ ମିଡିଆରେ ଗାନ୍ଧିଜୀଙ୍କ ସମ୍ପର୍କରେ ବ୍ୟାପୁଥିବା ଭୁଲ ସୂଚନା ଏବଂ ବିକୃତ ଇତିହାସର ଆକ୍ରମଣରୁ ତାଙ୍କର ମହାନ ସ୍ମୃତି ଓ ଆଦର୍ଶକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ଏଇ ତିନୋଟି ମିଛକୁ ସାମାଜିକ ଗଣମାଧ୍ୟମରେ ସଂଘ ପରିବାର ବିଶେଷ କରି ମୋଦି ସରକାରର ପ୍ରୋତ୍ସାହନରେ ୨୦୧୪ ପରଠାରୁ ଯୁବବର୍ଗ ମଧ୍ୟରେ ପ୍ରଚାର କରିଦିଆଯାଇଛି। ଏଭଳି ତିନୋଟି ବ୍ୟାପକ ଭ୍ରାନ୍ତ ଧାରଣା ବିଷୟରେ କିଛି ଐତିହାସିକ ସତ୍ୟ ଆମକୁ ଉପସ୍ଥାପନ କରି ସତ କ'ଣ ତାହା ଯୁବବର୍ଗର ମନରେ ପୂରାଇବାକୁ ହେବ। ସେ କହିଥିଲେ ଯେ ପ୍ରଥମଟି ହେଲା ଦେଶ ବିଭାଜନର ସତ୍ୟତା। ମହାତ୍ମା ଗାନ୍ଧି କେବେବି ଦେଶ ବିଭାଜନର ରୂପରେଖ ପ୍ରସ୍ତୁତ କରି ନ ଥିଲେ। ବରଂ ସେ ଏହାର ସବୁଠାରୁ ବଡ଼ ବିରୋଧୀ ଓ ଏଥିପାଇଁ ଗଭୀର ମର୍ମାହତ ଥିଲେ। ଦେଶର ବିଭାଜନ ପାଇଁ ତାଙ୍କର ସମସ୍ତଙ୍କୁ ଆପଣେଇବାର ଧର୍ମନିରପେକ୍ଷ ଆଭିମୁଖ୍ୟକୁ ଦାୟୀ କରିବା ଇତିହାସର ଏକ ସମ୍ପୂର୍ଣ୍ଣ ବିକୃତି। ଭାରତର ବିଭାଜନ ହେଉଛି ବ୍ରିଟିଶମାନଙ୍କର 'ଶାସନ କର ଓ ଭାଗ କର' ନୀତି, ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ ଓ ହିନ୍ଦୁ ମହାସଭାର କଠୋର ସାମ୍ପ୍ରଦାୟିକ ରାଜନୀତିର ଏକ ଦୁଃଖଦ ପରିଣାମ। ଗାନ୍ଧିଜୀ କେବେବି 'ଦ୍ୱି-ଜାତି ତତ୍ତ୍ୱ'କୁ ଗ୍ରହଣ କରି ନ ଥିଲେ। ଦିଲ୍ଲୀରେ ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହସ୍ତାନ୍ତର ଓ ବିଭାଜନର ସର୍ତ୍ତାବଳୀ ଉପରେ ଆଲୋଚନା କରୁଥିଲେ, ଗାନ୍ଧିଜୀ ସେତେବେଳେ କ୍ଷମତାର କରିଡରରେ ନ ଥିଲେ।

## ସିଏଜି ରିପୋର୍ଟ ପ୍ରସଙ୍ଗ | ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥିଲା ବିଜେଡି ସରକାର: ସତ୍ୟବ୍ରତ

● ପୂର୍ବ ସରକାରଙ୍କ ଦୁର୍ବଳ କାର୍ଯ୍ୟାନ୍ୱୟନକୁ ପଦାରେ ପକାଇଲେ ସିଏଜି



ଭୁବନେଶ୍ୱର,୨।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ ଯୋଗେ ପର୍ଯ୍ୟାପ୍ତ ଓ ନିରାପଦ ପାନୀୟ ଜଳ ପହଞ୍ଚାଇବା ଏହାର ଲକ୍ଷ୍ୟ ଥିଲା। କିନ୍ତୁ ଅଗଷ୍ଟ ୨୦୧୯ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ମହାଲେଖା ନିୟନ୍ତ୍ରକ (ସିଏଜି) ରିପୋର୍ଟ ପୂର୍ବ ସରକାରଙ୍କ ଯୋଜନା, ତଦାରଖ ଓ କାର୍ଯ୍ୟ ସମ୍ପାଦନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଓଡ଼ିଶାବାସୀଙ୍କୁ ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥିଲା ବିଜେଡି ସରକାର ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଥିବା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟର ୮୮.୬୮ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ୬୪.୭୧ ଲକ୍ଷ ପରିବାରକୁ ନଳ ଯୋଗେ ପାନୀୟ ଜଳ ମିଳିଥିବା ଦାବି କରାଗଲା। ଓଡ଼ିଶାରୁ ପ୍ରାୟ ୩୧ ପ୍ରତିଶତ ପରିବାର ଏହି ଯୋଜନାରୁ ବାଦ୍ ପଡ଼ିଥିଲେ। ଭାରତ ପାଇଁ ଏହି ପରିମାଣ ହେଉଛି ୨୪ ପ୍ରତିଶତ। ୨୦୧୯-୨୪ରେ ନିଆଯାଇଥିବା ୨୦୭ ମେଗା ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଜୁନ୍ ୨୦୨୪ ସୁଦ୍ଧା ମାତ୍ର ୨ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ଏହି ସଂଖ୍ୟାତ୍ମକ କେବଳ ପ୍ରକଳ୍ପର ବିଳମ୍ବ ନୁହେଁ, ବରଂ ସେତେବେଳର ପ୍ରକଳ୍ପ ପରିଚାଳନା ଓ ତଦାରଖ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଆବଶ୍ୟକତାକୁ ସାମନାକୁ ଆଣିଛି।

ସିଏଜିଙ୍କ ଅନୁଧ୍ୟାନରେ ୫ଟି ଜିଲ୍ଲାର ୮,୮୦୦ ଗାଁ ମଧ୍ୟରୁ ୧,୨୩୭ଟିରେ ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନା ଓ ୧, ୨୩୦ଟିରେ ଗ୍ରାମ୍ୟ ଜଳ ଏବଂ ପରିମଳ କମିଟି ନ ଥିଲା। ଜିଲ୍ଲା ଜଳ ଓ ପରିମଳ ମିଶନର ୨୫୫ଟି ଆବଶ୍ୟକ ବୈଠକ ବଦଳରେ ମାତ୍ର ୩ଟି ଅର୍ଥାତ୍ ପ୍ରାୟ ୧୩ ପ୍ରତିଶତ ବୈଠକ ହୋଇଥିଲା। 'ଗାଁର ଜଳ ଯୋଜନା ନାହିଁ, ଗାଁର ଜଳ କମିଟି ନାହିଁ ଜିଲ୍ଲାସ୍ତରୀୟ ତଦାରଖ ବୈଠକ ମଧ୍ୟ ନିୟମିତ ହୋଇ ନ ଥିବା ବେଳେ ଯୋଜନାକୁ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ କରାଯାଉଥିଲା ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ପାନୀୟ ଜଳର ଗୁଣବତ୍ତା ସମ୍ପର୍କିତ ସିଏଜିଙ୍କ ତଥ୍ୟ ମଧ୍ୟ ଚିନ୍ତାଜନକ। ପରୀକ୍ଷାଗାରରେ ୭୭ଟି ଜଳର ଗୁଣାତ୍ମକମାନ ମଧ୍ୟରୁ ୨୬ଟି 'ନ୍ୟାସନାଲ ଆକ୍ରିଡିଏସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରଟୋରୀ'ର ସ୍ୱୀକୃତି, ୧୭ଟି ଚିହ୍ନଟ ଓ ୩୪ଟିର ଉଭୟ ସ୍ୱୀକୃତି ବା ଚିହ୍ନଟ ନ ଥିଲା। ସିଏଜି ମାନବ ସମ୍ବଳ ଅଭାବ, ସ୍ୱଳ୍ପ ତାଲିମ ଓ ଅନେକ ଯନ୍ତ୍ରପାତିର କଥା ମଧ୍ୟ ଉଲ୍ଲେଖ କରିଛି। ଜଳର ଗୁଣାତ୍ମକ ମାନ ପରିଚାଳନା ଓ ନିରୀକ୍ଷଣରେ ବ୍ୟୟ ଥିଲା ମାତ୍ର ୦.୩୮ ପ୍ରତିଶତ, ଯାହାକି ୨ ପ୍ରତିଶତ ହେବା କଥା। 'ସିଏଜିଙ୍କ ତଥ୍ୟ ପୂର୍ବ ସରକାରଙ୍କ ୨୦୧୯-୨୪ କାର୍ଯ୍ୟାନ୍ୱୟନ ସମୟ ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠାଇଛି, ସେଗୁଡ଼ିକର ତଥ୍ୟଭିତ୍ତିକ ଉତ୍ତର ଜନସାଧାରଣଙ୍କ ସାମ୍ନାକୁ ଆସିବା ଦରକାର ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ତେଜେଶ୍ୱର ପରିଡ଼ା ମଧ୍ୟ ଉପସ୍ଥିତ ଥିଲେ।

## ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି

ଆର୍ଥିକ ବିକାଶ ସହ ପରିବେଶ ସୁରକ୍ଷା ଜରୁରୀ: ରାଜ୍ୟପାଳ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଆର୍ଥିକ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ପରିପୂରକ ହେବା ଆବଶ୍ୟକ। ଏଥିପାଇଁ ସ୍ୱଚ୍ଛ, ସ୍ମାର୍ଟ ଓ ଜଳବାୟୁ-ସହନଶୀଳ ବିକାଶ ମଡେଲ ଆପଣାଇବାକୁ ପଡ଼ିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି।

ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଆୟୋଜିତ ତୃତୀୟ 'ଆର୍ଥ ଏଗେନ୍ କନକ୍ଲେଭ୍-୨୦୨୬'ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ହୋଇ ରହିନାହିଁ। ଅନିୟମିତ ବର୍ଷା, ବଢ଼ୁଥିବା ତାପମାତ୍ରା ଓ ଅନିୟମିତ ପାଣିପାଗ ଘଟଣା ଏବେ କୃଷି, ଜଳସମ୍ପଦ, ସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରଭାବିତ କରୁଛି। 'ଜେନ୍ ଜି-ଜେନେରେସନ୍ କ୍ଲାଇମେଟ୍' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ଦୂତ ହେବା ସହ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ରୋକିବା କେବଳ କୌଣସି ଗୋଟିଏ ଅନୁଷ୍ଠାନ କିମ୍ବା ସମାଜର ଗୋଟିଏ ବର୍ଗର ଦାୟିତ୍ୱ ନୁହେଁ। ଏହା ସମସ୍ତଙ୍କର ମିଳିତ ଦାୟିତ୍ୱ। ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ, ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ମିଳିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ କ୍ଷେତ୍ର ନିଯୁକ୍ତି, ଜୀବିକା ଓ ଆର୍ଥିକ ବିକାଶ ପାଇଁ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପରିବେଶ ପ୍ରତି ଅଧିକ ଦାୟିତ୍ୱଶୀଳ ହୋଇ ବିକାଶକୁ ଆଗେଇ ନେବା ଦରକାର। ପ୍ରଦୂଷଣ ହ୍ରାସ, ଶକ୍ତି ଓ ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ହ୍ରାସ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା କରୁଥିବା ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପାଇଁ ସେ ଆହ୍ୱାନ ଦେଇଥିଲେ। ଯୁବପିଢ଼ିଙ୍କୁ ବୈଦ୍ୟୁତିକ ଯାନ ଓ ସ୍ୱଚ୍ଛ ପରିବହନ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ ଦେଇ ଲୋକ ଭବନରେ ସ୍ଥାପିତ ୬୩୫ କିଲୋୱାଟ୍‌ର ସୌର ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟପାଳଙ୍କ କାରକେଡ୍‌ରେ ମଧ୍ୟ ବୈଦ୍ୟୁତିକ ଯାନ ବ୍ୟବହାର ଆରମ୍ଭ ହୋଇଥିବା ସେ କହିଥିଲେ।

## ଏକାମ୍ର ନିର୍ବାଚନମଣ୍ଡଳୀରୁ ଆରମ୍ଭ ହେଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

● ଭଲ କାମ ପାଇଁ ବିଜେଡି ଲୋକଙ୍କ ହୃଦୟରେ ଅଛି ଓ ରହିବ: ନବୀନ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଆଜି ଗାନ୍ଧି ଜୟନ୍ତୀଠାରୁ ବିଜେଡିର ବାର୍ଷିକ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନମଣ୍ଡଳୀରୁ ଶୁଭାରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ବିମାନବନ୍ଦର ନିକଟସ୍ଥ ରଜ ପଡ଼ିଆରୁ ପଦଯାତ୍ରାର ଶୁଭାରମ୍ଭ କରି ଦଳର ସଭାପତି ପଟ୍ଟନାୟକ କହିଥିଲେ ଯେ ବିଜେଡି ତା'ର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିବ। ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରି ସେ କହିଲେ ଯେ ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ସରକାର କହୁଛନ୍ତି ଲୋକଙ୍କ ସରକାର। କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହାଁ। ପିଲାଙ୍କ ପାଠ ବହି ନାହିଁ। ବୁଢ଼ାବୁଢ଼ୀଙ୍କ ପେନସନ ନାହିଁ। ଚାଷୀ ହଇରାଣ, ମା'ମାନେ ହଇରାଣ, ଆଇନ ଶୃଙ୍ଖଳା ବୋଲି କିଛି ନାହିଁ।

ରାଜ୍ୟ ସରକାରଙ୍କ ବିଫଳତା ଓ କୁପରିଚାଳନା ଉପରେ ନବୀନ କହିଥିଲେ ଯେ ଏ ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବେ ପରିଚାଳନା କରିପାରିଲେନି। ବନ୍ୟା ରିଲିଫ ଓ ଧାନ ସଂଗ୍ରହରେ କୁପରିଚାଳନା, ନିଯୁକ୍ତି ପରୀକ୍ଷା କୁପରିଚାଳନା, ଅର୍ଥ ବ୍ୟବସ୍ଥାରେ କୁପରିଚାଳନା। ସବୁ କାମରେ ଏ ସରକାର ଫେଲ୍। ଲୋକେ କହୁଛନ୍ତି ଯେ ବୋଧେ ଓଡ଼ିଶା ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି। କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ। ଓଡ଼ିଶା ସରକାର ଚୁପ। ୨୦ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ଚୁପ। କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ। ପିଲାଙ୍କ ପଢ଼ା ବହି କଥା ନ କହିବା ଭଲ। କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କହିବା ସହ ନବୀନ କ୍ଷୋଭ ପ୍ରକାଶ କରିଥିଲେ।

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ପଞ୍ଚସଖା ଶିକ୍ଷା ସେତୁ** : ଗାନ୍ଧୀ ଜୟନ୍ତୀ ଅବସରରେ ମହିପାଳ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ଯଥା ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟଙ୍କ ପକ୍ଷରୁ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ପଞ୍ଚସଖା ଶିକ୍ଷା ସେତୁ (ମୋ ସ୍କୁଲ) ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା ତାଙ୍କ ବକ୍ତବ୍ୟରେ ପଞ୍ଚସଖା ଶିକ୍ଷା ସେତୁର ସରକାରୀ ନିୟମାବଳୀ ଉପରେ ଆଲୋକପାତ କରିବା ସହ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଏଥିରେ ଯୋଗଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଛାତ୍ର ତଥା ସମାଜସେବୀ ବଂଶୀଧର ମହାନ୍ତି ଆଜିର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଅନନ୍ତ କୁମାର ପରିଡ଼ା ଗାନ୍ଧି ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଛାତ୍ର ପୀତବାସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନୃସିଂହ ଚରଣ ପାତ୍ର, ବୁଲା ନନା, ଶ୍ରୀଧର ନାଥ, ବିନୋଦ ବିହାରୀ ସାହୁ, ମହିପାଳ ଯୁବ ପରିଷଦର ସଭାପତି ପ୍ରଭାସିଶ ମହାନ୍ତି ମଧ୍ୟ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ପ୍ରକୃତି ମିତ୍ର ଗୀତାଞ୍ଜଳି ସାମଲ ଆଜିର ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। ସଭାରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାମନ୍ତରାୟ ଓ ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଶେଷରେ ମହିପାଳ ଯୁବ ପରିଷଦର ସମ୍ପାଦକ ଅଜିତ କୁମାର ଦାସ ଧନ୍ୟବାଦ ଦେଇଥିଲେ।




**ପୂର୍ବତଟ ରେଳପଥ** : ସମ୍ପ୍ରତି 'ସ୍ୱଚ୍ଛତା ହି ସେବା-୨୦୨୬' ଅଭିଯାନ ଚାଲିଥିବା ବେଳେ ଏହାର ଅଂଶସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ଆଜି ମହାତ୍ମା ଗାନ୍ଧି ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ରେଳ ହାଉସ୍ ଗେଟ୍‌ଠାରୁ ରେଳ କୁଞ୍ଜ କଲୋନୀ ଦେଇ ରେଳ ସଦନ ପର୍ଯ୍ୟନ୍ତ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସ୍ୱଚ୍ଛତା ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଭାତ ଫେରୀ ପରେ ରେଳ ସଦନ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ପରିବେଶ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ଶପଥ ଓ ସ୍ୱଚ୍ଛତା ପରିଚର୍ଚ୍ଚା ମଧ୍ୟ ଆୟୋଜିତ ହୋଇଥିଲା।



**ପ୍ରଦେଶ କଂଗ୍ରେସ**: ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଉତ୍ସବ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନରେ ପାଳିତ ହୋଇଛି। ଏହି ଅବସରରେ ସକାଳେ ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ନେତୃମଣ୍ଡଳୀ ସ୍ଥାନୀୟ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧି ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧି ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ଗାନ୍ଧିଆନ୍ ଥଟସ୍ ଏଣ୍ଡ ପ୍ରିନ୍ସିପଲ୍ସ ଟ୍ରଷ୍ଟ**: ରାଜ୍ୟସ୍ତରୀୟ ଅନୁଷ୍ଠାନ 'ଗାନ୍ଧିଆନ୍ ଥଟସ୍ ଏଣ୍ଡ ପ୍ରିନ୍ସିପଲ୍ସ ଟ୍ରଷ୍ଟ' ପକ୍ଷରୁ ଗାନ୍ଧି ଜୟନ୍ତୀ କାର୍ଯକ୍ରମ ସ୍ଥାନୀୟ ୟୁନିଟ୍-୯ସ୍ଥିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସଭାପତି ସତ୍ୟବ୍ରତ ଧୂପାଳଙ୍କ




ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍‌ର ସମ୍ପାଦକ ଶିକ୍ଷାବିତ୍ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଯୋଗ ଦେଇଥିଲେ। ସଭାପତି ସତ୍ୟବ୍ରତ ଧୂପାଳ ଗାନ୍ଧୀଜୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦିକା ଡଃ ନମିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍‌ର ଅଧ୍ୟକ୍ଷ ଡଃ ସ୍ୱରୂପାନନ୍ଦ ମିଶ୍ର, ସମାଜସେବୀ ରବୀନ୍ଦ୍ର ରାଉତରାୟ, ଟ୍ରଷ୍ଟର କର୍ମକର୍ତ୍ତା ପ୍ରଦ୍ୟୋତ କୁମାର ନାୟକ, ଶିବ ପ୍ରସାଦ ପଟ୍ଟନାୟକ, ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ତରାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ସମ୍ପର୍କିତ ରଚନା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଗାନ୍ଧିଜୀଙ୍କ ଆଦର୍ଶର ଅନୁପ୍ରାଣିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍- ୩ର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ତରାଇଙ୍କୁ ପ୍ରଥମ 'ଗାନ୍ଧି ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସଭା ଶେଷରେ ଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଡିଏମଏଫ୍ ପାଣ୍ଠିରେ ମହୁ ଚାଷ, ୧.୨୬ ପ୍ରତିଶତ ଉତ୍ପାଦନ



ଭୁବନେଶ୍ୱର,୨।୧୦: ଖଣିଜ ପାଣ୍ଠି ଅର୍ଥ ବିନିଯୋଗରେ ମହୁଚାଷ ହୋଇଥିଲା ସୁନ୍ଦରଗଡ ଜିଲ୍ଲାରେ। ଲକ୍ଷ୍ୟ ଥିଲା ୧,୩୨,୫୦୦ କିଲୋଗ୍ରାମ ମହୁ ଉତ୍ପାଦନ ହେବ। ହେଲେ ହୋଇଥିଲା ମାତ୍ର ୧୬୮୧ କିଲୋଗ୍ରାମ। ମହୁ ଚାଷରେ ଲାଗିଥିବା କୋଟି କୋଟି ଟଙ୍କା ପାଣିରେ ପଡିଥିଲା। ଏଭଳି ଅନିୟମତା ଦର୍ଶାଯାଇଛି ସିଏଜିଙ୍କ ରିପୋର୍ଟରେ। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଲୋକମାନଙ୍କୁ ଆତ୍ମନିର୍ଭର କରିବାପାଇଁ ସୁନ୍ଦରଗଡ ଜିଲ୍ଲାରେ ମହୁଚାଷ ଆରମ୍ଭ ହୋଇଥିଲା। ଜିଲ୍ଲା ପ୍ରକଳ୍ପ ପରିଚାଳକ ଓ ଓଡିଶା ଜୀବିକା ମିଶନ ସହାୟତାରେ ଏହା କାର୍ଯ୍ୟକାରୀ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟକାରିତା ରିପୋର୍ଟ ଅନୁଯାୟୀ ୧୩,୨୫୦ ମହୁମାଛି କଲୋନୀରୁ ପ୍ରଥମବର୍ଷରେ ୫୩,୦୦୦ କିଲୋଗ୍ରାମ ମହୁ, ଦ୍ୱିତୀୟ ବର୍ଷରେ ୭୯,୫୦୦ ଓ ତୃତୀୟ ବର୍ଷରେ ୧,୦୬,୦୦୦ କିଲୋ ମହୁ ଉତ୍ପାଦନର ଲକ୍ଷ୍ୟଥିଲା। ତେବେ ୨୦୨୨-୨୪ ବର୍ଷରେ ଡିଏମଏଫକୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛିଯେ ୧୦,୧୦୦ ମହୁମାଛୀ କଲୋନୀ ମଧ୍ୟରୁ ମାତ୍ର ୮୩୩ଜଣ ହିତାଧିକାରୀଙ୍କର ୪୧୬୫ଟି ଜୀବନ୍ତ ରହିଥିଲା। ନିର୍ଦ୍ଧାରିତ ୧,୩୨,୫୦୦ କିଲୋ ମହୁ ବଦଳରେ ଏହାର ମାତ୍ର ୧.୨୬ ପ୍ରତିଶତ ଅର୍ଥାତ୍ ୧୬୮୧ କିଲୋ ମହୁ ମିଳିଥିଲା। ଏଥିରେ ଡିଏମଏଫ୍ ପାଣ୍ଠିରୁ ପ୍ରାୟ ୧୧ କୋଟି ଟଙ୍କାର ଅପଚୟ ହୋଇଥିଲା।

ପ୍ରକଳ୍ପ ବିଫଳତାର ସତ୍ୟତା ଯାଞ୍ଚ ସମୟରେ ଦେଖାଯାଇଥିଲା ଯେ ରାଜଗାଙ୍ଗପୁର ବ୍ଲକର ତିନିଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠିରେ ମହୁମାଛି ପଳାଇଯିବା ଓ ବିରୁଡି ଆକ୍ରମଣ ଯୋଗୁଁ ମହୁମାଛି ବାକ୍ସଗୁଡିକ ଅବ୍ୟବହୃତ ହୋଇ ପଡି ରହିଥିଲା। ତେବେ ଏଭଳି ଅନିୟମିତତା ସଂକ୍ରାନ୍ତରେ ସରକାର ତାଙ୍କ ଉତ୍ତରରେ ଉଲ୍ଲେଖ କରିଥିଲେ ଯେ ହିତାଧିକାରୀମାନଙ୍କ ଦ୍ୱାରା ୧୫୦୦ କିଲୋଗ୍ରାମ ମହୁ ଉତ୍ପାନ କରାଯାଇଥିଲା। ସମସ୍ତ ଅଂଶୀଦାରଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା ଯାହାଦ୍ୱାରା ହିତାଧିକାରୀମାନଙ୍କ ମହୁ ସଂଗ୍ରହ, ତାଲିମ ଓ ବିପଣନ କରାଯାଇପାରିବ। ସିଏଜି କହିଥିଲେ ଯେ ଏଭଳି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ପ୍ରକଳପରେ ଅଯୋଗ୍ୟ ପ୍ରଶିକ୍ଷକଙ୍କ ନିଯୁକ୍ତି ଯୋଗୁଁ ତାଲିମରେ ଅଭାବ, ମହୁମାଛି କଲୋନୀ ଯୋଗାଣ ବିନା ମହୁମାଛି ବାକ୍ସ ଯୋଗାଣ, ମହୁମାଛି କଲୋନୀ ଯୋଗାଣ ବିନା ମଧ୍ୟ ବାର୍ଷିକ ରକ୍ଷଣା ବେକ୍ଷଣ ଦେୟ ପ୍ରଦାନ ଏବଂ ମହୁମାଛି ବାକ୍ସର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଲଭି ବହୁ ଅନିୟମିତତା ହୋଇଥିଲା। ଉଲ୍ଲେଖନୀୟ ଯେ ମହୁମାଛ ବାକ୍ସର ରକ୍ଷଣା ବେକ୍ଷଣ ସହିତ ମହୁମାଛି ଓଢଣା ପାଇଁ ୯୯୯ ଟଙ୍କା ଏବଂ ହାତ ଗ୍ଲୋଭସ୍ ପାଇଁ ୩୫୦ ଟଙ୍କା କରି ପ୍ରଦାନ କରାଯାଇଥିଲା। ଏ ବାବଦରେ ୧୩,୨୫୦ ଟି ମହୁବାକ୍ସ ପାଇଁ ୧କୋଟି ୭୮ଲକ୍ଷ ଟଙ୍କା ଦିଆଯାଇଥିଲା। ହେଲେ ଅଧିକାଂଶ ସ୍ଥାନରେ ମହୁ ବାକ୍ସ ଅବ୍ୟବହୃତ ହୋଇ ପଡିରହିଥିଲେ ମଧ୍ୟ କର୍ତ୍ତୃପକ୍ଷ ଅର୍ଥ ପ୍ରଦାନ କରିଥିଲେ। ଏହା ଫଳରେ ଡିଏମଏଫ୍ ପାଣ୍ଠିର ଅପଚୟ ହୋଇଥିଲା। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆଉ ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୩ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Saturday 3 October 2026, Bhubaneswar

# ଶେଷ ପର୍ଯ୍ୟାୟରେ ଚୁକ୍ତି

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଉ ଥରେ ଶେଷ ମୁହୂର୍ତ୍ତରେ ଅଟକି ରହିଛି। ଅକ୍ଟୋବର ୨, ୨୦୨୬ରେ ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିୟର ସ୍ପଷ୍ଟ କହିଛନ୍ତି ଯେ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି, କିନ୍ତୁ ଚୁକ୍ତି ଶୀଘ୍ର ସମ୍ପନ୍ନ ହେବାର ସମ୍ଭାବନା ନାହିଁ। ମିଲୱାଙ୍କିରେ ଜି-୨୦ ବାଣିଜ୍ୟମନ୍ତ୍ରୀ ବୈଠକ ସମୟରେ ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟାଲଙ୍କ ସହ ତାଙ୍କ କଥାବାର୍ତ୍ତା ଗଠନମୂଳକ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫୋନ୍ କଥାବାର୍ତ୍ତା ମଧ୍ୟ ହୋଇଛି। ତଥାପି ୱାଶିଂଟନ୍ କହୁଛି, ଅଟକି ଥିବା ବିଷୟଗୁଡ଼ିକର ଏକ ସମ୍ପୂର୍ଣ୍ଣ ତାଲିକା ଚିହ୍ନଟ ହୋଇଛି, ସେଗୁଡ଼ିକ ଏଯାଏଁ ସମାଧାନ ହୋଇନାହିଁ। ନୂଆଦିଲ୍ଲୀ ପକ୍ଷରୁ ସ୍ୱର ଅପେକ୍ଷାକୃତ ଆଶାବାଦୀ। ଗୋୟାଲ କହିଛନ୍ତି, ଚୁକ୍ତି ପ୍ରାୟ ପ୍ରସ୍ତୁତ; ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ଆମେରିକୀୟ ବଜାରରେ ଭାରତକୁ ସ୍ପଷ୍ଟ ପ୍ରତିଯୋଗୀ ସୁବିଧା ମିଳିବ। ଏହା କାର୍ଯ୍ୟକାରୀ ହେବା ଏହି ଦୁଇ ସ୍ୱର ମଧ୍ୟର ଫାଙ୍କ ହିଁ ଏବେ ସବୁଠୁ ବଡ଼ ଖବର।

ଏହା ନୂଆ ବିଳମ୍ବ ନୁହେଁ। ଫେବୃଆରୀ ୨୦୨୫ରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ଘୋଷଣା ହୋଇଥିଲା। ବୃହତ୍ ଚୁକ୍ତି ୨୦୨୫ ଶରତ ସୁଦ୍ଧା ସମାପ୍ତ ହେବାର ଲକ୍ଷ୍ୟ ଥିଲା। ତା'ପରେ କେବଳ ଶୁଳ୍କ ଉପରେ ଏକ ଛୋଟ ଚୁକ୍ତିର କଥା ହେଲା। ଫେବୃଆରୀ ୨୦୨୬ରେ ଦୁଇ ନେତା ଅନ୍ତର୍ବର୍ତ୍ତୀ ଚୁକ୍ତି ମାର୍ଚ୍ଚ-ଏପ୍ରିଲ୍ ସୁଦ୍ଧା ସମାପ୍ତ କରିବାକୁ ପୁଣି ପ୍ରତିଶ୍ରୁତି ଦେଲେ। ସେହି ମାସରେ ଏକ ଢାଞ୍ଚା ମଧ୍ୟ ଘୋଷିତ ହେଲା-ଆମେରିକା ଭାରତୀୟ ପଣ୍ୟ ଉପରେ ପ୍ରାୟ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବ, ଭାରତ ଶିଳ୍ପ ପଣ୍ୟ ଓ କିଛି କୃଷି ପଣ୍ୟରେ ଶୁଳ୍କ କମାଇବ। ଅନ୍ତର୍ବର୍ତ୍ତୀ ଚୁକ୍ତି ଓ ବୃହତ୍ ଚୁକ୍ତି ଦୁହେଁ ଏଯାଏଁ ଅସମାପ୍ତ। ତାରିଖ ବଦଳୁଛି, ଅଟକ ରହିଥିବା ବିଷୟ ବଦଳୁ ନାହିଁ।

ଅଟକର ମୂଳ ରାଜନୀତି ଓ ଅର୍ଥନୀତିର ସଙ୍ଗମରେ। ୱାଶିଂଟନ୍ ପାଇଁ ରୁଷୀୟ ତେଲ କ୍ରୟ ଏକ ବଡ଼ ବିବାଦ। ସେପ୍ଟେମ୍ବର ୧୮, ୨୦୨୬ରେ ସ୍ୱାକ୍ଷରିତ ଏକ ଆଇନ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କଲେ ରୁଷୀୟ ତେଲ




ବା ଗ୍ୟାସ୍ କିଣୁଥିବା ଦେଶ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କର ବ୍ୟବସ୍ଥା ରଖିଛି। ଏହା ଅନ୍ୟ ଶୁଳ୍କ ଉପରେ ଅତିରିକ୍ତ। ଭାରତ ଶକ୍ତି ନିରାପତ୍ତା ଓ ମୂଲ୍ୟ ଦେଖି ରୁଷୀୟ ତେଲ କିଣୁଛି; ଆମେରିକା କହୁଛି, ଏହା ୟୁକ୍ରେନ୍ ଯୁଦ୍ଧକୁ ପୁଞ୍ଜି ଯୋଗାଉଛି। ସେପ୍ଟେମ୍ବର ୩୦ର ଅନୁଯାୟୀ ବାଧ୍ୟତାମୂଳକ ଶ୍ରମରେ ତିଆରି ଉପାଦାନ ଯୋଗୁଁ ଭାରତ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗି ସାରିଛି। ଅତ୍ୟଧିକ ଉତ୍ପାଦନ କ୍ଷମତା ଉପରେ ଆଉ ଏକ ତଦନ୍ତ ଚାଲିଛି। ଚୁକ୍ତି ସହିଲେ ମଧ୍ୟ ନୂଆ ଶୁଳ୍କ ଆସିପାରେ-ଏହି ଅନିଶ୍ଚିତତା ଦସ୍ତଖତକୁ ପଛକୁ ଠେଲୁଛି। ନୂଆଦିଲ୍ଲୀର ଲାଲ୍ ରେଖା ମଧ୍ୟ ସ୍ପଷ୍ଟ। କୃଷି, ଦୁଗ୍ଧ ଓ କିଛି ସମ୍ବେଦନଶୀଳ କ୍ଷେତ୍ର ରାଜନୈତିକ ଭାବେ ସ୍ପର୍ଶକାତର। ନୂଆଁ ଭାରତ ଚାହୁଁଛି, ଫେବୃଆରୀ ୨୦୨୬ ବୁଝାମଣା ଅନୁଯାୟୀ ପ୍ରତିଦ୍ୱନ୍ଦ୍ୱୀ ରପ୍ତାନିକାରୀଙ୍କ ତୁଳନାରେ ତାକୁ ଭଲ ଶୁଳ୍କ ମିଳୁ। ନଚେତ୍ ଚୁକ୍ତି କାଗଜରେ ରହିବ, ବଜାରରେ ନୁହେଁ। ବସ୍ତ୍ର, ରତ୍ନ, ଔଷଧ, ଇଞ୍ଜିନିୟରିଂ ପଣ୍ୟ ଓ ସେବା କ୍ଷେତ୍ର ଆମେରିକୀୟ ପ୍ରବେଶ ଉପରେ ନିର୍ଭରଶୀଳ। ଶୁଳ୍କ ଅନିଶ୍ଚିତ ରହିଲେ ଅର୍ଡର କମେ, ନିବେଶ ଅଟକେ।

ତଥାପି ଚୁକ୍ତି ନ ହେବାକୁ ବିଫଳତା ଭାବି ତରବର ହେବା ଠିକ୍ ନୁହେଁ। ଖରାପ ଚୁକ୍ତି ବିଳମ୍ବଠାରୁ ମହଙ୍ଗା। କୃଷକ, କ୍ଷୁଦ୍ର ଉତ୍ପାଦକ ଓ ଶକ୍ତି ନିରାପତ୍ତାକୁ ବଳି ଦେଇ ଶୀଘ୍ର ଦସ୍ତଖତ କରିବା ଦୀର୍ଘକାଳୀନ କ୍ଷତି ଯୋଗାଇବ। ସମାନ ଭାବେ, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆଲୋଚନା ଚଳାଇବା ମଧ୍ୟ ନୀତି ନୁହେଁ। ପ୍ରତି ମାସ ବିଳମ୍ବରେ ରପ୍ତାନିକାରୀ ନୂଆ ବଜାର ଖୋଜନ୍ତି, କ୍ରେତା ବିକଳ୍ପ ଦେଶ ବାଛନ୍ତି। ଆମେରିକା ଯେଉଁ ଦେଶ ସହ ଶୀଘ୍ର ଚୁକ୍ତି କରୁଛି, ସେଠାରେ ଭାରତର ଅଂଶ ସଙ୍କୁଚିତ ହୋଇପାରେ।

ଏବେ ଆବଶ୍ୟକ ତିନୋଟି ସ୍ପଷ୍ଟତା। ପ୍ରଥମ, ରୁଷୀୟ ତେଲ ସମ୍ବନ୍ଧୀୟ ଶୁଳ୍କ ଚୁକ୍ତିର ବାହାରେ ରହିବ ନା ଭିତରେ, ତାହା ଲିଖିତ ହେଉ। ଦ୍ୱିତୀୟ, ଭାରତ ଯାହା ଦେବ ଓ ଯାହା ପାଇବ, ତାହା ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ମାପ ଯୋଗ୍ୟ ହେଉ। ତୃତୀୟ, କୃଷି ଓ ସମ୍ବେଦନଶୀଳ କ୍ଷେତ୍ରର ସୀମା ଆଗୁଆ ଘୋଷିତ ହେଉ, ଯାହାଫଳରେ ଶେଷ ରାତିରେ ଚମକାଣି ନ ଆସେ। ଗ୍ରିୟରଙ୍କ ଭାଷାରେ ଆଲୋଚନା ଶେଷ ଗୋଡ଼ାଗୋଡ଼ିରେ ଅଛି। ଶେଷ ଗୋଡ଼ାଗୋଡ଼ି ହିଁ ସବୁଠୁ କଠିନ। ଦୁଇ ପକ୍ଷ ଯଦି ଜିତିବାକୁ ଚାହାଁନ୍ତି, ତେବେ ଚୁକ୍ତି ବିଜୟ ନୁହେଁ, ସନ୍ତୁଳନ ହେବା ଉଚିତ। ନଚେତ୍ ଫୋନ୍ କଥା ଓ ବୈଠକ ବଢ଼ିବ, ଦସ୍ତଖତ ଅପେକ୍ଷାରେ ରହିବ।

# ଶ୍ରୀବିଗ୍ରହମାନଙ୍କ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର



ସନ୍ତୋଷ କୁମାର ଦାଶ

ଶ୍ରୀ ନୀଳାଚଳ କ୍ଷେତ୍ର ପୁରୀ ର ଅନ୍ୟତମ ପୁଣ୍ୟ ସ୍ଥାନ ହେଉଛି ଶ୍ରୀ ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ। ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଗ୍ରନ୍ଥ ଓ ଲୋକ ସାହିତ୍ୟରେ ଶ୍ରୀ ଗୁଣ୍ଡିଚା ମନ୍ଦିର କୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ରାସ ମଣ୍ଡପ ଆଦି ନାମ ରେ ଭାବ ରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ' ଅନୁସାରେ ଯଜ୍ଞବେଦୀ ଓ ତାର ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ ମଣ୍ଡପ ନୃସିଂହ କ୍ଷେତ୍ରର ପରିସର ଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚା ମନ୍ଦିର କୁ କାହିଁକି 'ଆଡ଼ପ ମଣ୍ଡପ' କୁହାଯାଏ ତାର ରହିଛି ଭିନ୍ନ ଭିନ୍ନ ମତ। ଗୋଟିଏ ମତ ହେଉଛି, 'ଗୁଣ୍ଡ୍' ଧାତୁର ଅର୍ଥ ଲୁଚାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମକାଳରେ, ସେମାନଙ୍କୁ ପଞ୍ଚବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍କାୟିତ କରି ରଖା ଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳ ଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି। ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଏନ୍ତୁଡ଼ିଶାଳ। ଏହା ଚତୁର୍ଦ୍ଧା ବିଗ୍ରହ ଙ୍କର ଏନ୍ତୁଡ଼ିଶାଳ ହୋଇ ଥିବାରୁ ଏହା ଆଡ଼ପମଣ୍ଡପ। ଆଉ ଗୋଟିଏ ମତରେ, 'ଆଟୁ'ର ଅର୍ଥ ପଟା ଭାଡ଼ି। ମାଦଳା ପାଞ୍ଜିରେ ଏ ସଂପର୍କରେ ଥିବା ସୂଚନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ଘରଟି କାଠ ମଣ୍ଡପ ଗୃହରେ ନିର୍ମିତ ଥିଲା। ଏଣୁ ଆଟୁ ବା କାଠ ମଣ୍ଡପ ରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ। ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସଂପର୍କରେ 'ସ୍କନ୍ଦପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟ ରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁ ଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ମହାପ୍ରଭୁ ନିଜେ କହିଥିବା ସେଥିରେ ଉଲ୍ଲେଖ ଅଛି। ଗବେଷକ ମାନଙ୍କ ମତରେ କାଳ କ୍ରମେ କାଷ୍ଠ ମଣ୍ଡପର ରକ୍ଷଣା ବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟ ରେ ଯେଉଁ ପରିଦୃଶ୍ୟ ମାନ ପୀଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି ତାହା ଗୁଣ୍ଡିଚା ମନ୍ଦିର ବା ଗୁଣ୍ଡିଚା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ ଗୁଣ୍ଡିଚା ମଣ୍ଡପ ବା ଆଡ଼ପମଣ୍ଡପ, ଗୁଣ୍ଡିଚା ଘର ବା ଗୁଣ୍ଡିଚା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥାନ୍ତି, ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣ ରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସ୍ୱପ୍ନ ରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନା ର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥ ଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞା ମତେ ରାଜା ନିଜେ ମୁଣ୍ଡରେ ପାଟ ମୁତୁଳା ବାନ୍ଧି ଠିଆ ହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ମହାଦାରୁ ଙ୍କୁ ଧରି ରାଜା ଆଡ଼ପ ମଣ୍ଡପ ଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପ ଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚା ଦେବୀଙ୍କୁ ଜଣାଇଲେ।ତୁମ ନାମରେ ଗୁଣ୍ଡିଚା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପ ରେ କିଛି ଦିନ ଅବସ୍ଥାନ କରିବେ।ନୀଳାଦ୍ରି ମହୋଦୟ'ର ବର୍ଣ୍ଣନା ଅନୁସାରେ, ନୀଳାଚଳ ରେ ଦଶବର୍ଷ ପର୍ଯ୍ୟନ୍ତ ଶ୍ରୀ ବିଗ୍ରହ ମାନଙ୍କ ର ଦର୍ଶନ ଓ ପୂଜାର୍ଚ୍ଚନା ରେ ଯେଉଁ ଫଳ ମିଳେ,ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପ ରେ ଗୋଟିଏ ଦିନର ଦର୍ଶନ ରେ ମିଳିଥାଏ। ସ୍କନ୍ଦପୁରାଣ ଉତ୍କଳଖଣ୍ଡ ର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ, ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ। ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ। ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି। ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏହି ନବଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତଦିନ ଅବସ୍ଥାନ କରିଥାନ୍ତି।ତାହା'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। 'ସ୍କନ୍ଦପୁରାଣ'ର ୨୯ ଅଧ୍ୟାୟ ରେ କୁହାଯାଇଛି, "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ କ୍ଷେତ୍ର ପୁରୀ ଠାରେ ମାନବୀୟ ଲୀଳା କରୁଛନ୍ତି। ପ୍ରତ୍ୟେକ ମନୁଷ୍ୟ ପରି ନିଜ ଜନ୍ମ ସ୍ଥାନ କୁ ବୁଲି ଯିବାକୁ ମହାପ୍ରଭୁ ବି ଇଚ୍ଛା ପ୍ରକାଶ କରି ଏହି ଲୀଳା କରୁଛନ୍ତି। ନିଜ ଜନ୍ମ ସ୍ଥାନରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟାଦର୍ଶନ ଦେଇ, ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଣୁ ଶ୍ରୀ ଗୁଣ୍ଡିଚା ମନ୍ଦିର ରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ରହିଥାଏ ଅନେକ ଉତ୍କଣ୍ଠା ଓ ଆଗ୍ରହ। ଏହାକୁ ଦୃଷ୍ଟି ରେ ରଖି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଦୀର୍ଘ ୬ ବର୍ଷ ପରେ ଗତ କାଲି ଭକ୍ତ ମାନଙ୍କୁ ପ୍ରବେଶ ର ଅଧିକାର ମିଳିଛି। ସାରା ଶ୍ରୀ କ୍ଷେତ୍ର ଜଗନ୍ନାଥମୟ ହୋଇ ଉଠିଛି। ଜୟ ଜଗନ୍ନାଥ ସ୍ୱାମୀ।।

ତୁଳସୀପୁର, ପୁରୀ
ମୋବାଇଲ୍: ୯୪୩୯୩୬୧୮୮

# ବିଶ୍ୱଗୁରୁ ଭାରତ: ସ୍ୱପ୍ନ ନୁହେଁ, ସମୟର ଆହ୍ୱାନ



ଡ. ସୁଶାନ୍ତ କୁମାର ପରିଡ଼ା

ଭାରତକୁ "ବିଶ୍ୱଗୁରୁ" କରିବାର ସ୍ୱପ୍ନ ଆଜି କେବଳ ଏକ ଭାବନାମୂଳକ ଉଚ୍ଚାରଣ ନୁହେଁ, ଏହା ଏକ ଜାତୀୟ ଆକାଂକ୍ଷା। ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା ଜ୍ଞାନ, ଦର୍ଶନ, ବିଜ୍ଞାନ, ଗଣିତ, ଚିକିତ୍ସା, ଯୋଗ, ଆଧ୍ୟାତ୍ମିକତା ଓ ମାନବିକ ମୂଲ୍ୟବୋଧର ଯେଉଁ ପରମ୍ପରା ଗଢ଼ିଛି, ତାହା ବିଶ୍ୱ ଇତିହାସରେ ଅଦ୍ୱିତୀୟ। ନାଳନ୍ଦା ଓ ତକ୍ଷଶିଳା ଭଳି ଶିକ୍ଷାକେନ୍ଦ୍ରରୁ ଆରମ୍ଭ କରି ଆର୍ଯ୍ୟଭଟ୍ଟଙ୍କ ଗଣିତ, ଚରକ ଓ ସୁଶ୍ରୁତଙ୍କ ଚିକିତ୍ସାବିଜ୍ଞାନ, ଉପନିଷଦର ଦର୍ଶନ ଏବଂ ଯୋଗର ମାନବକଲ୍ୟାଣମୂଳକ ଚିନ୍ତାଧାରା ପର୍ଯ୍ୟନ୍ତ ଭାରତର ଅବଦାନ ବିଶ୍ୱକୁ ସମୃଦ୍ଧ କରିଛି। କିନ୍ତୁ ଏକବିଂଶ ଶତାବ୍ଦୀରେ ବିଶ୍ୱଗୁରୁ ହେବା ପାଇଁ କେବଳ ଅତୀତର ଗୌରବଗାଥା ପଢ଼ିଲେ ଚଳିବ ନାହିଁ। ଅତୀତର ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ଯୋଡ଼ି, ବର୍ତ୍ତମାନର ସମସ୍ୟାର ସମାଧାନ ଦେଇ ଭବିଷ୍ୟତର ଦିଗ ଦେଖାଇବା ହିଁ ପ୍ରକୃତ ବିଶ୍ୱଗୁରୁର ପରିଚୟ।

ବିଶ୍ୱଗୁରୁ ଭାରତର ପ୍ରଥମ ଭିତ୍ତି ହେବା ଉଚିତ ଶିକ୍ଷା। ଯେଉଁ ଦେଶ ବିଶ୍ୱକୁ ଜ୍ଞାନର ଦିଗ ଦେଖାଇବାକୁ ଚାହେଁ, ସେହି ଦେଶର ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ହେବା ଆବଶ୍ୟକ। ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀ ପ୍ରଦାନ କେନ୍ଦ୍ର ନହୋଇ ଗବେଷଣା, ନୂଆ ଚିନ୍ତା ଓ ଆବିଷ୍କାରର କେନ୍ଦ୍ର ହେବା ଦରକାର। ଭାରତୀୟ ଯୁବପିଢ଼ିକୁ କେବଳ ଚାକିରି ଖୋଜୁଥିବା ମାନବସମ୍ବଳ ନୁହେଁ, ବରଂ ନୂଆ ଚିନ୍ତା, ଉଦ୍ୟମ ଓ ଆବିଷ୍କାରର ସ୍ରଷ୍ଟା ଭାବେ ଗଢ଼ିବାକୁ ହେବ।

ଏହା ସହିତ ଭାରତକୁ "MAKE IN INDIA"ରୁ "INVENT IN INDIA" ଦିଗକୁ ଅଗ୍ରସର ହେବାକୁ ହେବ। ଆଜିର ବିଶ୍ୱରେ ଯେଉଁ ଦେଶ ପ୍ରଯୁକ୍ତି ତିଆରି କରେ, ସେହି ଦେଶ ଭବିଷ୍ୟତର ଶକ୍ତି ସମୀକରଣକୁ ପ୍ରଭାବିତ କରେ। ସେମିକଣ୍ଡକ୍ଟର, ARTIFICIAL INTELLIGENCE, QUANTUM COMPUTING, BIOTECHNOLOGY, ROBOTICS, SPACE TECHNOLOGY, CYBER SECURITY, GREEN TECHNOLOGY ଓ ADVANCED MANUFACTURING ଭଳି କ୍ଷେତ୍ରରେ ଭାରତକୁ ନିଜସ୍ୱ କ୍ଷମତା ଗଢ଼ିବାକୁ ହେବ। ଭାରତର ଅର୍ଥନୈତିକ ଶକ୍ତି ମଧ୍ୟ ବିଶ୍ୱଗୁରୁ ହେବାର ଏକ ମୂଳ ଆଧାର। ଏକ ବଡ଼ ଓ ସ୍ଥିର ଅର୍ଥନୀତି ବିନା ବିଶ୍ୱସ୍ତରୀୟ ନେତୃତ୍ୱ ସମ୍ଭବ ନୁହେଁ। ଭାରତକୁ ଉଚ୍ଚ ଆର୍ଥିକ ବୃଦ୍ଧି ସହିତ ରୋଜଗାର ସୃଷ୍ଟି, କୃଷିର ଆଧୁନିକୀକରଣ, ଛୋଟ ଓ ମଧ୍ୟମ ଉଦ୍ୟୋଗର ବିକାଶ ଏବଂ ଗ୍ରାମୀଣ ଅର୍ଥନୀତିର ମଜବୁତିକରଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ବିଚ୍ଛିନ୍ନ ହେବା ନୁହେଁ; ବରଂ ବିଶ୍ୱ ସହିତ ସକ୍ରିୟ ଭାବେ ଯୋଡ଼ି ରହି ନିଜର ରଣନୈତିକ କ୍ଷେତ୍ରରେ ଅତ୍ୟଧିକ ନିର୍ଭରଶୀଳ ନ ହେବା। ରକ୍ଷା, ଶକ୍ତି, ଔଷଧ, ଖାଦ୍ୟ, ପ୍ରଯୁକ୍ତି ଓ ଆବଶ୍ୟକ ଖଣିଜ ସମ୍ପଦରେ ଏହି ଆତ୍ମନିର୍ଭରତା ବିଶେଷ ଗୁରୁତ୍ୱ ରଖେ।

ଭାରତକୁ ନିଜର ପ୍ରତିରକ୍ଷା କ୍ଷମତାକୁ ମଧ୍ୟ ଆହୁରି ମଜବୁତ କରିବାକୁ ହେବ। ଆଧୁନିକ ଯୁଦ୍ଧ କେବଳ ଭୂମି, ଆକାଶ ଓ ସମୁଦ୍ରରେ ହୁଏ ନାହିଁ; ମହାକାଶ, ସାଇବର ସ୍ପେସ୍ ଓ ପ୍ରଯୁକ୍ତି କ୍ଷେତ୍ର ମଧ୍ୟ ଏବେ ଯୁଦ୍ଧର ନୂଆ କ୍ଷେତ୍ର। ତେଣୁ ଦେଶୀୟ ପ୍ରତିରକ୍ଷା ଉତ୍ପାଦନ, ରକ୍ଷା ଗବେଷଣା, ସାଇବର ସୁରକ୍ଷା ଓ ମହାକାଶ କ୍ଷମତାକୁ ଆହୁରି ବଢ଼ାଇବା ଦରକାର। ଏକ ଶକ୍ତିଶାଳୀ ଭାରତ ନିଜ ସୁରକ୍ଷା ସହିତ ଆଞ୍ଚଳିକ ଶାନ୍ତି ଓ ସ୍ଥିରତାର ମଧ୍ୟ ରକ୍ଷକ ହୋଇପାରିବ। ଭାରତର ଶକ୍ତିର ଉଦ୍ଦେଶ୍ୟ ଆଧିପତ୍ୟ ନୁହେଁ, ବରଂ ସୁରକ୍ଷା ଓ ଶାନ୍ତି ହେବା ଉଚିତ।

ଭାରତର ବୈଦେଶିକ ନୀତିରେ ମଧ୍ୟ ଏକ ସ୍ପଷ୍ଟ ଓ ଦୃଢ଼ ରଣନୀତି ଆବଶ୍ୟକ। ବର୍ତ୍ତମାନର ବିଶ୍ୱ ଏକ ବହୁମୁଖୀ ଶକ୍ତିକେନ୍ଦ୍ରରେ ପରିଣତ ହେଉଛି। ଆମେରିକା, ଚୀନ, ରୁଷିଆ, ୟୁରୋପ, ଜାପାନ ଓ ଅନ୍ୟାନ୍ୟ ଶକ୍ତିର ମଧ୍ୟରେ ପ୍ରତିସ୍ପର୍ଦ୍ଧା ଚାଲିଛି। ଏପରି ସମୟରେ ଭାରତକୁ କୌଣସି ଏକ ଶକ୍ତି ଉପରେ ଅତ୍ୟଧିକ ନିର୍ଭର କରିବା ଉଚିତ ନୁହେଁ। ଭାରତର ବୈଦେଶିକ ନୀତିର ଆଧାର ହେବା ଉଚିତ STRATEGIC AUTONOMY। ଜାତୀୟ ସ୍ୱାର୍ଥ ଅନୁଯାୟୀ ବିଭିନ୍ନ ଶକ୍ତି ସହିତ ସହଯୋଗ କରିବା ଏବଂ କୌଣସି ଶିବିରର ସ୍ଥାୟୀ ଅନୁଗାମୀ ନ ହେବା ଭାରତର ଦୀର୍ଘମିଆଦୀ ସ୍ୱାଧୀନତା ପାଇଁ ଆବଶ୍ୟକ। "ସମସ୍ତଙ୍କ ସହିତ ମିତ୍ରତା, କାହା ଉପରେ ନିର୍ଭରଶୀଳତା ନୁହେଁ"— ଏହି ଦୃଷ୍ଟିକୋଣ ଭାରତକୁ ଏକ ସ୍ୱାଧୀନ ବିଶ୍ୱଶକ୍ତିରେ ପରିଣତ କରିପାରେ।



ବିଶ୍ୱଗୁରୁ ଭାରତର ସ୍ୱପ୍ନରେ ପଡ଼ୋଶୀ ଦେଶମାନଙ୍କର ଭୂମିକା ଅତ୍ୟନ୍ତ ବଡ଼। ଦକ୍ଷିଣ ଏସିଆ ଯଦି ଅସ୍ଥିର ରହିବ, ତେବେ ଭାରତର ବିଶ୍ୱ ନେତୃତ୍ୱ ମଧ୍ୟ ଅସମ୍ପୂର୍ଣ୍ଣ ରହିବ। ନେପାଳ, ଭୁଟାନ, ବାଂଲାଦେଶ, ଶ୍ରୀଲଙ୍କା, ମାଲଦ୍ୱୀପ ଓ ମ୍ୟାନମାର ସହିତ ଭାରତକୁ ବିଶ୍ୱାସଭିତ୍ତିକ ସମ୍ପର୍କ ଗଢ଼ିବାକୁ ହେବ। ସଡ଼କ, ରେଳ, ବନ୍ଦର, ଶକ୍ତି, ବାଣିଜ୍ୟ, ଡିଜିଟାଲ ସଂଯୋଗ, ଶିକ୍ଷା ଓ ଲୋକ-ଲୋକ ସମ୍ପର୍କକୁ ଅଧିକ ମଜବୁତ କରିବା ଆବଶ୍ୟକ। ଏକ ସମୃଦ୍ଧ ପଡ଼ୋଶୀ ଭାରତ ପାଇଁ ବିପଦ ନୁହେଁ; ଏହା ଭାରତର ନିଜସ୍ୱ ରଣନୈତିକ ଶକ୍ତି।

ଭାରତକୁ GLOBAL SOUTHର ନେତୃତ୍ୱ ମଧ୍ୟ ଆହୁରି ମଜବୁତ କରିବାକୁ ହେବ। ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ଅନେକ ଦେଶ ଦାରିଦ୍ର୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ, ଜଳ ଓ ଜଳବାୟୁ ସଙ୍କଟର ସମ୍ମୁଖୀନ। ଭାରତ ନିଜର ଅନୁଭବ, ପ୍ରଯୁକ୍ତି ଓ ସମ୍ପଦକୁ ଏହି ଦେଶମାନଙ୍କ ସହିତ ବାଣ୍ଟିପାରିଲେ ତାହାର ନେତୃତ୍ୱ ଅଧିକ ବିଶ୍ୱସନୀୟ ହେବ। ଭାରତକୁ କେବଳ ନିଜ ପାଇଁ ଏକ ଅଧିକ ସ୍ଥାନ ଦାବି କରିବା ନୁହେଁ; ବିଶ୍ୱ ବ୍ୟବସ୍ଥାରେ ଅବହେଳିତ ଦେଶମାନଙ୍କ ସ୍ୱର ହେବା ଦରକାର। ଭାରତ ମହାସାଗର ଓ INDO-PACIFIC ମଧ୍ୟ ଭାରତର ଭବିଷ୍ୟତ ରଣନୀତିର କେନ୍ଦ୍ରରେ ରହିବା ଉଚିତ। ଭାରତର ଭୌଗୋଳିକ ସ୍ଥିତି ତାକୁ ଏକ ବଡ଼ ସାମୁଦ୍ରିକ ଶକ୍ତି ହେବାର ସୁଯୋଗ ଦେଇଛି। MARITIME SECURITY, BLUE ECONOMY, PORT CONNECTIVITY, UNDER SEA COMMUNICATION, MARINE RESOURCES ଓ DISASTER MANAGEMENTରେ ଭାରତକୁ ନେତୃତ୍ୱ ନେବା ଆବଶ୍ୟକ। ଭାରତ ମହାସାଗରର ଛୋଟ ଦ୍ୱୀପ ଦେଶମାନଙ୍କ ସହିତ ସହଯୋଗ ବଢ଼ାଇ ଭାରତ ଏକ RESPONSIBLE MARITIME POWER ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବ।

ଭାରତର ସଂସ୍କୃତି ତାହାର ଅନ୍ୟତମ ବଡ଼ ଶକ୍ତି। ଯୋଗ, ଆୟୁର୍ବେଦ, ବୌଦ୍ଧ ଦର୍ଶନ, ଭାରତୀୟ ଦର୍ଶନ, ସଙ୍ଗୀତ, ସାହିତ୍ୟ, ସିନେମା ଓ ଖାଦ୍ୟ ବିଶ୍ୱରେ ଭାରତ ପ୍ରତି ଏକ ସ୍ୱାଭାବିକ ଆକର୍ଷଣ ସୃଷ୍ଟି କରିଛି। କିନ୍ତୁ ଏହି SOFT POWERକୁ ଆହୁରି ବିସ୍ତାର କରିବା ପାଇଁ ଭାରତୀୟ ସଂସ୍କୃତିକୁ ଆଧୁନିକ ଡିଜିଟାଲ ମାଧ୍ୟମ ସହିତ ଯୋଡ଼ିବା ଦରକାର। କିନ୍ତୁ ବାହ୍ୟ ଶକ୍ତି ଯେତେ ବଢ଼ୁ, ଆଭ୍ୟନ୍ତରୀଣ ଦୁର୍ବଳତା ରହିଲେ ବିଶ୍ୱଗୁରୁର ସ୍ୱପ୍ନ ସାକାର ହେବ ନାହିଁ। ଭାରତକୁ ନିଜର ଗଣତାନ୍ତ୍ରିକ ସଂସ୍ଥା, ଆଇନର ଶାସନ, ସାମାଜିକ ସମନ୍ୱୟ, ସଂଘୀୟ ସହଯୋଗ ଓ ନାଗରିକ ବିଶ୍ୱାସକୁ ମଜବୁତ କରିବାକୁ ହେବ। ଭାରତର ବିବିଧତା ତାହାର ଦୁର୍ବଳତା ନୁହେଁ; ଏହା ହେଉଛି ତାହାର ସଭ୍ୟତାଗତ ଶକ୍ତି। ଭାଷା, ଧର୍ମ, ଜାତି, ଅଞ୍ଚଳ ଓ ସଂସ୍କୃତିର ବିବିଧତା ମଧ୍ୟରେ ଏକତାକୁ ଅଧିକ ମଜବୁତ କରିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ମଧ୍ୟ ଭାରତର ବିଶ୍ୱ ନେତୃତ୍ୱର ଏକ ମୁଖ୍ୟ କ୍ଷେତ୍ର ହୋଇପାରେ। ଭାରତ ଯଦି ବିକାଶ ଓ ପରିବେଶ ମଧ୍ୟରେ ଏକ ସନ୍ତୁଳିତ ମଡେଲ୍ ଦେଇପାରେ, ତେବେ ଏହା ବିଶ୍ୱ ପାଇଁ ଏକ ବଡ଼ ଅବଦାନ ହେବ। ସୌର ଶକ୍ତି, ସବୁଜ ହାଇଡ୍ରୋଜେନ, ELECTRIC MOBILITY, SUSTAINABLE AGRICULTURE, WATER CONSERVATION ଓ CLIMATE-RESILIENT INFRASTRUCTURE ଭଳି କ୍ଷେତ୍ରରେ ଭାରତକୁ ନେତୃତ୍ୱ ନେବା ଦରକାର। ଏହା ସହିତ ଔଷଧ, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ଦୁର୍ଯୋଗ ପରିଚାଳନାରେ ଭାରତର ଅଭିଜ୍ଞତାକୁ ବିଶ୍ୱ କଲ୍ୟାଣ ସହିତ ଯୋଡ଼ିବା ଦରକାର।

ଏଠାରେ ଶ୍ରୀଅରବିନ୍ଦଙ୍କ ଭାରତ ଦୃଷ୍ଟି ଆମ ପାଇଁ ଏକ ଦିଗଦର୍ଶକ ହୋଇପାରେ। ତାଙ୍କ ଦୃଷ୍ଟିରେ ଭାରତର ଉତ୍ଥାନ କେବଳ ଭୌତିକ ଶକ୍ତି କିମ୍ବା ରାଜନୈତିକ ପ୍ରଭାବର ବିସ୍ତାର ନୁହେଁ; ଏହା ମାନବତାର ଉଚ୍ଚତର ବିକାଶ ସହିତ ଜଡ଼ିତ। ତେଣୁ ଭାରତର ବିଶ୍ୱଗୁରୁ ଯାତ୍ରାରେ ବିଜ୍ଞାନ ଓ ଆଧ୍ୟାତ୍ମିକତା, ଆଧୁନିକତା ଓ ପରମ୍ପରା, ଅର୍ଥନୈତିକ ବିକାଶ ଓ ମାନବିକତା ମଧ୍ୟରେ ସନ୍ତୁଳନ ରହିବା ଦରକାର। ଭାରତର ଶକ୍ତି ଯଦି କେବଳ ଭୌତିକ ହୁଏ, ତେବେ ଏହା ଅନ୍ୟ ଏକ ଶକ୍ତିଶାଳୀ ଦେଶରେ ପରିଣତ ହେବ; କିନ୍ତୁ ଶକ୍ତି ସହିତ ଯଦି ଜ୍ଞାନ, ନୈତିକତା ଓ ମାନବିକତା ଯୋଡ଼ିହୁଏ, ତେବେ ଭାରତ ପ୍ରକୃତ ଅର୍ଥରେ ବିଶ୍ୱଗୁରୁ ହୋଇପାରିବ। ଆଜି ବିଶ୍ୱ ପ୍ରଯୁକ୍ତିରେ ଅଗ୍ରଗତି କରିଛି, କିନ୍ତୁ ଯୁଦ୍ଧ ଓ ଅସ୍ଥିରତାରୁ ମୁକ୍ତ ହୋଇପାରିନାହିଁ। ବିଶ୍ୱ ଅର୍ଥନୈତିକ ଭାବେ ଅଧିକ ସମୃଦ୍ଧ ହୋଇଛି, କିନ୍ତୁ ଅସମାନତା ବଢ଼ିଛି। ମାନବ ସମାଜ ଡିଜିଟାଲ ଭାବେ ଅଧିକ ଯୋଡ଼ିତ ହୋଇଛି, କିନ୍ତୁ ମାନବୀୟ ସମ୍ପର୍କରେ ନୂଆ ସଙ୍କଟ ସୃଷ୍ଟି ହୋଇଛି। ଏପରି ସମୟରେ ଭାରତ ଯଦି ବିଶ୍ୱକୁ ଏକ ସନ୍ତୁଳିତ ବିକାଶର ମଡେଲ୍ ଦେଇପାରେ, ତେବେ ତାହାର ନେତୃତ୍ୱର ଗୁରୁତ୍ୱ ଅନେକଗୁଣ ବଢ଼ିବ। ତେଣୁ "ବିଶ୍ୱଗୁରୁ ଭାରତ"ର ଅର୍ଥ ବିଶ୍ୱ ଉପରେ ଆଧିପତ୍ୟ ନୁହେଁ; ବରଂ ବିଶ୍ୱ ପାଇଁ ଏକ ବିଶ୍ୱସନୀୟ ଜ୍ଞାନ, ପ୍ରଯୁକ୍ତି, ଶାନ୍ତି ଓ ସମାଧାନର କେନ୍ଦ୍ର ହେବା। ଭାରତକୁ ଏପରି ଏକ ଦେଶ ହେବାକୁ ହେବ, ଯାହାକୁ ବିଶ୍ୱ ଶିକ୍ଷା ପାଇଁ ଦେଖିବ, ବିଜ୍ଞାନ ପାଇଁ ଦେଖିବ, ପ୍ରଯୁକ୍ତି ପାଇଁ ଦେଖିବ, ଶାନ୍ତି ପାଇଁ ଦେଖିବ ଏବଂ ମାନବିକ ସମାଧାନ ପାଇଁ ଭରସା କରିବ। ଭାରତ ପାଖରେ ଏହି ସମ୍ଭାବନା ନିଶ୍ଚିତ ଭାବେ ରହିଛି। କିନ୍ତୁ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ଆମକୁ ଅତୀତର ଗୌରବରେ ଆତ୍ମସନ୍ତୁଷ୍ଟ ନହୋଇ ଭବିଷ୍ୟତ ଗଢ଼ିବାକୁ ହେବ। ଶିକ୍ଷାରେ ଶ୍ରେଷ୍ଠତା, ଗବେଷଣାରେ ନବସୃଜନ, ଅର୍ଥନୀତିରେ ଶକ୍ତି, ପ୍ରତିରକ୍ଷାରେ ଆତ୍ମନିର୍ଭରତା, କୂଟନୀତିରେ ରଣନୈତିକ ସ୍ୱାଧୀନତା, ସଂସ୍କୃତିରେ ଆତ୍ମବିଶ୍ୱାସ, ଗଣତନ୍ତ୍ରରେ ବିଶ୍ୱସନୀୟତା ଓ ମାନବିକତାରେ ମହତ୍ତ୍ୱ— ଏହି ସମସ୍ତ ଦିଗକୁ ଏକାଠି କରିବାକୁ ହେବ। ବିଶ୍ୱଗୁରୁ ଭାରତର ଯାତ୍ରା କେବଳ ସରକାରୀ ଯୋଜନାରେ ସମ୍ଭବ ନୁହେଁ। ଏହା ଆରମ୍ଭ ହେବ ପ୍ରତ୍ୟେକ ବିଦ୍ୟାଳୟରୁ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ, ପ୍ରତ୍ୟେକ ପରୀକ୍ଷାଗାରରୁ, ପ୍ରତ୍ୟେକ ଉଦ୍ୟୋଗରୁ ଏବଂ ଭାରତର ପ୍ରତ୍ୟେକ ଯୁବ ମନରୁ। ଯେଦିନ ଭାରତ ନିଜର ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ, ନିଜର ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଆଧୁନିକ ରାଷ୍ଟ୍ରଶକ୍ତି ସହିତ ଏବଂ ଜାତୀୟ ସ୍ୱାର୍ଥକୁ ବିଶ୍ୱମାନବତାର ହିତ ସହିତ ଯୋଡ଼ିପାରିବ, ସେଦିନ "ବିଶ୍ୱଗୁରୁ ଭାରତ" ଆଉ କେବଳ ଏକ ସ୍ୱପ୍ନ ରହିବ ନାହିଁ; ଏହା ଏକ ଐତିହାସିକ ବାସ୍ତବତାରେ ପରିଣତ ହେବ।

ଅଧ୍ୟାପକ, ତୁଳସୀ ମହଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା
ମୋବାଇଲ୍: ୯୪୩୭୨୧୦୪୫୮

# 'କୋଷହୀନ ବିଷ'



ଡାକ୍ତର ରାମପ୍ରସାଦ ରାୟ

ସାଧାରଣତଃ ଭୂତାଣୁକୁ ନେଇ ଅନେଙ୍କ ଭିତରେ ଅନେକ ଉତ୍ସୁକତା, ଅନୁସନ୍ଧିତ୍ସା ଓ ଆଗ୍ରହ ରହିଥାଏ। ସେହିଭଳି ଏହି ଭୂତାଣୁକୁ ନେଇ ଅନେକ ଅନ୍ୟ ମାନଙ୍କୁ ଡରାଇବା ପରି କିଛି ଗୁଜବ ମଧ୍ୟ ପ୍ରଚାର ପ୍ରସାର କରିଥାନ୍ତି। ଭୟାବହ କରୋନା ସମୟରେ ଏହି ଗୁଜବ ଚାରିଆଡ଼କୁ ବ୍ୟାପି ଯାଇଥିଲା। ଆଜି ଭୂତାଣୁ ପ୍ରଶଂସା ଦିବସ ବା ଭାଇରସ୍ ଆପ୍ରିସିଏସନ୍ ଡେ। ଭାଇରସ୍ ମୂଳତଃ ଏକ ଲାଟିନ ଶବ୍ଦ ଏହାର ଓଡ଼ିଆ ଭାଷାନ୍ତର ବିଷ। ଭାଇରସ୍‌କୁ ହିନ୍ଦୀରେ ବିଷାଣୁ କୁହାଯାଏ। ଏହା କୋଷହୀନ ଅତି ସୂକ୍ଷ୍ମ ଜୀବ ଏବଂ କେବଳ ଜୀବିତ କୋଷରେ ହିଁ ବଂଶ ବଢ଼ାଇପାରେ। ଶରୀର ବାହାରେ ଏହା ମୃତ ପ୍ରାୟ। ଶରୀର ଭିତରକୁ ଆସିଲେ, ନବ ଜୀବନ ପାଏ। ଏହା ନାଭିକୀୟ ଅମ୍ଳ ଓ ପୁଷ୍ଟିସାରରେ ଗଠିତ। ଏହା ଯେ କେବଳ କ୍ଷତିକାରକ ତାହା ନୁହେଁ, ବେଳେ ବେଳେ ଲାଭ ବି କରିଥାଏ। କେତେକ ଭୂତାଣୁ ବିଭିନ୍ନ ପ୍ରକାରର ଜୀବାଣୁକୁ ନଷ୍ଟ କରିପାରନ୍ତି। ସ୍ପୁଟନିକ୍ ଓ ମାମାଭାଇରସ୍ ଅନ୍ୟ କେତେକ ଭୂତାଣୁକୁ ନଷ୍ଟ କରିପାରନ୍ତି।

୧୮୯୨ରେ ରସିଆନ୍ ବିଜ୍ଞାନୀ ଡିମିତ୍ରି ଇଭାନୋଭ୍‌ସ୍କି ପ୍ରଥମେ ଏହା ସମ୍ପର୍କରେ ବିଶେଷ ସୂଚନା ଦେଇଥିଲେ। ୧୮୯୮ରେ ଡଚ୍ ବିଜ୍ଞାନୀ



ମାର୍ଟିନସ୍ ବେଜ୍‌ରିଂକ୍ ଗଛପତ୍ର ନଷ୍ଟ କରୁଥିବା ଟୁବାକୋ ମୋଜାଇକ୍ ଭାଇରସ ଆବିଷ୍କାର କରିଥିଲେ। ଅଦ୍ୟାବଧି ପାଞ୍ଚହଜାର ପ୍ରକାରର ଭୂତାଣୁ ସବିଶେଷ ଭାବେ ଚିହ୍ନଟ କରାଯାଇପାରିଛି। ତେବେ ପୃଥିବୀରେ ଲକ୍ଷାଧିକ ପ୍ରକାରର ଭୂତାଣୁ ଥିବା ଜଣାଯାଏ। ପୃଥିବୀର ଏଭଳି କୌଣସି ଅଞ୍ଚଳ ନାହିଁ, ଯେଉଁଠି ଭୂତାଣୁ ନାହାନ୍ତି। ଅନେକ ହୁଏତ ଜାଣି ନଥାନ୍ତି ଭୂତାଣୁ ଗୁଡ଼ିକ

## ଭୂତାଣୁ ଦିବସ

ସଦାସର୍ବଦା ମଣିଷ ସମାଜ ଓ ଏ ସମଗ୍ର ଜଗତ ସୃଷ୍ଟି ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇନଥାନ୍ତି। ଅନେକ ଉପଯୋଗୀ ଭୂତାଣୁ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାନ୍ତି। ଭୂତାଣୁ ଉପରେ ଅନେକ ବିଶେଷକରି ଶିକ୍ଷା ବ୍ୟବସ୍ଥାରେ ସ୍ୱତନ୍ତ୍ର କୋର୍ସ ମଧ୍ୟ ରହିଛି। ଚିକିତ୍ସା ବିଜ୍ଞାନରେ ଭୂତାଣୁ ଏକ ଉପଯୋଗୀ ସହାୟକ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଭୂତାଣୁ ଦିବସ ଅବସରରେ ଏହା ସମ୍ପର୍କରେ ଆଗ୍ରହ ବଢ଼ାଇ ବରଂ ଶିକ୍ଷା ବ୍ୟବସ୍ଥା ପାଇଁ କିଛି ଅଧିକରୁ ଅଧିକ ଗବେଷଣାଲବ୍ଧ ଜ୍ଞାନ ଅନ୍ୟମାନଙ୍କ ଉପଯୋଗ ଓ ଶ୍ରେଷ୍ଠତା ପ୍ରତୀୟମାନ କରିବା ପାଇଁ ସମସ୍ତଙ୍କ ଭିତରେ ଭଲପାଇବା ରହୁ ଏହା ହିଁ ଏହି ଦିବସର ଆହ୍ୱାନ ଓ ତାତ୍ପର୍ଯ୍ୟ।

ଅରୋମିରା କ୍ଲିନିକ୍, ମହୀଦାସ ବଜାର, କଟକ

# ମଧ୍ୟପ୍ରାଚ୍ୟରେ ପହଞ୍ଚିଲେ ୯ ହଜାର ଅତିରିକ୍ତ ସୈନ୍ୟ

**ୱାଶିଂଟନ,୨।୧୦:** ମଧ୍ୟପ୍ରାଚ୍ୟରେ ଉତ୍ତେଜନା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଆମେରିକା ପକ୍ଷରୁ ସେନା ବୃଦ୍ଧି କରାଯାଇଛି। ଆମେରିକା ପ୍ରଶାସନ ମଧ୍ୟପ୍ରାଚ୍ୟକୁ ୯ ହଜାର ଅତିରିକ୍ତ ସୈନ୍ୟ ଓ ଯୁଦ୍ଧପୋତ ପଠାଇଛି। ଏହି ନୂତନ ସୈନ୍ୟ ଦଳରେ ୭ ହଜାରରୁ ଅଧିକ ନୌସେନା ଓ ୨ ହଜାର ମରିନ୍ ସାମିଲ ଅଛନ୍ତି। ଏହି ପଦକ୍ଷେପ ଦ୍ୱାରା ସେହି ଅଞ୍ଚଳରେ ଆମେରିକାର ସାମରିକ ଶକ୍ତି ଆହୁରି ଅଧିକ ମଜଭୁତ ହେବ।



ଏହି ସୈନ୍ୟ ମୁତୟନ ପଛରେ ଇରାନ ସହିତ ଲାଗି ରହିଥିବା ବିବାଦ ଓ ଇରାନ ଉପରେ ଆକ୍ରମଣର ବିକଳ୍ପ ଖୋଲା ରହିଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ, ନଭେମ୍ବର ମାସରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ଉପରେ ବୋମାବର୍ଷା କରାଯିବା ନେଇ ସେ ସମ୍ଭାବନାକୁ ଏଡ଼ାଇ ଦେଉନାହାନ୍ତି। ଇରାନର ଏକ ଯୁଦ୍ଧବିରତି ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଇରାନ ପାଖରେ ପରମାଣୁ ଅସ୍ତ୍ର ରହିବାକୁ ଦିଆଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ଇସ୍ରାଏଲ୍ ଅଭିମୁଖୀ ଏକ ଉଡ଼ାଣ ସମୟରେ ଘଟିଥିବା ଏକ ସନ୍ଦେହଜନକ ଘଟଣାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ଜଣେ ଫ୍ଲାଏ ଦୁବାଇ କୋ-ପାଇଲଟ୍ ନିଜ କ୍ୟାପଟେନ୍‌ଙ୍କୁ ଛୁରୀରେ ଆକ୍ରମଣ କରିବା ଓ ବିମାନ ଦୁର୍ଘଟଣାଗ୍ରସ୍ତ କରିବାକୁ ଉଦ୍ୟମ କରିବା ପଛରେ ଇରାନର ହାତ ରହିଥିବା ନେଇ ଆମେରିକା ଆଶଙ୍କା ପ୍ରକାଶ

## ଇରାନ ଆକ୍ରମଣର ବିକଳ୍ପ ଖୋଲା ରହିଛି: ଟ୍ରମ୍ପ

କରିଛି। ଏହି ଆକ୍ରମଣ ସହିତ ଇରାନର ଲିଙ୍କ୍ ଥାଇପାରେ ଏବଂ ଯଦି ଏହା ପ୍ରମାଣିତ ହୁଏ, ତେବେ ଆମେରିକା ପକ୍ଷରୁ କଠୋର ଜବାବ ଦିଆଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି।

ଆମେରିକାର ଏହି ନୂତନ ସୈନ୍ୟ ଦଳରେ 'ୟୁଏସ୍ଏସ୍ ଥିଓଡ଼ୋର୍ ରୁଜ୍‌ଭେଲ୍ଟ' କ୍ୟାରିୟର୍ ଷ୍ଟ୍ରାଇକ୍ ଗ୍ରୁପ୍ ଓ 'ୟୁଏସ୍ଏସ୍ ମାକିନ୍ ଆଇଲ୍ୟାଣ୍ଡ' ଆମ୍ଫିବିଅସ୍ ରେଡ଼ିନେସ୍ ଗ୍ରୁପ୍ ସାମିଲ ଅଛନ୍ତି। ଏହି ପଦକ୍ଷେପ ଫଳରେ ଆସନ୍ତା ଅକ୍ଟୋବର ମାସ ଶେଷ ସୁଦ୍ଧା ସେହି ଅଞ୍ଚଳରେ ତିନୋଟି ବିମାନବାହୀ ପୋତ ମୁତୟନ ହୋଇପାରନ୍ତି। ମଧ୍ୟପ୍ରାଚ୍ୟରେ ଆମେରିକାର ମୋଟ ନୌସେନା କର୍ମଚାରୀଙ୍କ ସଂଖ୍ୟା ୨୦ ହଜାରରୁ ଅଧିକ ହେବ ଏବଂ ଶହ ଶହ ଯୁଦ୍ଧବିମାନ ମଧ୍ୟ ସଜାଗ ରହିବେ। ଇରାନର ନୌଚାଳନା ଓ ତୈଳ ରପ୍ତାନି ଉପରେ କଟକଣା ଜାରି ରହିଥିବାବେଳେ ଉଭୟ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ନୂତନ ଉତ୍ତେଜନା ସମଗ୍ର ପଶ୍ଚିମ ଏସିଆ ଅଞ୍ଚଳରେ ଏକ ଅନିଶ୍ଚିତତା ସୃଷ୍ଟି କରିଛି।

# ହନୁମାନ ଚାଳିଶା ଦେଲା ଅସାଧାରଣ ସାହସ

### ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବାବେଳେ କହିଲେ ସ୍ମିତ ମଛାର

**ନୂଆଦିଲ୍ଲୀ,୨।୧୦:** ଆକାଶମାର୍ଗରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରି ଶତାଧିକ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବା ଫ୍ଲାଏ ଦୁବାଇର ଭାରତୀୟ ପାଇଲଟ୍ ସ୍ମିତ ମଛାର ଏବେ ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। କୋ-ପାଇଲଟ୍‌ଙ୍କ ଦ୍ୱାରା ହୋଇଥିବା ଜୀବନଘାତୀ ଆକ୍ରମଣର ସମ୍ମୁଖୀନ ହୋଇ ମଧ୍ୟ ସେ ଯେପରି ଅସାଧାରଣ ସାହସ ପ୍ରଦର୍ଶନ କରିଥିଲେ, ତାହା ସମସ୍ତଙ୍କୁ ଚକିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ଯୋଗେ ସ୍ମିତ ମଛାରଙ୍କ ସହ କଥା ହୋଇ ତାଙ୍କର ଏହି ସାହସିକତାର ଭୂୟସୀ ପ୍ରଶଂସା କରିଛନ୍ତି। ଏହି ସମୟରେ ସ୍ମିତ ସେହି ଭୟଙ୍କର ମୁହୂର୍ତ୍ତର ଅନୁଭବ ବଖାଣି କହିଛନ୍ତି ଯେ, ଆକ୍ରମଣ ସମୟରେ ସେ ନିରନ୍ତର 'ହନୁମାନ ଚାଳିଶା' ପାଠ କରୁଥିଲେ। ସେ ଓ ତାଙ୍କ ପୁଅ ନିୟମିତ ଭାବେ ହନୁମାନ ଚାଳିଶା ପାଠ କରନ୍ତି। ଭଗବାନଙ୍କ ଉପରେ ଥିବା ଏହି ଅଗାଧ ବିଶ୍ୱାସ ହିଁ ତାଙ୍କୁ ସେହି ସଙ୍କଟ ସମୟରେ ମନୋବଳ ଓ ସାହସ ଦେଇଥିଲା। ଯଦି ସେ ଧୈର୍ଯ୍ୟ ହରାଇଥାନ୍ତେ, ତେବେ ବିମାନରେ ଥିବା ୧୭୦ ଜଣ ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିଥାନ୍ତା ବୋଲି ସେ କହିଛନ୍ତି। ଗୁରୁତର ଆହତ ହେବା ସତ୍ତ୍ୱେ ସେ କକପିଟ୍ ଦ୍ୱାର ଖୋଲିଦେଇଥିଲେ, ଯାହାଫଳରେ ଯାତ୍ରୀମାନେ ଭିତରକୁ ଆସି ଆକ୍ରମଣକାରୀଙ୍କୁ କାବୁ କରିବାରେ ସଫଳ ହୋଇଥିଲେ।



● ଲକ୍ଷ୍ନୌରେ ଅଭାବନୀୟ ଘଟଣା

# ଏଆଇର ସାହାଯ୍ୟ ନେଇ ମା'କୁ ମାରିଲା ନାବାଳକ

**ଲକ୍ଷ୍ନୌ,୨।୧୦:** ଲକ୍ଷ୍ନୌରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପରିବାରରେ ସମଲିଙ୍ଗୀତାକୁ ନେଇ ଦେଖାଦେଇଥିବା ବିବାଦର କାରଣରୁ ଜଣେ ୧୭ ବର୍ଷୀୟ ନାବାଳକ କୃତ୍ରିମ ବୁଦ୍ଧିମତା (ଏଆଇ) ର ସହାୟତାରେ ନିଜ ମାଆଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ପୁଲିସର ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ କିଶୋର ଜଣକ ନିଜ ଘରକୁ ଯାଇ ମାଆଙ୍କୁ ଚା' ବନାଇବାକୁ କହିଥିଲା। ମାଆ ରୋଷେଇ ଘର ଆଡ଼କୁ ଯାଉଥିବା ସମୟରେ ସେ ପଛପଟୁ ଏକ ରେଞ୍ଚ ଦ୍ୱାରା ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ମାଆଙ୍କର ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡର ପ୍ରାୟ ୧୫ ମିନିଟ୍ ପରେ ପୂର୍ବରୁ ଏଆଇ ସହାୟତାରେ ପ୍ରସ୍ତୁତ କରାଯାଇଥିବା ଯୋଜନା ମୁତାବକ ସେ ନିଜେ ପୁଲିସକୁ ଫୋନ୍ କରି ଏହି ଜଘନ୍ୟକାଣ୍ଡ ସମ୍ପର୍କରେ ଜଣାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକକୁ ହେପାଜତକୁ ନେବା ସହ ତଦନ୍ତ ଜାରି ରଖିଛି।



### ଶିବାଜୀ ପାର୍କରେ ସିଜେପିର ପ୍ରତିବାଦ ସଭା

# ଅଭିଜିତ ଦୀପକେଙ୍କୁ ଭେଟିଲେ ଅଭିନେତା ନସିରୁଦ୍ଦିନ ଶାହ

**ମୁମ୍ବାଇ,୨।୧୦:** ବରିଷ୍ଠ ସିନେ ଅଭିନେତା ନସିରୁଦ୍ଦିନ ଶାହ କକରୋଚ୍ ଜନତା ପାର୍ଟି ଓ ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ସମର୍ଥନ କରିଆସିଛନ୍ତି। ଆଜି ଖୋଦ ନସିରୁଦ୍ଦିନ୍ ଶାହ ମୁମ୍ବାଇର ଶିବାଜୀ ପାର୍କରେ ଦୀପକେଙ୍କୁ ଭେଟିବା ସହ ତାଙ୍କୁ ଆଲିଙ୍ଗନ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀ ଓ ମୁମ୍ବାଇ ଭଳି ପ୍ରମୁଖ ସହରରେ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରୁ ନସିରୁଦ୍ଦିନ୍ ଶାହ ଅଭିଜିତଙ୍କୁ ସମର୍ଥନ କରିଆସୁଛନ୍ତି। ନିକଟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ସିଜେପି ଦ୍ୱାରା ଆୟୋଜିତ ପ୍ରତିବାଦ ସଭାରେ ଅଭିନେତା ଯୋଗ ଦେଇଛନ୍ତି। ଶିବାଜୀ ପାର୍କରେ ଅନୁଷ୍ଠିତ ପ୍ରତିବାଦ ସମୟରେ ନସିରୁଦ୍ଦିନ୍ ଶାହଙ୍କୁ ହଠାତ୍ ନିଜ ପାଖରେ ଦେଖି ଅଭିଜିତ୍ ଦୀପକେ ଭାବବିହ୍ୱଳ ହୋଇପଡ଼ିଥିଲେ। ଅଭିଜିତଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ଶାହ କହିଛନ୍ତି, 'ମୁଁ ତୁମକୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି।' ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଯୁବପିଢ଼ିଙ୍କୁ ପ୍ରେରଣା ଦେଉଛନ୍ତି ବୋଲି ଦୀପକେଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ନସିରୁଦ୍ଦିନ ଶାହ। ଏହି ପ୍ରଶଂସା ପାଇବା ପରେ ଅଭିଜିତ୍ ଏହାକୁ ନିଜ ଜୀବନର ଏକ 'ସ୍ୱପ୍ନର ମୁହୂର୍ତ୍ତ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ସାକ୍ଷାତକାରର ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।



● ଶିବାଜୀ ପାର୍କରେ ଶବ୍ଦ ପ୍ରଦୂଷଣ ଅଭିଯୋଗ

# ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଲେ ଜାଭେଦ୍ ଅଖତର

**ମୁମ୍ବାଇ:** ମୁମ୍ବାଇର ଶିବାଜୀ ପାର୍କରେ ସିଜେପି (କକ୍ରୋଚ୍ ଜନତା ପାର୍ଟି) ପକ୍ଷରୁ ହେବାକୁଥିବା ଆନ୍ଦୋଳନକୁ ନେଇ ସୃଷ୍ଟି ହୋଇଥିବା ଶବ୍ଦ ପ୍ରଦୂଷଣ ଅଭିଯୋଗ ଉପରେ ପ୍ରସିଦ୍ଧ ଗୀତିକାର ତଥା ଲେଖକ ଜାଭେଦ୍ ଅଖତର କଡ଼ା ପ୍ରତିକ୍ରିୟା ରଖିଛନ୍ତି। ଏହି ଆନ୍ଦୋଳନକୁ ସେ ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ସହ ସମାଲୋଚକମାନଙ୍କୁ କଡ଼ା ଜବାବ ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଜାଭେଦ୍ ଅଖତର ଲେଖିଛନ୍ତି ଯେ, ଶିବାଜୀ ପାର୍କର କିଛି ସ୍ଥାନୀୟ ନାଗରିକ ଶବ୍ଦ ପ୍ରଦୂଷଣକୁ ନେଇ ଏତେ ସମ୍ବେଦନଶୀଳ ହେବା ଖୁସିର ବିଷୟ। କିନ୍ତୁ ଭବିଷ୍ୟତରେ ମହାରାଷ୍ଟ୍ରର କୌଣସି ଆଞ୍ଚଳିକ ରାଜନୈତିକ ଦଳର ସଭା ସମୟରେ ମଧ୍ୟ ସେମାନେ ଏହିପରି ସମାନ ତୀବ୍ରତାର ସହ ବିରୋଧ କରିବେ ବୋଲି ସେ ଆଶା ରଖିଛନ୍ତି। ତାଙ୍କର ଏହି ମନ୍ତବ୍ୟ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।



# ସେନା ଗୁଳିରେ ୨ ପାକ୍ ଅନୁପ୍ରବେଶକାରୀ ନିହତ



### ଅନୁପ୍ରବେଶ ଉଦ୍ୟମ ପଣ୍ଡ

**ଅମୃତସର,୨।୧୦:** ପଞ୍ଜାବର ତରନ୍ ତାରାନ୍ ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନମାନଙ୍କୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ରାଜୋକେ ଗ୍ରାମ ନିକଟରେ ସୀମା ପାର ହୋଇ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଏସ୍ଏଫ୍ ଯବାନମାନେ ଗୁଳି କରି ନିହତ କରିଛନ୍ତି। ଏହାସହ ସୀମା ପାର୍ଶ୍ୱରୁ ହେଉଥିବା ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ସଫଳତାର ସହ ପଣ୍ଡ କରିଦେଇଛନ୍ତି। ସ୍ଥାନୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଉକ୍ତ ସୀମାନ୍ତ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# ୧୩ ବର୍ଷର ଝିଅକୁ ଗଣଦୁଷ୍କର୍ମ



**ଫରିଦାବାଦ, ୨।୧୦:** ହରିୟାଣାର ଫରିଦାବାଦରେ ଜଣେ ୧୩ ବର୍ଷର ଝିଅ ସହିତ ତିନିଜଣ ଯୁବକ ଗଣଦୁଷ୍କର୍ମ କରିଥିବାବେଳେ ତାଙ୍କ ପୁରୁଷ ବନ୍ଧୁ ଅପ୍ରାକୃତିକ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଝିଅଟି ବନ୍ଧୁଙ୍କ ସହିତ ବୁଲିବାକୁ ଯାଇଥିବାବେଳେ ଅଗଷ୍ଟ ୨୪ ତାରିଖରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତମାନେ ଝିଅ ଓ ତାଙ୍କ ବନ୍ଧୁଙ୍କୁ ଏକ ପରିତ୍ୟକ୍ତ କୋଠାକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଚାରି ଦିନ ପାଇଁ ରିମାଣ୍ଡରେ ପଠାଇ ଦିଆଯାଇଛି। ଫରିଦାବାଦ ଘଟଣା ପୁଣି ଥରେ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ମହିଳା ଓ ନାବାଳିକାଙ୍କ ନିରାପତ୍ତାକୁ ନେଇ ଚିନ୍ତା ସୃଷ୍ଟି କରିଛି।

ହାଇୱେ ସାଇନବୋର୍ଡ଼ରେ ହିନ୍ଦୀ ଶବ୍ଦ

# ଜାତୀୟ ରାଜପଥ ଶାଖାର ଦୁଇ ଅଧିକାରୀ ନିଲମ୍ବିତ

**ଥୁଟୁକୁଡ଼ି,୨।୧୦:** ତାମିଲନାଡୁରେ ରାଜପଥ ସାଇନ୍ ବୋର୍ଡରେ ହିନ୍ଦୀ ଶବ୍ଦ ବ୍ୟବହାରକୁ ନେଇ ତୀବ୍ର ପ୍ରତିକ୍ରିୟା ପରେ ରାତାରାତି ହିନ୍ଦୀ ନାମଗୁଡ଼ିକୁ ଲିଭାଇ ଦିଆଯାଇଛି। ଏହି ପ୍ରସଙ୍ଗରେ ଶୁକ୍ରବାର ତାମିଲନାଡୁର ଜାତୀୟ ରାଜପଥ ଶାଖାର ଦୁଇ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସରକାରଙ୍କ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ରାଜ୍ୟର ଦୁଇ-ଭାଷା ନୀତିର ଉଲ୍ଲଂଘନ କରି ନିଆଯାଇଛି, ଯାହା ତାମିଲ ଓ ଇଂରାଜୀକୁ ସରକାରୀ ଭାଷା ଭାବରେ ବ୍ୟବହାର କରେ। ବିଜୟ ସରକାର ରାଜପଥ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି।




# ଆଫଗାନିସ୍ତାନରେ ପାକିସ୍ତାନର ବିମାନ ଆକ୍ରମଣ, ୯ ମୃତ



**କାବୁଲ,୨।୧୦:** ଆଫଗାନିସ୍ତାନର ଦୁଇଟି ପ୍ରଦେଶରେ ପାକିସ୍ତାନ ପକ୍ଷରୁ ରାତିସାରା ବିମାନ ଆକ୍ରମଣ କରାଯାଇଛି। ଏହି ବୋମା ବିସ୍ଫୋରଣରେ ମହିଳା ଓ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୧ ଜଣ ନାଗରିକ ଆହତ ହୋଇଥିବା ଆଫଗାନିସ୍ତାନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ ଦୁଇଟି ସ୍ଥାନରେ ଥିବା ଆତଙ୍କବାଦୀ ଆଡ଼ା ଉପରେ ଏହି ଆକ୍ରମଣ କରାଯାଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ, ଏଥିରେ ୨୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ତେବେ ଦୁଇ ଦେଶ ପକ୍ଷରୁ କରାଯାଇଥିବା ମୃତାହତ ଦାବିର ସ୍ୱାଧୀନ ସତ୍ୟାସତ୍ୟ ଯାଞ୍ଚ ହୋଇପାରି ନାହିଁ।

ଟ୍ରକ୍‌କୁ ଧକ୍କା ଦେଲା ଦୁର୍ଗାମୂର୍ତ୍ତି ନେଉଥିବା ପିକ୍‌ଅପ୍

# ୭ ମୃତ, ୧୯ ଆହତ

**ଅମରାବତୀ, ୨।୧୦:** ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାସ୍ଥିତ ସମୃଦ୍ଧି ମହାମାର୍ଗ (ସମୃଦ୍ଧି ଏକ୍ସପ୍ରେସୱେ)ର ଧାମନଗାଁ ରେଳବାଇ ଷ୍ଟେସନ୍ ନିକଟରେ ଗୁରୁବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଓ ଟେମ୍ପୋ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ହିଁ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବୁଲଡାଣା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ସେଗାଁରୁ ଏକ ଦୁର୍ଗା ମୂର୍ତ୍ତି ଧରି ୱାର୍ଦ୍ଧା ଅଭିମୁଖେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସଂଘର୍ଷ ଏତେ ପ୍ରବଳ ଥିଲା ଯେ ଟେମ୍ପୋଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିଲା।



# ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

### ଦେଶ ପାଳିଲା ବାପୁଙ୍କ ୧୫୭ତମ ଜୟନ୍ତୀ

**ନୂଆଦିଲ୍ଲୀ, ୨।୧୦:** ଦେଶକୁ ସ୍ୱାଧୀନତାର ପଥ ଦେଖାଇଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ଆଜି ସମଗ୍ର ଦେଶ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛି। ଏହି ପବିତ୍ର ଅବସରରେ ଦିଲ୍ଲୀର ରାଜଘାଟରେ ଏକ ଭକ୍ତିପୂତ ଓ ସମ୍ମାନଜନକ ପରିବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ରାଜଘାଟରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ବାପୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଆଦର୍ଶକୁ ସେ ସ୍ମରଣ କରିଥିଲେ। ଏହି ଅବସରରେ ସେଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଭିନ୍ନ ଧର୍ମର ପ୍ରତିନିଧିମାନେ ଯୋଗଦେଇ ବାପୁଙ୍କ ସତ୍ୟ, ଅହିଂସା ଓ ସଦ୍‌ଭାବନାର ବାର୍ତ୍ତାକୁ ମନେ ପକାଇଥିଲେ।



ରାଜଘାଟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଖଟ୍ଟର, ଦିଲ୍ଲୀ ଉପରାଜ୍ୟପାଳ ତରଣଜିତ ସିଂହ ସନ୍ଧୁ ଓ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋସିଆଲ ମିଡିଆ ମାଧ୍ୟମରେ ଗାନ୍ଧୀଜୀଙ୍କ ସ୍ୱଦେଶୀ, ସତ୍ୟ, ଅହିଂସା ଓ ଆତ୍ମନିର୍ଭରତାର ବାର୍ତ୍ତା ଆଜିର ସମୟରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ବୋଲି ମତବ୍ୟକ୍ତ କରିଛନ୍ତି।

'ଫ୍ଲାଇଦୁବାଇ' କକପିଟ୍ ଆକ୍ରମଣ ଘଟଣା

# ଓମାନୀ ସହ-ପାଇଲଟଙ୍କୁ ୟୁଏଇକୁ ହସ୍ତାନ୍ତର



**ରିୟାଧ/ଆବୁଧାବି,୨।୧୦:** ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା 'ଫ୍ଲାଇଦୁବାଇ' ବିମାନର କକପିଟରେ ଭାରତୀୟ କ୍ୟାପ୍ଟେନ୍ ସ୍ମିଥ୍ ମଛାରଙ୍କୁ ଆକ୍ରମଣ କରି ବିମାନ କ୍ରାସ୍ କରିବାକୁ ଚେଷ୍ଟା କରିଥିବା ଅଭିଯୁକ୍ତ ଓମାନୀ ସହ-ପାଇଲଟଙ୍କୁ ସାଉଦି ଆରବ ସରକାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ବୁଧବାର ସାଉଦି ଆରବର ତବୁକ୍ ସହରରେ ବିମାନଟି ଜରୁରୀକାଳୀନ ଅବତରଣ କରିବା ପରେ ସାଉଦି ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ଏବଂ ୟୁଏଇର ସୁରକ୍ଷା ଟିମ୍ ମିଳିତ ଭାବେ ପ୍ରାଥମିକ ତଦନ୍ତ କରିଥିଲେ। ତଦନ୍ତ ସମୟରେ ସହ-ପାଇଲଟ୍ ଜଣକ କ୍ୟାପ୍ଟେନଙ୍କୁ ଛୁରୀଆଘାତ କରି ଆକ୍ରମଣ କରିଥିବା ସ୍ପଷ୍ଟ ହୋଇଥିଲା।

# ମାୟାବତୀଙ୍କୁ କ୍ଷମା ମାଗିଲେ ଆକାଶ ଆନନ୍ଦ

**ଲକ୍ଷ୍ନୌ,୨।୧୦:** ବହୁଜନ ସମାଜ ପାର୍ଟି (ବିଏସପି) ସୁପ୍ରିମୋ ମାୟାବତୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି ଆକାଶ ଆନନ୍ଦ। ଦଳରୁ ବହିଷ୍କୃତ ହେବା ପରେ ଆକାଶ ମାୟାବତୀଙ୍କୁ ଏକ ପତ୍ର ଲେଖିବା ସହ ସୋସିଆଲ ମିଡିଆ ମାଧ୍ୟମରେ କହିଛନ୍ତି ଯେ ମାୟାବତୀ ତାଙ୍କର ରାଜନୈତିକ ଗୁରୁ। ସେ କୌଣସି ଅନ୍ୟ ଦଳକୁ ଯାଉନାହାନ୍ତି, ବରଂ ବିଏସପି ସହିତ ଜଡ଼ିତ ରହି ସେବା କରିବାକୁ ଚାହାନ୍ତି। ଆକାଶ ଲେଖିଛନ୍ତି ଯେ ଗତ କିଛି ଦିନ ହେଲା ଗଣମାଧ୍ୟମରେ ବିଭିନ୍ନ ଗୁଜବ ରଟାଯାଉଛି, କିନ୍ତୁ ସେ କେବେ ମଧ୍ୟ ଅନ୍ୟ କୌଣସି ରାଜନୈତିକ ଦଳକୁ ଯିବେ ନାହିଁ। ବିଏସପି ତାଙ୍କ ପାଇଁ କେବଳ ଏକ ଦଳ ନୁହେଁ ବରଂ ପରିବାର ବୋଲି ସେ କହିଛନ୍ତି। ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କୁ ଦଳରୁ ବାହାର କରାଯିବା ନେଇ ମାୟାବତୀଙ୍କ ନିଷ୍ପତ୍ତିକୁ ସେ ସମର୍ଥନ କରିଛନ୍ତି।



### ପଦାରେ ପଡ଼ିଲା ରାଜସ୍ଥାନ କଂଗ୍ରେସର ଅନ୍ତର୍ଦ୍ୱନ୍ଦ୍ୱ

# ପାର୍ଟିରୁ ଇସ୍ତଫା ଦେଲେ ପୂର୍ବତନ ମନ୍ତ୍ରୀ ବିଶ୍ୱେନ୍ଦ୍ର ସିଂହ

**ଜୟପୁର,୨।୧୦:** ରାଜସ୍ଥାନ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିଛି। ଅଶୋକ ଗେହଲଟ୍ ସରକାରର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ତଥା ପ୍ରଭାବଶାଳୀ ଜାଟ୍ ନେତା ବିଶ୍ୱେନ୍ଦ୍ର ସିଂହ ଆଜି କଂଗ୍ରେସ ପାର୍ଟିରୁ ଇସ୍ତଫା ଘୋଷଣା କରିଛନ୍ତି। ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ଗୋବିନ୍ଦ ସିଂହ ଡୋଟାସରାଙ୍କ କାର୍ଯ୍ୟପନ୍ଥା ଓ ସ୍ଥାନୀୟ ନେତୃତ୍ୱ ବିରୋଧରେ କ୍ଷୋଭ ପ୍ରକାଶ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ପୌର ନିର୍ବାଚନରେ ପ୍ରକୃତ କର୍ମୀଙ୍କୁ ଅଣଦେଖା କରାଯାଇଥିବା ତଥା ଦଳରେ ଆତ୍ମସମ୍ମାନ କ୍ଷୁଣ୍ଣ ହେଉଥିବା ଅଭିଯୋଗ କରି ସେ କହିଛନ୍ତି ଯେ 'ଅଣନିଃଶ୍ୱାସୀ ହେବା ଅପେକ୍ଷା ଆତ୍ମସମ୍ମାନରେ ମରିବା ଭଲ'। ତାଙ୍କର ଏହି ଇସ୍ତଫା ରାଜସ୍ଥାନ ରାଜନୀତିରେ ଏକ ବଡ଼ଧରଣର ହଲଚଲ ସୃଷ୍ଟି କରିଛି।



# ନାମ ବାଦ୍ ପଡ଼ିଥିବା ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

- ଘରୁ ଡକ୍ୟୁମେଣ୍ଟ୍ ସଂଗ୍ରହ କରିବ ନିର୍ବାଚନ ଆୟୋଗ
- ଏସ୍‌ଆଇଆର୍ ପ୍ରକରଣ (ମଝି ଇନସର୍ଟ)

**ନୂଆଦିଲ୍ଲୀ,୨।୧୦:** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମୟରେ ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ବାଦ ପଡ଼ିଛି, ସେମାନଙ୍କ ପାଇଁ ନିର୍ବାଚନ ଆୟୋଗ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ଣ୍ଣାଙ୍ଗ ଆୟୋଗଙ୍କ ବୈଠକ ପରେ ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧନ ସମୟରେ ଅମାନ୍ୟ ଘୋଷିତ (ଅନ୍‌ମ୍ୟାପ୍ଡ) କିମ୍ବା ଯୌକ୍ତିକ ଅନିୟମିତତା ଭାବେ ଚିହ୍ନଟ ହୋଇଥିବା ଭୋଟରମାନଙ୍କୁ ସାଧାରଣତଃ ଶୁଣାଣି ପାଇଁ ହାଜର ହେବାକୁ ପଡ଼ିବ ନାହିଁ।



ବୁଥ୍ ସ୍ତରୀୟ ଅଧିକାରୀମାନେ ସେମାନଙ୍କ ଘରୁ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ୍ ସଂଗ୍ରହ କରିବେ। ଏହି ଡକ୍ୟୁମେଣ୍ଟ୍‌ଗୁଡ଼ିକୁ ଇସିନେଟ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ, ଯାହାଦ୍ୱାରା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ) ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିବେ। ଅତି ବିଶେଷ କ୍ଷେତ୍ରରେ ହିଁ ଶୁଣାଣି କରାଯିବ ଓ ଏହାକୁ ଅନଲାଇନ୍ ମାଧ୍ୟମରେ କରିବାକୁ ପ୍ରାଥମିକତା ଦିଆଯିବ। ଆବଶ୍ୟକ ପଡ଼ିଲେ ପରିବାରର ଜଣେ ବୟସ୍କ ସଦସ୍ୟ ମଧ୍ୟ ଭୋଟରଙ୍କ ବଦଳରେ ଶୁଣାଣିରେ ଉପସ୍ଥିତ ରହିବାକୁ ଅଧିକୃତ ହୋଇପାରିବେ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି। ଯୁବକ ଏବଂ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଥିବା ବ୍ୟକ୍ତିମାନେ ଆବେଦନ କରିପାରିବେ।

# ପୁଅର ଆଚରଣ ପାଇଁ ବାପା ଦାୟୀ ନୁହନ୍ତି: ଦିଲ୍ଲୀ ହାଇକୋର୍ଟ




**ନୂଆଦିଲ୍ଲୀ,୨।୧୦:** ବାପା ନିଜର ପ୍ରାପ୍ତବୟସ୍କ ଓ ବିବାହିତ ପୁଅର ଆଚରଣକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା କାରଣରୁ କେବଳ ସେହି ଆଧାରରେ ତାଙ୍କୁ ଘରୋଇ ହିଂସା (ଡୋମେଷ୍ଟିକ୍ ଭାୟୋଲେନ୍ସ) ଆଇନ ଅଧୀନରେ ଦାୟୀ କରାଯାଇପାରିବ ନାହିଁ। ଜଣେ ମହିଳାଙ୍କ ଆବେଦନକୁ ଖାରଜ କରି ଦିଲ୍ଲୀ ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ତଳ କୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ମହିଳା ଜଣକ ଶାଶୂଘର ଲୋକଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ପୁଅର ପରକୀୟା ପ୍ରୀତିକୁ ବାପା ରୋକି ପାରିନଥିବା ଅଭିଯୋଗକୁ ଖଣ୍ଡନ କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ପରିବାରର ସଦସ୍ୟ ହେବା ଦ୍ୱାରା କିମ୍ବା ଆଇନଗତ ସମ୍ପର୍କ ଥିବା ମାତ୍ରେ ଘରୋଇ ହିଂସା ଆଇନ ଲାଗୁ ହୋଇପାରିବ ନାହିଁ। ଆବେଦନକାରୀ ଶାଶୂଙ୍କ ସହ କେବଳ ବ୍ୟବସାୟିକ ଭାବେ ଅଂଶୀଦାର ଥିଲେ ଏବଂ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକରେ କୌଣସି ତଥ୍ୟ ନଥିଲା।

# ୬ ବର୍ଷର ବାଳିକା ଏଡ଼ାଇଲା ଫ୍ଲାଏ ଦୁବାଇ ବିମାନ ଦୁର୍ଘଟଣା

**ତେଲ ଅଭିଭ, ୨।୧୦:** ଦୁବାଇରୁ ତେଲ ଅଭି ଅଭିମୁଖେ ଯାତ୍ରା କରୁଥିବା ଏକ ଫ୍ଲାଏ ଦୁବାଇ ବିମାନରେ ଏକ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି। ଜଣେ ଛଅ ବର୍ଷର ଶିଶୁ କନ୍ୟାର ଶୌଚାଳୟ ଯିବା ଓ ତା'ର ଭୟଭୀତ ଚିତ୍କାର ଯୋଗୁଁ ଏକ ବିପଜ୍ଜନକ ପରିସ୍ଥିତି ସାମ୍ନାକୁ ଆସିଥିଲା, ଯାହାକି ଶେଷରେ ଯାତ୍ରୀମାନଙ୍କ ସହାୟତାରେ ଏକ ବଡ଼ ବିପଦକୁ ଏଡ଼ାଇଦେବାରେ ସଫଳ ହୋଇଥିଲା।

ଘଟଣା ଅନୁଯାୟୀ, ଦୁବାଇରୁ ତେଲ ଅଭି ଯାଉଥିବା ବିମାନରେ ଛଅ ବର୍ଷର ନିନା ନାମକ ଶିଶୁଟି ଶୌଚାଳୟକୁ ଯାଇଥିବା ସମୟରେ ହଠାତ୍ କକପିଟ୍ ଭିତରୁ ଭୟଙ୍କର ଚିତ୍କାର ଶୁଣିବାକୁ ମିଳିଥିଲା। ଝିଅର ଚିତ୍କାର ଶୁଣି ତାର ପିତା ତ୍ୱବିକା ମାନେସ୍ ସିଟ୍‌ରୁ ଉଠି ଯାଇଥିଲେ ଓ ଝିଅ 'ବାପା, ଆମେ ମରିବାକୁ ଚାହୁଁନାହୁଁ' ବୋଲି କହିବା ପରେ ସେ କକପିଟ୍ ଆଡକୁ ଦୌଡ଼ିଥିଲେ। ସେଠାରେ ପହଞ୍ଚିବା ପରେ ସେ ଅତ୍ୟନ୍ତ ଭୟାବହ ଦୃଶ୍ୟ ଦେଖିବାକୁ ପାଇଥିଲେ। କକପିଟ୍ ଦ୍ୱାରଟି ଅର୍ଦ୍ଧେକ ଖୋଲାଥିବାବେଳେ ଗୁରୁତର ଆହତ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଛାର୍ ରକ୍ତାକ୍ତ



ଅବସ୍ଥାରେ କକପିଟ୍‌ରୁ ବାହାରକୁ ଆସିବାକୁ ସଂଘର୍ଷ କରୁଥିଲେ। ଓମାନର କୋ-ପାଇଲଟ୍ ତାଙ୍କୁ ଛୁରୀରେ ଆକ୍ରମଣ କରୁଥିବାବେଳେ କ୍ୟାପଟେନ୍ ମଛାର୍ ନିଜର ଜୀବନ ବଞ୍ଚାଇବା ପାଇଁ ଦ୍ୱାର ଖୋଲି ସାହାଯ୍ୟ ମାଗିଥିଲେ। ଏହି ସମୟରେ ଯାତ୍ରୀ ତ୍ୱବିକା ମାନେସ୍ ଓ ଅନ୍ୟ ଦୁଇଜଣ ଯାତ୍ରୀ ଆସାଫ ରାଜୁଆନ୍ ଓ ୟାନିଭ୍ ହାୟୁନ୍ ତୁରନ୍ତ ଆକ୍ରମଣକାରୀଙ୍କ ଉପରକୁ ଡେଇଁ ପଡ଼ିଥିଲେ ଏବଂ ବିମାନର ହେଡ୍‌ଫୋନ୍ କେବୁଲ୍ ସାହାଯ୍ୟରେ ତାଙ୍କୁ ଦୃଢ଼ ଭାବେ ବାନ୍ଧି ପକାଇଥିଲେ। ଆକ୍ରମଣ ସମୟରେ ବିମାନଟି ଦ୍ରୁତ ଗତିରେ ଉଚ୍ଚତା ହରାଇବାରୁ କ୍ୟାବିନ୍ ଭିତରେ ଭୟଙ୍କର ବାତାବରଣ ସୃଷ୍ଟି ହୋଇଥିଲା ଓ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଘଟଣା ନିୟନ୍ତ୍ରଣକୁ ଆସିବା ପରେ ଦୁଇଜଣ ଅଫ୍-ଡ୍ୟୁଟି ପାଇଲଟ୍ ବିମାନର ନିୟନ୍ତ୍ରଣ ନେଇଥିଲେ ଏବଂ ସଫଳତାର ସହ ସାଉଦି ଆରବର ତବୁକ୍ ଠାରେ ବିମାନଟିକୁ ଅବତରଣ କରାଇଥିଲେ। ସେଠାରୁ ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ସୁରକ୍ଷିତ ଭାବେ ତେଲ ଅଭିରେ ପହଞ୍ଚାଯାଇଥିଲା।

### ବାଲିଯାତ୍ରା ଇଭେଣ୍ଟ୍ ମ୍ୟାନେଜମେଣ୍ଟ୍ ଟେଣ୍ଡର ଆହ୍ୱାନ

# ନିର୍ଦ୍ଦିଷ୍ଟ ସଂସ୍ଥାକୁ କାମ ଦେବାକୁ ଅନିୟମିତତା ଅଭିଯୋଗ

**କଟକ,୨।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷର କଟକ ବାଲିଯାତ୍ରା ଇଭେଣ୍ଟ ମ୍ୟାନେଜମେଣ୍ଟ୍ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି କାମ ଦେବା ଲାଗି ମନଇଚ୍ଛା ଟେଣ୍ଡର ନିୟମ ଲାଗୁ କରାଯାଇଛି ବୋଲି ଅଭିଯୋଗ ହେଉଛି। ଚଳିତ ବର୍ଷର ବାଲିଯାତ୍ରା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କାମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଷ୍ଟେଜ୍ ବାନ୍ଧିବା, ଚେୟାର ପକାଇବା, ଲାଇଟ୍, ସାଜସଜ୍ଜା ଆଦି କାମକୁ କ୍ୱାଲିଟି ବେସ୍‌ଡ ଇଭାଲ୍ୟୁସନ୍ ଜରିଆରେ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିପାଇଁ ୬ କୋଟି ଟଙ୍କାର ବଜେଟ୍ କରାଯାଇଛି। ଅର୍ଥାତ ଏହି କାମ ପାଇଁ ଯେଉଁ ସଂସ୍ଥା ସବୁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ସେମାନଙ୍କୁ ନିଜ ଯୋଜନା ଓ ପ୍ରସ୍ତୁତି ସମ୍ପର୍କରେ ଅବଗତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡକାଯିବ। ସେମାନେ ଉପସ୍ଥିତ ଅଧିକାରୀଙ୍କୁ ପ୍ରେଜେଣ୍ଟେସନ୍ ଜରିଆରେ ଯୋଜନା ଜଣାଇବେ। ପ୍ରେଜେଣ୍ଟେସନ୍ ଅନୁସାରେ ଜିଲ୍ଲାପାଳ ସଂସ୍ଥାମାନଙ୍କୁ ମାର୍କ ପ୍ରଦାନ କରିବେ। ଯେଉଁ ସଂସ୍ଥା ଅଧିକ ମାର୍କ ପାଇବେ, ସେହି ସଂସ୍ଥା ଏହି କାମ ହାତେଇବ। ଅର୍ଥାତ ମାର୍କ ଜରିଆରେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦିଆଯାଇପାରିବ। ଅନ୍ୟ ପକ୍ଷରେ ଖାଦ୍ୟପେୟ, କାର୍ଡଛପା ଓ ଅନ୍ୟାନ୍ୟ କାମ ପାଇଁ ୪ କୋଟି ଟଙ୍କାର ବଜେଟ୍ କରାଯାଇଛି। ଏହି କାମକୁ ଲୋଏଷ୍ଟ ବିଡରଙ୍କ ହାତରେ ଦିଆଯିବ। ଅର୍ଥାତ ଟେଣ୍ଡରରେ ଯିଏ ସର୍ବନିମ୍ନ ମୂଲ୍ୟରେ ଆବେଦନ କରିବେ, ସେମାନଙ୍କୁ ଏହି କାମ ପ୍ରଦାନ କରାଯିବ। ତେବେ ଟେଣ୍ଡର ନିୟମ ଅନୁଯାୟୀ, ଏହିଭଳି କାମ ପାଇଁ ଆଗ୍ରହୀ ସଂସ୍ଥାକୁ ସର୍ବାଧିକ ୧୧ ହଜାର ଟଙ୍କା ଦେଇ ଆବେଦନ କରିବାକୁ ହୋଇଥାଏ। ଫଳରେ ଟେଣ୍ଡର କାମରେ ଅଧିକରୁ ଅଧିକ ସଂସ୍ଥା ଭାଗିଦାରୀ ହୋଇଥାଆନ୍ତି। ମାତ୍ର ଏଥର ଆବେଦନକାରୀ ସଂସ୍ଥାଙ୍କୁ ୧ ଲକ୍ଷ ଟଙ୍କା ଜମା ଦେବାକୁ ନିୟମ କରାଯାଇଛି। ଯଦି ଟେଣ୍ଡର ନ ମିଳେ ତେବେ ଆବେଦନ ଟଙ୍କା ଆଉ ଫେରସ୍ତ ଦିଆଯିବ ନାହିଁ। ସେହିପରି ୬ କୋଟିର କାମ ଯେଉଁ ସଂସ୍ଥା ପାଇବ ତାକୁ ଅର୍ଥ ବିଭାଗ ନିୟମ ଅନୁଯାୟୀ ୩ ପ୍ରତିଶତ ହାର୍‌ରେ ସିକ୍ୟୁରିଟି ଡିପୋଜିଟ୍ ବାବଦକୁ ୧୮ ଲକ୍ଷ ଟଙ୍କା ଜମା କରିବାକୁ ପଡ଼ିବ। କିନ୍ତୁ ଏଠି ଟେଣ୍ଡର ପାଇଥିବା ସଂସ୍ଥାକୁ ସିକ୍ୟୁରିଟି ଅର୍ଥ ଭାବେ ୩୦ ଲକ୍ଷ ଟଙ୍କା ଜମା କରିବାକୁ ପଡ଼ିବ ବୋଲି ନିୟମ କରାଯାଇଛି। ଆହୁରି ମଧ୍ୟ ଅର୍ଥ ବିଭାଗର ନିୟମ ଅନୁସାରେ, ୧୦ କୋଟି ଟଙ୍କାର କାମ ପାଇଁ ଟେଣ୍ଡରରେ ସର୍ବନିମ୍ନ ତିନି ସପ୍ତାହ ଅର୍ଥାତ ୨୧ ଦିନ ସମୟ ଦିଆଯିବା କଥା। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଟେଣ୍ଡର ପାଇଁ ମାତ୍ର ୧୦ ଦିନ ପାଇଁ ଧାର୍ଯ୍ୟ କରାଯାଇଛି। ଯେଉଁ ସଂସ୍ଥାର ବାର୍ଷିକ ୩୦ କୋଟି ଟଙ୍କାର କାରବାର ଥିବ, ସେହି ସଂସ୍ଥା କେବଳ ଏହି କାମ ପାଇଁ ଆବେଦନ କରିପାରିବେ ବୋଲି ଏହି ଟେଣ୍ଡର ନିୟମରେ ଯୋଡ଼ି ଦିଆଯାଇଛି। ବ୍ରହ୍ମପୁରର ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି କାମ ଦେବା ଲାଗି ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିବା ଟେଣ୍ଡର ନିୟମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମନଇଚ୍ଛା ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କୁ ପଚାରିବାରୁ ସେ କିଛି ବି କହିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଉପହାର ଇ ନିଲାମ ୩୧ ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୨।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯାଇଥିବା ଅନନ୍ୟ ଉପହାର ଓ କଳାକୃତି ସମ୍ବଳିତ ପ୍ରଧାନମନ୍ତ୍ରୀ ସ୍ମାରକୀର ୮ମ ସଂସ୍କରଣର ଇ ନିଲାମ ପ୍ରକ୍ରିୟା ବର୍ତ୍ତମାନ ଚାଲୁ ରହିଛି ଏବଂ ଏହାକୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସଂସ୍କରଣରେ ଦିଲ୍ଲୀର ବିବିଧ ଦିଗକୁ ପ୍ରତିଫଳିତ କରୁଥିବା ୩୦ଟି ଭିନ୍ନ ଭିନ୍ନ ସ୍ମାରକୀ ସାମିଲ ରହିଛି। ସର୍ବସାଧାରଣ ନିଲାମ ପାଇଁ ଉଦ୍ଦିଷ୍ଟ ଏହି ସଂଗ୍ରହରେ ବିଭିନ୍ନ ପ୍ରକାରର କଳାକୃତି, ଧାର୍ମିକ ବା ଆସ୍ଥାଭାବ ଜଡ଼ିତ ସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀ ଏବଂ ବିଭିନ୍ନ ସଂସ୍ଥା ସହ ଜଡ଼ିତ ସ୍ମାରକୀ ରହିଛି, ଯାହା ଅନନ୍ୟ ସ୍ମାରକୀ ଭାବେ ସାଇତି ରଖାଯାଇପାରିବ। ଏହି ନିଲାମରୁ ମିଳିଥିବା ଅର୍ଥ 'ନମାମି ଗଙ୍ଗେ ପ୍ରକଳ୍ପ'କୁ ପ୍ରଦାନ କରାଯିବ। ଏହି ୩୦ଟି ସ୍ମାରକୀ ମଧ୍ୟରେ ନଅଟି ଫଟୋ ଫ୍ରେମ୍, ନଅଟି ସ୍ମାରକୀ ଏବଂ ଛଅଟି ମୂର୍ତ୍ତି ଓ ଭାସ୍କର୍ଯ୍ୟ, ପ୍ରତିମା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଏହି ସଂଗ୍ରହରେ ଦୁଇଟି ଦିଲ୍ଲୀ ମେଟ୍ରୋ ମଡେଲ୍, କ୍ରୀଡ଼ା ସମ୍ବନ୍ଧୀୟ ଏକ ସ୍ମାରକୀ ସାମଗ୍ରୀ, ଏକ ଚିତ୍ରକଳା ତଥା ବିଭିନ୍ନ କଳା ଓ ହସ୍ତଶିଳ୍ପ ସାମଗ୍ରୀ ମଧ୍ୟ ସାମିଲ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫.୧୨ ଲକ୍ଷ...

ମାନସ କୁମାର ଦତ୍ତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାଜ୍ୟରେ ଏବେ ସୁଦ୍ଧା କେତେସଂଖ୍ୟକ ଆଶାୟୀ ଭତ୍ତା ପାଇବା ପାଇଁ ଆବେଦନ କରିଛନ୍ତି। କେବେ ସୁଦ୍ଧା ଅନୁମୋଦନ ହେବ ଓ ମିଳିବ ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ରାଜ୍ୟରେ ଅଦ୍ୟାବଧି ୫ ଲକ୍ଷ ୧୪ ହଜାର ୨୬୬ ଜଣ ଆଶାୟୀ ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ, ଅକ୍ଟୋବରରୁ ପେନ୍‌ସନ ଦେବାକୁ ଯୋଜନା ରହିଛି। ଜିଲ୍ଲାରୁ ପ୍ରାପ୍ତ ତଥ୍ୟକୁ ନେଇ ଯାଞ୍ଚ କରାଯାଇ ଭତ୍ତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ତେବେ ଯାଞ୍ଚ ପରେ ପ୍ରାୟ ୨ ହଜାର ହିତାଧିକାରୀ ବାଦ୍ ପଡ଼ିବାକୁ ଯାଉଥିବା ଜଣାଯାଇଛି। ତେବେ ଏ ବାବଦକୁ ସରକାର ପ୍ରାୟ ୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଭାର ବୋହିବାକୁ ପଡ଼ିବ। ଆସନ୍ତା ୧୫ ତାରିଖ ସୁଦ୍ଧା ଭତ୍ତା ବଣ୍ଟନ କରାଯିବ ବୋଲି ସମ୍ପୃକ୍ତ କ୍ୟାବିନେଟ୍ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଭାରତୀୟ ମହିଳା...

ଏପରି ସଫଳତାରେ ଖୁସି ପ୍ରକଟ କରି ପ୍ରଧାନମନ୍ତ୍ରୀ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ଦଳ ଚମତ୍କାର ଦକ୍ଷତା ପ୍ରଦର୍ଶନ କରିବା ସହ ଅପୂର୍ବ ଦଳଗତ ପ୍ରଚେଷ୍ଟାର ଉଦାହରଣ ଦେଇଛନ୍ତି। ସେମାନଙ୍କ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ଶ୍ରୀ ମୋଦି କହିବା ସହ ଦଳକୁ ଆଗାମୀ ଦିନରେ ସମାନ ସଫଳତା କାଏମ ରଖିବ ବୋଲି ଆଶା କରିଛନ୍ତି।

### ହେଭିୱେଟ୍ ନେତାଙ୍କ...

(ବିଏନଏସଏସ)ର ଧାରା ୧୬୩ ଲାଗୁ କରାଯାଇଥିଲା। ଅଖିଳ ଭାରତ ଛାତ୍ର ସଂଗଠନ (ଏଆଇଏସଏ), ଭାରତୀୟ ଛାତ୍ରସଂଘ (ଏସଏଫଆଇ) ଓ ଭାରତୀୟ ଗଣତାନ୍ତ୍ରିକ ଯୁବ ସଂଗଠନ (ଡିୱାଇଏଫଆଇ) ପକ୍ଷରୁ ମୁଖ୍ୟତଃ ପ୍ରତିବାଦ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଦିଲ୍ଲୀ ପୁଲିସ ତାହାକୁ ଅନୁମତି ଦେଇ ନ ଥିଲା।

ପ୍ରତିବାଦ ଶୋଭାଯାତ୍ରା ଲାଗି ଅନୁମତି ନ ଥିବା ତଥା ନାଗରିକ ସୁରକ୍ଷାକୁ ଦୃଷ୍ଟିରେ ରଖି ବିକ୍ଷୋଭକାରୀମାନଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ୍ ସଫେଇ ଦେଇଛି। ମାତ୍ର ସମଗ୍ର ଦେଶରେ ଜନ ଆନ୍ଦୋଳନର ଡାକରା ଦେଇଥିବା ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀଙ୍କୁ ଅଟକ ରଖିବା ଘଟଣାକୁ ନେଇ ଦିଲ୍ଲୀ ପୁଲିସକୁ ତୀବ୍ର ସମାଲୋଚନା କରିଛନ୍ତି। ଏ କ୍ଷେତ୍ରରେ ଦିଲ୍ଲୀ ପୁଲିସ୍ ମୁମ୍ବାଇ ପୁଲିସଠାରୁ କିଛି ଶିକ୍ଷା କରିବା ଉଚିତ ବୋଲି ସେ କହିଛନ୍ତି। ସେହିଭଳି ପୁଲିସ ଦ୍ୱାରା ଗିରଫ ହୋଇଥିବା ଅଖିଳ ଭାରତ ଛାତ୍ର ସଂଗଠନ (ଏଆଇଏସଏ)ର ରାଷ୍ଟ୍ରୀୟ ଅଧ୍ୟକ୍ଷା ନେହା ଭୋରା କହିଛନ୍ତି ଯେ ଜନ୍ତରମନ୍ତର ୨.୦ ଏଯାଏ ହୋଇନାହିଁ; ଏହା କେବଳ ଆରମ୍ଭ ମାତ୍ର।

ଅପରପକ୍ଷରେ, ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସିଜେପି ଦେଇଥିବା ଆନ୍ଦୋଳନର ପ୍ରଭାବ ଆଜି ସମଗ୍ର ଦେଶରେ ଦେଖିବାକୁ ମିଳିଛି। ପୁଲିସର ଅନୁମତି ନ ଥିବା ସତ୍ତ୍ୱେ ମୁମ୍ବାଇର ଶିବାଜୀ ପାର୍କରେ ହଜାର ହଜାର ଯୁବକ ଯୁବତୀ ସମ୍ମିଳିତ ହୋଇଛନ୍ତି। ନଭୀ ମୁମ୍ବାଇରେ ପୁଲିସ୍ ଓ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ଦାଦର ରେଳଷ୍ଟେସନରେ ବ୍ୟାରିକେଡ୍ କରାଯାଇଛି। ଶିବାଜୀ ପାର୍କରେ ଆୟୋଜିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଯୋଗଦେଇ ଅଭିଜିତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ନିଜକୁ ଜଣେ ଗରିବ ମାଆର ପୁଅ ବୋଲି କହୁଥିବା ବେଳେ ତାଙ୍କ ଲାଗି ଅନେକ ମା'ଙ୍କ ପୁଅ ଆଜି ଗରିବ ହୋଇଯାଇଛନ୍ତି ବୋଲି ଅଭିଜିତ୍ କହିଛନ୍ତି। ଏହି ଅବସରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସହଯୋଗ କରିଥିବା ମୁମ୍ବାଇ ପୁଲିସକୁ ସେ ଧନ୍ୟବାଦ ଦେଇଛନ୍ତି।

### ଘରୋଇ କମ୍ପାନୀକୁ...

କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପଛରେ ନବୀନବାବୁଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା? କାହା ସ୍ୱାର୍ଥରେ ଓ କାହାକୁ ସୁହାଇବା ପାଇଁ ନବୀନବାବୁ ଏପରି ପଦକ୍ଷେପ ନେଇଥିଲେ? ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀ ଉପରେ ଦୀର୍ଘ ଦିନ ଧରି ପ୍ରାୟ ୫,୪୦୦ କୋଟି ଟଙ୍କା ବକେୟା ପଡ଼ିରହିବା ନବୀନବାବୁଙ୍କ ଭୁଲ୍ ନିଷ୍ପତ୍ତିର ପରିଣାମ ନୁହେଁ କି? ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜ୍ୟର ଲକ୍ଷ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି କରି ଏକ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେବା ପଛର ପ୍ରକୃତ ରହସ୍ୟ କ'ଣ? ନବୀନବାବୁ ବାସ୍ତବତାକୁ ସ୍ୱୀକାର କରି ଓଡ଼ିଶାବାସୀଙ୍କ ନିକଟରେ ସତ୍ୟ ପ୍ରକାଶ କରନ୍ତୁ ଓ ବିଭ୍ରାନ୍ତିକର ତଥ୍ୟ ଦେବା ବନ୍ଦ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଶିଶୁ ଶ୍ରମମୁକ୍ତ...

ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ। ଦ୍ୱିତୀୟତଃ, ବିଭିନ୍ନ ବିଭାଗର ମିଳିତ ଏନ୍‌ଫୋର୍ସମେଣ୍ଟ୍ ଅଭିଯାନ, ଶିଶୁ ଉଦ୍ଧାର ପାଇଁ ମାନକ ପ୍ରକ୍ରିୟା ଏବଂ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ଉପରେ ଗୁରୁତ୍ୱ ଦିଆଯିବ। ତୃତୀୟତଃ, ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ମାଧ୍ୟମରେ ତୃଣମୂଳ ସ୍ତରରେ ଜନସମ୍ପୃକ୍ତି ଓ ସଚେତନତାକୁ ଅଧିକ ସୁଦୃଢ଼ କରାଯିବ।

ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକରେ ଶିଶୁ ଶ୍ରମର କୁପ୍ରଭାବ ସମ୍ପର୍କରେ ସଚେତନତା, ଶିଶୁମାନଙ୍କର ବିଦ୍ୟାଳୟରେ ଉପସ୍ଥାନ ଓ ଶିକ୍ଷା ଜାରି ରଖିବାକୁ ପ୍ରୋତ୍ସାହନ, ଶିଶୁ ଶ୍ରମରେ ନିୟୋଜିତ ହେବାର ଆଶଙ୍କା ଥିବା ଶିଶୁଙ୍କ ଚିହ୍ନଟ ଏବଂ ଶିଶୁ ଶ୍ରମ ଚିହ୍ନଟ ହେଲେ ତ୍ୱରିତ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପରିବାର, ସମୁଦାୟ, ବିଦ୍ୟାଳୟ, ସ୍ଥାନୀୟ ସ୍ୱୟଂଶାସନ ସଂସ୍ଥା ଏବଂ ବିଭିନ୍ନ ବିଭାଗର ସାମୂହିକ ଦାୟିତ୍ୱ। ଏହି ଲକ୍ଷ୍ୟ ହାସଲ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣକୁ ଅଭିଯାନରେ ପ୍ରାଥମିକତା ଦିଆଯାଇଛି। ସମନ୍ୱିତ ପ୍ରୟାସ, ଜନସଚେତନତା, ଦୃଢ଼ କାର୍ଯ୍ୟାନୁଷ୍ଠାନ, ଶିଶୁମାନଙ୍କର ଶିକ୍ଷାରେ ନିରନ୍ତରତା ଓ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଏହି ୪୪ଦିନିଆ ଅଭିଯାନ ଏକ ସମନ୍ୱିତ ଜନଆନ୍ଦୋଳନର ରୂପ ନେବାକୁ ଲକ୍ଷ୍ୟ ରଖିଛି।

### ବିଜେଡି ଜାରିକଲା...

ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀଙ୍କ ପରି ବିଧାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସୁଦାମ ମାରାଣ୍ଡି ଆଦି ସ୍ଥାନ ପାଇଛନ୍ତି। ଏହି ତାଲିକାରେ କଟକ ମେୟର ସୁବାସ ସିଂହ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ବି ଅଛନ୍ତି। ସେହିଭଳି ଦଳ ପକ୍ଷରୁ ଗଣମାଧ୍ୟମ ଡିବେଟରେ ମତ ରଖିବା ପାଇଁ ଏକ ୨୦ଜଣିଆ ପ୍ୟାନେଲିଷ୍ଟ ତାଲିକା ବି ପ୍ରକାଶ ପାଇଛି। ଏଥିସହ ଦଳର ସୋସିଆଲ ମିଡିଆ ଷ୍ଟିଅରିଂ କମିଟିରେ ୨୦ ଜଣଙ୍କ ନାମ ଥିବା ବେଳେ ଆଇଟି ଷ୍ଟିଅରିଂ କମିଟିରେ ୧୫ ଜଣ ସ୍ଥାନ ପାଇଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ସମେତ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ଏବେଠାରୁ ତାହାର ରଣନୀତି ପ୍ରସ୍ତୁତ କରୁଛି। ପୂର୍ବତନ ଆଇଏଏସ୍ ଅଫିସର ସୁଜାତା ରାଉତ ବିଜେଡିରେ ଯୋଗଦେବା ପରେ ଦଳ ଧୀରେ ଧୀରେ ତାହାର ସଂଗଠନରେ ପରିବର୍ତ୍ତନ ଆଣୁଥିବା ବେଳେ ଆଜି ଗଣମାଧ୍ୟମ ପାଇଁ ତାହାର ସେନାପତିମାନଙ୍କର ନାମ ଘୋଷଣା କରିଛି। ତେବେ ଏମାନେ ଦଳକୁ କେତେ ମାତ୍ରାରେ ସୁରକ୍ଷା ଦେଉଛନ୍ତି ଓ ଦଳ କେତେ ପରିମାଣରେ ଏମାନଙ୍କ ଦ୍ୱାରା ଉପକୃତ ହେବ, ତାହା ଆଗାମୀ ପଞ୍ଚାୟତ ନିର୍ବାଚନରେ ଜଣାପଡ଼ିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

#### ଗାନ୍ଧୀ ସ୍ମୃତିପୀଠରେ ଗାନ୍ଧୀ ଜୟନ୍ତୀ ସମାରୋହ

## ବର୍ଷକୁ ଦୁଇଥର ଖଦି ବ୍ୟବହାର କରିବାକୁ ଭର୍ତ୍ତୃହରିଙ୍କ ଆହ୍ୱାନ



**କଟକ,୨।୧୦(ସଂଚାର ବ୍ୟୁରୋ):** ଗାନ୍ଧିଦର୍ଶନ ସମଗ୍ର ଜୀବନର ଅଂଶବିଶେଷ ହେଉ। ଐତିହାସିକ ଗାନ୍ଧୀ ସ୍ମୃତିପୀଠ ଡେଲେଙ୍ଗାପେଣ୍ଠଠାରେ ଆୟୋଜିତ କଟକ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ଏହିସହ ଦୈନନ୍ଦିନ ଜୀବନ ଶୈଳୀରେ ଖଦି ପରିଧାନ ଉପରେ ଗୁରୁତ୍ୱ ଦେଇ ବର୍ଷକୁ ଅତି କମରେ ଦୁଇଥର ଖଦି ବସ୍ତ୍ର କ୍ରୟ ତଥା ପରିଧାନ କରିବାକୁ ଶ୍ରୀ ମହତାବ ଆହ୍ୱାନ ଦେଇଛନ୍ତି। ଗାନ୍ଧୀ ସ୍ମୃତିପୀଠର ଉନ୍ନତିକରଣ କରାଯାଇ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ଅଚରରେ ଲୁଗା ବୁଣା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ଏହି ଅବସରରେ କଟକ ମହାନଗର ନିଗମ ଆୟୁକ୍ତ କିରଣ ଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ପ୍ରିୟଦର୍ଶନ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସୁରିଜଲ ଦେଓ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଜ୍ଞାନେଶ କୁମାରଙ୍କ କୁଶ ପୁତ୍ତଳିକା ଦାହ




**କଟକ,୨।୧୦(ସଂଚାର ବ୍ୟୁରୋ):** ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର କରିବା, ସମଗ୍ର ଏସଆଇଆର ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ କରିବା ଓ ଏସଆଇଆର ଜରିଆରେ ସମଗ୍ର ଦେଶରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ସମସ୍ତ ଭୋଟରଙ୍କ ନାମ ପୁନର୍ବାର ତାଲିକାଭୁକ୍ତ କରିବା ଦାବିରେ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଛବି ମହାନ୍ତି ବକ୍ତବ୍ୟ ଦେଇଥିଲେ। ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ଦୀପକ ଦାସ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା ଓ ଜ୍ଞାନେଶ କୁମାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

## ଗାନ୍ଧୀ ଜୟନ୍ତୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**କଟକ,୨।୧୦(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବାରବାଟୀ- କଟକ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ 'ଜନସମ୍ପର୍କ ପଦଯାତ୍ରା' ଆୟୋଜିତ ହୋଇଯାଇଛି। ଓଡ଼ିଶା ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ତଥା ବାରବାଟୀ-କଟକ ନେତା ସୁବାସ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଦଳର ବହୁ ନେତା, କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉତ୍ସାହର ସହ ସାମିଲ ହୋଇଥିଲେ। ଏହି ପଦଯାତ୍ରା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା, ଆଦର୍ଶ ଓ ଜନସେବାର ମୂଲ୍ୟବୋଧକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସକାଳ ପ୍ରାୟ ୯ଟା ସମୟରେ ବକ୍ସି ବଜାର, କଟକ, ସମାଜ ଅଫିସ୍ କାର୍ଯ୍ୟାଳୟ ସମ୍ମୁଖରୁ ଏହି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା।

## 'କଳା ଓ କ୍ୟାମେରା' ଫଟୋଗ୍ରାଫି ପ୍ରତିଯୋଗିତାର ବିଜେତା ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ 'କଳା ଓ କ୍ୟାମେରା- ଫଟୋଗ୍ରାଫି ପ୍ରତିଯୋଗିତା' ଆୟୋଜିତ ହୋଇଥିବା ବେଳେ ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟାଞ୍ଜିବଲ୍ ହେରିଟେଜ୍ ଅଫ୍ ଓଡ଼ିଶା, ଇନଟାଞ୍ଜିବୁଲ ହେରିଟେଜ୍ ଅଫ୍ ଓଡ଼ିଶା ଓ ଓଡ଼ିଶାର ଲୁପ୍ତପ୍ରାୟ କଳା ଆଦି ୩ଟି ଥିମ୍‌କୁ ଆଧାର କରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀମାନେ ଏହି ୩ଟି ଥିମ୍ ଆଧାରରେ ଫଟୋ ଉଠାଇ ଓଡ଼ିଶା ଲଳିତ କଳା ଏକାଡେମୀକୁ ଫଟୋ ପଠାଇଥିଲେ। ଫଳତଃ ୬୦୦ରୁ ଅଧିକ ଫଟୋ ଏକାଡେମୀରେ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ଶ୍ରେଷ୍ଠ ୧୦ଟି ସ୍ଥାନ ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କୃତୀ ପ୍ରତିଭାମାନଙ୍କୁ ଆଜି ରବୀନ୍ଦ୍ର ମଣ୍ଡପଠାରେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବିଜେତାମାନଙ୍କୁ ଏକାଡେମୀ ପକ୍ଷରୁ ଯଥାକ୍ରମେ ୨୫ ହଜାର, ୧୫ ହଜାର ଓ ୧୦ ହଜାର ଅର୍ଥ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଚତୁର୍ଥରୁ ଦଶମ ସ୍ଥାନ ହାସଲ କରିଥିବା ବିଜେତାମାନଙ୍କୁ ୩ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଫଟୋଗ୍ରାଫି ପ୍ରତିଯୋଗିତାରେ ଦେବବ୍ରତ ବେହେରା (ଫଟୋଗ୍ରାଫି ଶୀର୍ଷକ-ହ୍ୱିସ୍ପର ଅଫ୍ ଦ ମିଷ୍ଟ) ପ୍ରଥମ ସ୍ଥାନ, ଅଜୟ ମୋହନ ସାହୁ (ଫଟୋଗ୍ରାଫି ଶୀର୍ଷକ - ପ୍ରବୃଷ୍ଣେଶର ମୁଖଶ୍ରୀ) ଓ ଚିନ୍ମୟ କୁମାର ନାୟକ (ଫଟୋଗ୍ରାଫି ଶୀର୍ଷକ-ଭଗବାନଙ୍କ ଉପରେ ବିଶ୍ୱାସ) ଦ୍ୱିତୀୟ ସ୍ଥାନ ଓ ଧର୍ମଙ୍କରଗ୍ରାମ ଅମାନ୍ତ ତୃତୀୟ ସ୍ଥାନ ହାସଲ କରିଥିଲେ। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ବିଜେତା ଓ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଐତିହ୍ୟକୁ ଫଟୋଗ୍ରାଫି ମାଧ୍ୟମରେ ଜୀବନ୍ତ କରିବାର ଏହି ଉଚ୍ଚକୋଟୀର ପ୍ରୟାସ ପ୍ରଶଂସନୀୟ ବୋଲି ମନ୍ତ୍ରୀ ସେ କହିଥିଲେ। ଫଟୋଗ୍ରାଫି ପ୍ରତିଯୋଗିତାର ବିଜେତାଙ୍କ ଚୟନ ପାଇଁ ବିଶିଷ୍ଟ ଫଟୋଗ୍ରାଫର ପ୍ରଫୁଲ୍ଲ ଚନ୍ଦ୍ର ଧୀର, ସୁରେନ୍ଦ୍ର କୁମାର ସାହୁ, ଦିଲୀପ କୁମାର, ଧୀରସାମନ୍ତ ଓ ଆଶିଷ କୁମାର ଜେନାଙ୍କୁ ନେଇ ଜୁରୀ କମିଟି ଗଠିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ଫଟୋଗ୍ରାଫକୁ ନେଇ ରବୀନ୍ଦ୍ର ମଣ୍ଡପ ଠାରେ 'କଳା ଓ କ୍ୟାମେରା - ଆମ କଳା ଆମ ଅସ୍ମିତା' ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ମନ୍ତ୍ରୀ ଶ୍ରୀ ସୂରଜ ଉଦ୍‌ଘାଟନ କରିବା ସହ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଡ. ଦେବଯାନୀ ଭୂୟାଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ଉପସ୍ଥିତ ଥିଲେ।

#### ● ଗାନ୍ଧୀ ଜୟନ୍ତୀରେ ଓସିସିଏଲ୍ ପକ୍ଷରୁ ୱାକାଥନ୍ ଆୟୋଜିତ

## 'ଆସନ୍ତାକାଲିର ଉନ୍ନତ ଭବିଷ୍ୟତ ପାଇଁ ଚାଲିବା' ବାର୍ତ୍ତା




**ଭୁବନେଶ୍ୱର,୨।୧୦ (ସଂଚାର ବ୍ୟୁରୋ):** ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ଏକାମ୍ର କାନନଠାରେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ମାଧ୍ୟମରେ ସୁସ୍ଥତା, ଶାରୀରିକ ସକ୍ଷମତା, ଶୃଙ୍ଖଳା ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରାଯାଇଥିଲା।

'ଫିଟ୍ ଟୁ ଥିଙ୍କ୍, ଫିଟ୍ ଟୁ ପ୍ଲାନ୍, ଫିଟ୍ ଟୁ ବିଲ୍ଡ ଏବଂ ଫିଟ୍ ଫର୍ ଦି ନେସନ୍' ଥିଲା ୱାକାଥନ୍‌ର ମୁଖ୍ୟ ବାର୍ତ୍ତା। ଏହା ମାଧ୍ୟମରେ ଏକ ସୁସ୍ଥ ଓ ସକ୍ଷମ କର୍ମଚାରୀ ବାହିନୀ ହେଉଛି ଏକ ଦକ୍ଷ ଯୋଜନା ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ ଓ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ବାର୍ତ୍ତା ଦିଆଯାଇଥିଲା। ୱାକାଥନ୍‌କୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍- ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ବିଘ୍ନରାଜ ପୁରୋହିତ ଓ ଆଭିଏସନ୍ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ୱାଲମିର ନିର୍ଦ୍ଦେଶକଙ୍କ ସହ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ଓସିସିଏଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏଥିରେ ଯୋଗଦେଇଥିଲେ।

ଓସିସିଏଲ୍‌ର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ବିଭିନ୍ନ ଜିଲ୍ଲାରେ ଥିବା ପ୍ରକଳ୍ପ କାର୍ଯ୍ୟାଳୟରେ ମଧ୍ୟ ଏହି ଅବସରରେ ସମାନ୍ତରାଳ ଭାବେ ୱାକାଥନ୍ ଆୟୋଜିତ ହୋଇଥିଲା। ସମ୍ବଲପୁର, ମାଲକାନଗିରି, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଗଞ୍ଜାମ, କୋରାପୁଟ ଓ କଟକ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଅନ୍ନପୂର୍ଣ୍ଣା ବିଫଳତାକୁ ନେଇ ଉତ୍ତେଜନା

**କୋଲକାତା,୨।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ 'ସେବା ସେତୁ' ଅଭିଯାନ ସମୟରେ 'ଅନ୍ନପୂର୍ଣ୍ଣା ଭଣ୍ଡାର' ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ସମ୍ପନ୍ନ ନ ହେବାରୁ ସ୍ଥାନୀୟ ମହିଳାମାନେ କ୍ଷୁବ୍ଧ ହୋଇପଡ଼ିଥିଲେ ଏବଂ ମଧ୍ୟମଗ୍ରାମସ୍ଥିତ ଜନକଲ୍ୟାଣ ଶିବିରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶୁକ୍ରବାର ଦିନ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବାରାସାତ ପୌରପାଳିକାର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ଟାକି ରୋଡ୍‌ରେ ଥିବା 'କର୍ମତୀର୍ଥ' ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। 'ଅନ୍ନପୂର୍ଣ୍ଣା' ଯୋଜନାର ଫର୍ମ ଦାଖଲ କରିବାରେ ଅସମର୍ଥ ହୋଇ ନିରାଶ ହୋଇଥିବା ମହିଳା ହିତାଧିକାରୀମାନେ ଶିବିରକୁ ବନ୍ଦ କରିଦେବା ସହ ସେଠାରେ ଥିବା ଚୌକି ଓ ଟେବୁଲ୍‌ଗୁଡ଼ିକୁ ଭାଙ୍ଗି ଦେଇଥିଲେ।

#### ● ପୁଲିସ ପ୍ରତି ଦୁର୍ବ୍ୟବହାର ଓ ଗାଡ଼ି ଭଙ୍ଗାରୁଜା

## ୭ ମହିଳାଙ୍କ ସମେତ ୧୬ ଗିରଫ

**କୋଲକାତା, ୨।୧୦ (ସଂଚାର ବ୍ୟୁରୋ):** ମନସା ପୂଜା ଉତ୍ସବ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଖବର ମିଳିଛି। ଗୁରୁବାର ରାତିରେ ବୀରଭୂମ ଜିଲ୍ଲାର ସଦାଇପୁର ଥାନା ଅନ୍ତର୍ଗତ ଭାରକୁନା ଗ୍ରାମରେ ଏହି ଘଟଣା ଘଟିଛି। ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରାଯିବା ସହ ଜଣେ ପୁଲିସ ଅଧିକାରୀଙ୍କ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସହ ଜଡ଼ିତ ୯ ଜଣ ପୁରୁଷ ଓ ୭ ଜଣ ମହିଳାଙ୍କ ସମେତ ମୋଟ୍ ୧୬ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ସିଉଡି କୋର୍ଟ ଅଭିଯୁକ୍ତଙ୍କ ମଧ୍ୟରୁ ତିନିଜଣଙ୍କୁ ପାଞ୍ଚ ଦିନିଆ ପୁଲିସ ହେପାଜତକୁ ପଠାଇଛନ୍ତି।

## ପୂଜା ପୂର୍ବରୁ ଫୁଟପାଥ୍ ମୁକ୍ତ ଅଭିଯାନ

**କୋଲକାତା,୨।୧୦ (ସଂଚାର ବ୍ୟୁରୋ):** ପୂଜା ଉତ୍ସବ ପୂର୍ବରୁ ସହରର ଫୁଟପାଥ୍‌ଗୁଡ଼ିକୁ ଅନଧିକୃତ ଦଖଲମୁକ୍ତ କରିବା ପାଇଁ ଜଲପାଇଗୁଡ଼ି ପୌରପାଳିକା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଛି। ଶୁକ୍ରବାର ଅପରାହ୍ଣରେ ଫୁଟପାଥ୍ ଦଖଲ କରି ବସିଥିବା ରାସ୍ତାକଡ଼ ବିକ୍ରେତାମାନଙ୍କ ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ପୌର କର୍ତ୍ତୃପକ୍ଷ ଲାଉଡ୍‌ସ୍ପିକର ମାଧ୍ୟମରେ ଘୋଷଣା କରି ଫୁଟପାଥ୍ ଖାଲି କରିବାକୁ ନିବେଦନ କରିଥିଲେ।

# ଷ୍ଟ୍ରିଟ୍ ଲାଇଟ୍, ସଞ୍ଜ ପରେ ଜଳୁଛି

**ଭୁବନେଶ୍ୱର,୨।୧୦:** ଦିନ ଛୋଟ ହୋଇ ସଅଳ ସନ୍ଧ୍ୟା ହେଉଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଷ୍ଟ୍ରିଟଲାଇଟ୍‌ଗୁଡ଼ିକ ବହୁ ସ୍ଥାନରେ ବିଳମ୍ବରେ ଜଳୁଛି। ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ପାଇଁ ଧାର୍ଯ୍ୟ ହୋଇଥିବା ସମୟରେ ପରିବର୍ତ୍ତନ କରାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ବିଏମ୍‌ସିର ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍‌ରେ 'ଟାଇମିଂ' ଦିଆଯାଇଛି। ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ଜଳିବା ସହ ଲିଭିଥାଏ। ଖରାଦିନେ ଏଗୁଡିକ ସନ୍ଧ୍ୟା ସମୟରେ ଜଳୁଥିବା ବେଳେ ଏବେ ଅକ୍ଟୋବର ମାସରେ କେଉଁଠି ସଂଧ୍ୟା ପରେ ତ ଆଉ କେଉଁଠି ବିଳମ୍ବିତ ସଂଧ୍ୟାରେ ଜଳୁଛି।

ଖୋଦ୍ ବିଏମସି ମୁଖ୍ୟାଳୟ ନିକଟରେ ଏଭଳି ଅବସ୍ଥା। ବିଏମସି ଦପ୍ତର ସମ୍ମୁଖରେ ରହିଛି ଏକ ନମ୍ବର କେନ୍ଦ୍ରୀୟ ବିଦ୍ୟାଳୟ। ଏହି ବିଦ୍ୟାଳୟର ଦ୍ୱିତୀୟ ଭାଗ ସନ୍ଧ୍ୟା ୬ଟାରେ ଛୁଟି ହୋଇଥାଏ। ପିଲାମାନେ ବିଦ୍ୟାଳୟରୁ ବାହାରିଲା ବେଳକୁ ୬ଟା ୧୫ ହୋଇଥାଏ। ହେଲେ ଏହି ସମୟରେ ବିଦ୍ୟାଳୟ ଆଖପାଖ କିଟି କିଟି ଅନ୍ଧାର। ପିଲାଏ ଅଭିଭାବକ କିମ୍ବା ନିଜ ନିଜ ସ୍କୁଲ ଗାଡ଼ିକୁ ସହଜରେ ଖୋଜି ପାଉନାହାନ୍ତି। ନିକଟରେ ଷ୍ଟ୍ରିଟ୍ ଲାଇଟ୍ ରହିଛି। ହେଲେ ଏଥିରେ ଯେଉଁ ସମୟ ସ୍ଥିର ହୋଇଛି, ସେଥିରେ କିଏ ୬.୧୫ରେ ଜଳୁଛି ତ ଆଉ କିଏ ୬.୩୦ରେ। ସହରରେ ବହୁ ସ୍ଥାନରେ ଏଭଳି ସ୍ଥିତି। ତେଣୁ ବିଏମସି କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ସମୟରେ ପରିବର୍ତ୍ତନ କରିବା ଆବଶ୍ୟକ। ନହେଲେ ଯେଉଁ ଉଦ୍ଦେଶ୍ୟ ନେଇ ରାସ୍ତାପାଶ୍ୱର୍ ଖୁଣ୍ଟରେ ଲାଇଟ୍ ଲଗାଯାଇଛି, ତାହା ସାଧିତ ହେବନାହିଁ।

ସେହିଭଳି ସହରର ବିଭିନ୍ନ ସ୍ଥାନରେ ଏବେ ଅଚଳ ଲାଇଟ୍‌ଗୁଡ଼ିକୁ ମଧ୍ୟ ଠିକଣା ସମୟରେ ମରାମତି କରାଯାଉନାହିଁ। ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ୍ୟ ବିଳମ୍ବ ହେଉଛି। ସହରର ଆଲୋକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଠିକା ନେଇଥିବାର କାର୍ଯ୍ୟ ଅବଧି ସରିଥିବା ଓ ନୂଆ ସଂସ୍ଥା ଦାୟିତ୍ୱ ନେଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ତେବେ ୱାର୍ଡ ଅଫିସରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି। ସହରରେ ପାର୍ବଣ ପରିବେଶ ଆରମ୍ଭ ସହ ଗଳିକନ୍ଦିରେ ଏବେ ନିଶାଡ଼ିମାନଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଯେଉଁସବୁ ସ୍ଥାନରେ ଷ୍ଟ୍ରିଟଲାଇଟ୍ ଜଳୁନାହିଁ, ସେଠାରେ ଏହି ନିଶାଡ଼ିମାନେ ଉତ୍ପାତ କରୁଛନ୍ତି। ତେଣୁ ପାର୍ବଣ ପୂର୍ବରୁ ଯେତେଶୀଘ୍ର ସମ୍ଭବ ସହରର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ମରମତି ସହ ଯେଉଁସବୁ ସ୍ଥାନରେ ସଚଳ ଆଲୋକ ବ୍ୟବସ୍ଥା ରହିଛି, ତାହାର ସମୟକୁ ପୁନଃ ଧାର୍ଯ୍ୟ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି। (ତଥ୍ୟ)

## କୋଦଳା ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି



**କୋଦଳା,୨।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କୋଦଳା ଏନଏସି ସ୍ଥିତ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମୀନକେତନ ମହାରଣାଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବିଷ୍ଣୁ ପ୍ରସାଦ ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଦଳା ଏନ ଏ ସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମରେ ଭାବ ନେଇ ବିଭିନ୍ନ କାରୁକାର୍ଯ୍ୟ ପ୍ରସ୍ତୁତ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବେଗୁନିଆପଡା ବ୍ଲକ ଅବସର ପ୍ରାପ୍ତ ଏବିଇଓ ସୋମନାଥ ସେଠି ଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅନନ୍ତ ମହାରଣା, ଉପାଧ୍ୟକ୍ଷା ରୀନା ଡାକୁଆ,ବୃନ୍ଦାବନ ପାଣ୍ଡୀ ମହିଳା କଲେଜର ପ୍ରିନସିପାଲ ସରୋଜିନୀ ବ୍ରହ୍ମା,ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସ୍ୱୟଂ ସଂସ୍କୃତି ମହାପାତ୍ର, ଓଡ଼ିଆ ଅଧ୍ୟାପିକା ପ୍ରିୟଙ୍କା ସାହୁ,ପୂର୍ବତନ ସିଆରସିସି ଅଶ୍ୱିନୀ ପ୍ରହରାଜ,ବିଜୟ କୁମାର ସେଠି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ।

## ମହାନଦୀ ବିହାରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**କଟକ, ୨।୧୦ (ସଂଚାର ବ୍ୟୁରୋ):** ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ) ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଗୁରୁବାର ଦିନ ପାଳନ କରାଯାଇଛି। ପୋଷ୍ଟାଲ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ସକାଳ ୯ଟାରେ ଏମଡିଏ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ, ଦେଶପ୍ରେମ, ସତ୍ୟନିଷ୍ଠା ଏବଂ ସମାଜସେବା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେକ୍ଟର- ୨ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମିଥ୍ୟା ପରିଚୟ ଦେଇ ପୂର୍ତ୍ତମନ୍ତ୍ରୀଙ୍କୁ ସାକ୍ଷାତ

#### ● ଦିଲ୍ଲୀରୁ ମହିଳା ଗିରଫ, ଟ୍ରାନ୍‌ଜିଟ୍‌ରେ ଅଣାଗଲା ହାଓଡ଼ା

**କୋଲକାତା, ୨।୧୦ (ସଂଚାର ବ୍ୟୁରୋ):** ନକଲି ପରିଚୟ ଦେଇ ନବାନ୍ନରେ ପୂର୍ତ୍ତ ବିଭାଗ (ପିଡବ୍ଲୁଡି) ମନ୍ତ୍ରୀ ଅଜୟ ପୋଦ୍ଦାରଙ୍କୁ ଭେଟିବା ଅଭିଯୋଗରେ ଦିଲ୍ଲୀରେ ଆକାଂକ୍ଷା ବିଦ୍ୟାର୍ଥୀ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଗୁରୁବାର ଦିଲ୍ଲୀର ଏକ ଅଦାଲତରେ ହାଜର କରାଯିବା ପରେ ଶୁକ୍ରବାର ଦିନ ତାଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ହାଓଡ଼ା ଅଣାଯାଇଛି। ଶୁକ୍ରବାର ସକାଳେ ତାଙ୍କୁ କୋଲକାତା ବିମାନବନ୍ଦରରୁ କାର୍ ଯୋଗେ ଶିବପୁର ଥାନାକୁ ନିଆଯାଇଥିଲା।

## ସ୍ୱାତୀ ଅନୁଷ୍ଠାନ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ



ଫୁଲବାଣୀ,୨।୧୦ (ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧିଙ୍କ ଜନ୍ମ ଜୟନ୍ତୀରେ ସାରା ଦେଶ ଅହିଂସା ଦିବସ ପାଳନ କରୁଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ବିଭିନ୍ନ ସ୍ଥାନରେ ଏହି ଦିବସଟିକୁ ଶ୍ରଦ୍ଧା ଓ ସମ୍ମାନର ସହିତ ପାଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଫୁଲବାଣୀ ସ୍ଥିତ କାର୍ଯ୍ୟାଳୟ ଠାରେ ସମ୍ପାଦକ ହରି ଶଙ୍କର ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଥିଲା ।

କାର୍ଯ୍ୟକ୍ରମ ଗୁଡିକରେ ମହାତ୍ମା ଗାନ୍ଧି ଯେପରି ଆମ ଦେଶକୁ ଏକତାର ସୂତ୍ରରେ ବାନ୍ଧିଥିଲେ ଏବଂ ଏକ ଶ୍ରେଷ୍ଠ ଭାରତ ଗଠନର ଆହ୍ୱାନ ଦେଇଥିଲେ ତାକୁ ମନେ ପକାଇ ଆମମାନେ ପ୍ରତିଜ୍ଞାର ସହିତ ଅହିଂସାର ମାର୍ଗ ଓ ସେବାର ବ୍ରତକୁ ପାଳନ କରି ଏକ ଭାରତ-ଶ୍ରେଷ୍ଠ ଭାରତ ଗଠନ ଆଡକୁ ଆଗେଇବା ତାହା ଆଲୋକପାତ କରାଯାଇଥିଲା। ଏଥିସହିତ ଉପସ୍ଥିତ ଅନ୍ୟ ବରିଷ୍ଠ କର୍ମୀମାନେ ଏହି ମହାପୁରୁଷଙ୍କ ଆତ୍ମକାହାଣୀକୁ ଉପସ୍ଥାପନା କରି ମହାନତାର ଉଦାହରଣ ସାଜିଥିବା ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଏଥି ସହିତ ଉପସ୍ଥିତ ସମସ୍ତ କର୍ମକର୍ତା ଦେଶର ଶ୍ରେଷ୍ଠତ୍ୱ ନିମନ୍ତେ ଏକତା ବଜାୟ ରଖିବା ପାଇଁ ବଦ୍ଧପରିକର ବୋଲି ଏକ ସପଥ ପାଠ କରି ସୂଚାଇଥିଲେ ।

# ପଞ୍ଚୁପଲ୍ଲିରେ ଗଛ କଟାକୁ ନେଇ ଅସନ୍ତୋଷ

### ବୈତରଣୀ କୂଳରୁ ୫୦ ବର୍ଷର ଗଛ କଟା ଅଭିଯୋଗ

### ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ



ଆନନ୍ଦପୁର,୨।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲି ଗ୍ରାମର ବୈତରଣୀ ନଦୀ କୂଳରୁ ମୂଲ୍ୟବାନ ଗଛ କଟାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ନଦୀବନ୍ଧର ସୁରକ୍ଷା ଓ ଅତଡ଼ା ରୋକିବା ଉଦ୍ଦେଶ୍ୟରେ ପ୍ରାୟ ୫୦ ବର୍ଷ ପୂର୍ବେ ସରକାରୀ ଜମିରେ ଲଗାଯାଇଥିବା ବିଭିନ୍ନ ମୂଲ୍ୟବାନ ଗଛ କାଟି ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଗଛଗୁଡ଼ିକ ଦୀର୍ଘବର୍ଷ ଧରି ନଦୀକୂଳର ମାଟିକୁ ଧରି ରଖିବା ସହ ନଦୀବନ୍ଧର ସୁରକ୍ଷାରେ ସହାୟକ ହେଉଥିଲା। ତେବେ ଗଛ କଟାଯିବା ଫଳରେ ଆଗାମୀ ଦିନରେ ନଦୀକୂଳରେ ଅତଡ଼ା ସୃଷ୍ଟି ଓ ବନ୍ଧର ସୁରକ୍ଷା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଘଟଣାକୁ ନେଇ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ ପରେ ମଧ୍ୟ ଏଯାଏଁ ଦୃଶ୍ୟମାନ ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ପ୍ରଶାସନର ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକେ। ଏହି ଘଟଣା ସମ୍ପର୍କରେ ବନ ବିଭାଗ ଅବଗତ ଅଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ, ଗଛ କଟା ଘଟଣା ପଛରେ କିଛି ପ୍ରଭାବଶାଳୀ ବ୍ୟକ୍ତି, ରାଜନୈତିକ ନେତା ଓ ଠିକାଦାରଙ୍କ ସମ୍ପୃକ୍ତି ଥିବା ନେଇ ଅଞ୍ଚଳରେ ଆଲୋଚନା ହେଉଥିବା ଗ୍ରାମବାସୀ କହିଛନ୍ତି। ଗଛ କାଟିବା ପାଇଁ କାହାଠାରୁ ଅନୁମତି ନିଆଯାଇଥିଲା, ସରକାରୀ ଜମିରେ ଥିବା ଗଛ କାଟିବାକୁ ଆଇନଗତ ଅନୁମତି ଥିଲା କି ନାହିଁ ସେନେଇ ନିରପେକ୍ଷ ତଦନ୍ତ ଦାବି ହୋଇଛି। ତେବେ ଏହି ଅଭିଯୋଗର ସତ୍ୟତା ସରକାରୀ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ।

ଗୋଟିଏ ପଟେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନ୍ୟପଟେ ବୈତରଣୀ ନଦୀ କୂଳରୁ ଦୀର୍ଘବର୍ଷର ପୁରୁଣା ଗଛ କଟାଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏପରି ସ୍ଥିତିରେ ଗଛ କଟା ଘଟଣାର ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ନଦୀବନ୍ଧର ସୁରକ୍ଷା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଖୋର୍ଦ୍ଧା,୨।୧୦ (ସଂଚାର ବ୍ୟୁରୋ): ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜାତୀର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଡିସିସି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃମଣ୍ଡଳୀ ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ଛକ ସ୍ଥିତ ମହାତ୍ମା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ବରିଷ୍ଠ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ଶିଶିର ପରିଡ଼ା, ଖୋର୍ଦ୍ଧା ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର,ଜିଲ୍ଲା ଉପସଭାପତି ପ୍ରଦୋଷ ହରିଚନ୍ଦନ, ଜୋନ ସଭାପତି ଜିତେନ୍ଦ୍ର ଚମ୍ପତି, ଜିଲ୍ଲା ଯୁବ କାର୍ଯକାରୀ ସଭାପତି ସୌମ୍ୟ ବରାଳ, ଜିଲ୍ଲା ସାଧାରଣ ସଂପାଦକ ଶ୍ରେୟ ସେଠୀ, ଜୟନ୍ତୀ ରାୟ, ସିବୁ ନାୟକ, ରିଚାର୍ଡ୍ସନ ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।

### ସଫା ହେଲାନି ଦୁଇ ବନ୍ଧ

## ପ୍ରତିବାଦରେ ଟାୟାର ଜାଳି ରାସ୍ତା ଅବରୋଧ

### ପୁଲିସର ବୁଝାସୁଝା ପରେ ହଟିଲା ରାସ୍ତାରୋକ



ହିଞ୍ଜିଳିକାଟୁ,୨।୧୦(ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଅନ୍ତର୍ଗତ ବୁରୁପଡ଼ା ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ଏବଂ ଦୁଇ ବନ୍ଧ ସଫା ହୋଇନଥିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ଧ ଦୀର୍ଘଦିନ ଧରି ସଫା ହୋଇନଥିବାରୁ ଏହାର ପ୍ରଭାବ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଓ ଚାଷବାସ ଉପରେ ପଡିଛି । ଏହାକୁ ନେଇ ଆଜି ଗ୍ରାମବାସୀମାନେ ଏକତ୍ରିତ ହୋଇ ବୁରୁପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ବସିବା ସହ ରାସ୍ତା ଉପରେ ଟାୟାର ଜାଳି ହିଞ୍ଜିଳି -ଶେରଗଡ଼ ରାସ୍ତା ଅବରୋଧ କରିଥିଲେ। ଏହାର ସମାଧାନ ନହେଲେ ରାଜରାସ୍ତାରୁ ଉଠିବେନି ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ । ଏକ ଘଣ୍ଟାରୁ ଉର୍ଦ୍ଧ ହେବ ଗାଡ଼ି ମୋଟର ଯିବା ଆସିବା ବନ୍ଦ ହୋଇଥିଲା । ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ସେମାନଙ୍କ କଥା ଶୁଣୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରେ ଖବର ପାଇ ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା। ପରେ ଗ୍ରାମବାସୀ ସହ ସରପଞ୍ଚ, ଗ୍ରାମ ପଞ୍ଚାୟତର ଅଧିକାରୀ ଏବଂ ପୋଲିସର ମିଳିତ ଆଲୋଚନା ଓ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା । ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ବନ୍ୟା କ୍ଷୟକ୍ଷତି ଅନୁଧ୍ୟାନ କଲେ ସାଂସଦ ବଳଭଦ୍ର ମାଝୀ



ମାଲକାନଗିରି,୨।୧୦ (ସଂଚାର ବ୍ୟୁରୋ): ବନ୍ୟା ପ୍ରଭାବିତ ମାଥିଲି ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ। ଗୁରୁବାର ସାଂସଦ ମାଝୀ କମାରପାଲି ପଞ୍ଚାୟତ ସମେତ ସାଲିମି, ମହୁପଦର, କିଆଙ୍ଗ, କର୍ତ୍ତନପାଲି ଓ ଟେମୁରୁପାଲି ଅଞ୍ଚଳ ଗସ୍ତ କରିଥିଲେ।

ବନ୍ୟା ଯୋଗୁଁ ଚାଷଜମି ଓ ଫସଲରେ ହୋଇଥିବା କ୍ଷତି ସହ ବିଭିନ୍ନ ସ୍ଥାନରେ ରାସ୍ତାଘାଟର ଅବସ୍ଥା ସାଂସଦ ନିଜେ ଦେଖିଥିଲେ। ପ୍ରଭାବିତ ଚାଷୀ ଓ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ।

ବନ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିବା ସହ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ନିୟମ ଅନୁଯାୟୀ ନ୍ୟାଯ୍ୟ କ୍ଷତିପୂରଣ ପାଇବା ନିଶ୍ଚିତ କରିବାକୁ ସାଂସଦ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟର ଶୀଘ୍ର ମରାମତି ଓ ପୁନରୁଦ୍ଧାର ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ।

## ଢେଙ୍କାନାଳରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ




ଢେଙ୍କାନାଳ,୨।୧୦ (ସଂଚାର ବ୍ୟୁରୋ): ଆଜି ଢେଙ୍କାନାଳରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତି ଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ବସ୍ ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧି ପାର୍କ ଠାରେ ଆୟୋଜିତ ଉତ୍ସବରେ ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାନେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଉପ-ଜିଲ୍ଲାପାଳ ପଦ୍ମ ଚରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାଶ ପ୍ରମୂଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

ଏହି ଅବସରରେ ଡକ୍ଟର ଅନୁପମା ମିଶ୍ର, ଶ୍ରୀ ନଜରୁଲ ଇସଲାମ୍ ଓ ଫାଦର ଶ୍ରୀ ନକୁଳ ନାୟକ ଗୀତା, କୋରାନ୍ ଓ ବାଇବେଲ ପାଠ କରିଥିଲେ। ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଆୟୋଜିତ ଜିଲ୍ଲା ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଏହି ଉତ୍ସବରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ବାଘ ପରିବାରର ନୂଆଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ



ରାଇଘର,୨।୧୦ (ସଂଚାର ବ୍ୟୁରୋ): ବୁଧବାର ଦିନ ବାଘ ପରିବାର ପକ୍ଷରୁ ନୂଆଖାଇ ପରମ୍ପରା ଅନୁସାରେ ଏକ ଭବ୍ୟ 'ଜୁହାର-ଭେଟଘାଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଡା ପଂଚାୟତ ଅଧୀନରେ ଥିବା ମୁନୁଗାଡ଼ିହି ଗ୍ରାମରେ ଏହି ଅବସରରେ ବାଘ ପରିବାରର ଛୋଟ-ବଡ଼, ସାନ-ବଡ଼ ସମସ୍ତ ସଦସ୍ୟ ଏକାଠି ହୋଇ ଏକାଠି ନୂଆ ଖାଇବା ସହ ଜୁହାର ଭେଟଘାଟ ହୋଇଥିଲେ।

ଏହି ସମାରୋହର ମୁଖ୍ୟ ଆୟୋଜକ ଥିଲେ ନରସିଂହ ବାଘ। କାର୍ଯ୍ୟକ୍ରମରେ ପରିବାରର ଏକତା ଏବଂ ଭାଇଚାରାକୁ ଆଗକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେ ନେଇ ସମସ୍ତେ ଆଲୋଚନା କରିଥିଲେ। ଅତୀତ ଭଳି ଆଗକୁ ମଧ୍ୟ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ସୁଖ-ଦୁଃଖରେ ପରସ୍ପରର ସାଥ୍ ଦେବେ ଏବଂ ସମାନତା ଓ ଶାନ୍ତି ବଜାୟ ରଖିବେ ବୋଲି ସଙ୍କଳ୍ପ ନିଆଯାଇଥିଲା। ସଭା ଶେଷରେ ସମସ୍ତେ ବୟୋଜ୍ୟେଷ୍ଠ ଓ ଗୁରୁଜନମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ପ୍ରସାଦ ସେବନ କରି ସମସ୍ତେ ଆନନ୍ଦ ମନରେ ଆପଣା ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ସଇଁତଲା ଏନ୍‌ଏସି ଦାବିକୁ ମାସେ ପୁରିଲା

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିଶାଳ ପଦଯାତ୍ରା




ସଇଁତଲା,୨।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଚାଲିଥିବା ଗଣଧାରଣା ଗୁରୁବାର ଏକ ମାସ ପୂରଣ କରିଛି। ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଦିନ ସଇଁତଲାରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା କରାଯାଇଥିଲା।

ସଇଁତଲାକୁ ଏନ୍‌ଏସି ମାନ୍ୟତା ଦାବିରେ ଚାଲିଥିବା ଆନ୍ଦୋଳନକୁ ବିଭିନ୍ନ ସଂଗଠନ ଓ ସାଧାରଣ ଲୋକଙ୍କ ସମର୍ଥନ ମିଳୁଥିବା ବେଳେ ଗାନ୍ଧୀ ଜୟନ୍ତୀରେ ଆୟୋଜିତ ପଦଯାତ୍ରାରେ ବିଭିନ୍ନ ବର୍ଗର ଶତାଧିକ ଲୋକ ସାମିଲ ହୋଇଥିଲେ। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଓକିଲ ସଂଘ, ସାମ୍ବାଦିକ ସଂଘ, ଡ୍ରାଇଭର ସଂଘ, କିନ୍ନର ସଂଘ, ଆଦିବାସୀ ସଂଘ, ଗୋଲାପୀ ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସମେତ ବଲାଙ୍ଗୀରର ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପଦଯାତ୍ରାରେ ଯୋଗଦେଇଥିଲେ।

ପଦଯାତ୍ରା ସଇଁତଲାରୁ ବାହାରି ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ଦୀର୍ଘ ପଥ ଅତିକ୍ରମ କରି ଆନ୍ଦୋଳନକାରୀମାନେ ବଲାଙ୍ଗୀରରେ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏନ୍‌ଏସି ମାନ୍ୟତା ଦାବି ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ। ସଇଁତଲାକୁ ଏନ୍‌ଏସି ମାନ୍ୟତା ଦିଆଯିବା ନେଇ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା।

ଗାନ୍ଧୀ ଜୟନ୍ତୀ ଦିନ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ ଏହି ପଦଯାତ୍ରା ମାଧ୍ୟମରେ ଆନ୍ଦୋଳନକାରୀମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏନ୍‌ଏସି ମାନ୍ୟତା ଦାବିରେ ଏକ ମାସ ଧରି ଚାଲିଥିବା ଗଣଧାରଣା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ହେବା ଘଟଣା ସଇଁତଲା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ନୀଳଗିରି,୨।୧୦ (ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପରିପ୍ରେକ୍ଷୀରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡ୍ କ୍ରସର ଛାତ୍ରୀମାନଙ୍କ ଦ୍ୱାରା ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛତା ହିଁ ସେବାର ଯଥାର୍ଥ ମର୍ମକୁ ଉପଲବ୍ଧିକରି ତଥା ଉତ୍ସାହିତ ମନୋଭାବ ପୋଷଣକରି ଛାତ୍ରୀଗଣ ୟୁଥ୍ ରେଡ୍ କ୍ରସର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିଚାଳନାରେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ । ଏପରି କାର୍ଯ୍ୟକ୍ରମକୁ ଡାକ୍ତରଖାନା ପରିସରରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଜନସାଧାରଣଙ୍କ ଦ୍ୱାରା ପ୍ରସଂଶିତ କରାଯାଇଅଛି । ୟୁଥ ରେଡକ୍ରସ୍‌ର ୩୦ ଛାତ୍ରୀ ଏଥିରେ ସାମିଲ ଥିଲେ।

## ହେମଗିରରେ 'ସେବା ସଂକଳ୍ପ-୨୦୨୬'କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୨।୧୦ (ସଂଚାର ବ୍ୟୁରୋ): ହେମଗିର ବ୍ଲକ ଅଫିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି 'ସେବା ସଂକଳ୍ପ-୨୦୨୬' କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଓ ବିକାଶ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ୍ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଡିଓ ରୀନା ନାଏକ ସ୍ୱାଗତ ଭାଷଣ ଦେଇଥିଲେ ।

ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଏଇଇ ଶିବାନୀ ପଧାନ, ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲଙ୍କ ସମେତ ବିଭିନ୍ନ ଅଧିକାରୀ, ଦଳୀୟ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ମଞ୍ଚରେ ଅତିଥିଙ୍କ ସହ ସାଂସଦ ପ୍ରତିନିଧି ଅରୁଣ କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲାଗିଥିବା ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିବା ସହ ଆଲୋଚନା କରିଥିଲେ। ହିତାଧିକାରୀ ମାନଙ୍କୁ ଯୋଜନା ଅନୁଯାୟୀ ମାନପତ୍ର ଏବଂ ସହାୟକ ଉପକରଣ ବଣ୍ଟନ କରିଥିଲେ । ବହୁ ସଂଖ୍ୟକ ସରପଞ୍ଚ ସମିତି ସଭ୍ୟ ଏବଂ ସହସ୍ର ଅଞ୍ଚଳବାସୀ ପୁରୁଷ ମହିଳା,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ ।

### ପୌର ପରିଷଦ ସମ୍ମୁଖରେ ଓଜେସିର ବିକ୍ଷୋଭ

## ଦୁର୍ନୀତି ବିରୋଧରେ ଗର୍ଜିଲେ ବିଦ୍ୟାଧର ମହାନ୍ତି




ଯାଜପୁର ରୋଡ଼,୨।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପାଳିକାର ବ୍ୟାପକ ଦୁର୍ନୀତି, ସ୍ଥାୟୀ ନିର୍ବାହୀ ଅଧିକାରୀ ଯୋଗଦେବା ଓ ପୌରବାସୀଙ୍କ ୧୧ ଦଫା ଦାବି ନେଇ ଗାନ୍ଧୀ ଜୟନ୍ତୀରେ ଡାକରା ଦିଆଯାଇଥିବା ଗଣସତ୍ୟାଗ୍ରହକୁ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅନୁମତି ନଦେବାରୁ ଆଜି ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ପୌର ପରିଷଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଆଜି ସକାଳେ ବିଦ୍ୟାଧର ମହାନ୍ତି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଗୋପବନ୍ଧୁ ଛକରେ ଏକତ୍ରିତ ହୋଇଥିଲେ। ସେଠାରୁ ଶତାଧିକ କର୍ମୀଙ୍କ ସହ ବିରାଟ ଶୋଭାଯାତ୍ରାରେ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ। ଓଜେସି ନେତା ପ୍ରତାପ ଦାସଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉଦବୋଧନ ଦେଇ ବିଦ୍ୟାଧର ମହାନ୍ତି କହିଥିଲେ, ପୌରପାଳିକାରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ପୌରବାସୀଙ୍କ ମୌଳିକ ସମସ୍ୟାକୁ ଏଡ଼ାଇ ରାଜନୈତିକ ନେତାଙ୍କ ହାତବାରିସି ହୋଇ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ମାଲାମାଲ ହେଉଛନ୍ତି। ଏହା ସହର ପ୍ରଗତିରେ ବାଧକ ସାଜିଛି ବୋଲି ସେ ଦୃଢ଼ ସମାଲୋଚନା କରିଥିଲେ।

ଏହି ପ୍ରତିବାଦ ସଭାରେ ମାଧବ ମହାପାତ୍ର, ପ୍ରଣତି ତ୍ରିପାଠୀ, ପ୍ରଦୀପ କୁମାର ସେଠୀ, ଜ୍ୟୋସ୍ନା ଦାସ, ଜାନକୀ ସିଂ, ବିଦ୍ୟାଧର ଜେନା, ଶତ୍ରୁଘନ ମଲିକ, ବିଚିତ୍ର ରଣା, ରାକେଶ କୁମାର, ପ୍ରମିଳା ଜେନା ଓ ମୀନକେତନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଭାଷଣ ରଖିଥିଲେ। ଶେଷରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଶତାଧିକ ବିଦ୍ୟାଳୟର ଭାଗ୍ୟ ଜଣଙ୍କ ହାତରେ

**● ଲୋକାୟୁକ୍ତରେ ଅଭିଯୋଗ ● ଅନେକ ଯୋଜନା ଟଙ୍କା କରିତ୍‌କର୍ମା ସିଆରସିସି ହଡ଼ପ କରୁଥିବା ଚର୍ଚ୍ଚା**

କାକଟପୁର/ଅସ୍ତରଙ୍ଗ,୨।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ଦୁଇ ବ୍ଲକର ୨୯୩ରୁ ଅଧିକ ବିଦ୍ୟାଳୟର ଭାଗ୍ୟ ଏବେ ଜଣେ ବ୍ୟକ୍ତିଙ୍କ ହାତରେ ରହିଛି ବୋଲି ଅଭିଯୋଗ ଉଠିଛି। ଏଭଳି ଚାଞ୍ଚଲ୍ୟକର ତଥ୍ୟ ଏବେ ସାମ୍ନାକୁ ଆସିଛି, ଯାହା ସମଗ୍ର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷା ବିଭାଗ ଭଳି ସମ୍ବେଦନଶୀଳ ବିଭାଗରେ ଏଭଳି ଅନିୟମିତତା ହଜାର ହଜାର ପିଲାଙ୍କ ଭବିଷ୍ୟତ ସହ ଖେଳ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିଛି।

ସରକାରୀ ତଥ୍ୟ ଅନୁଯାୟୀ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୧୩୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୨ଟି ଉଚ୍ଚ ବିଦ୍ୟାଳୟ ଅଛି। ସେହିପରି କାକଟପୁର ବ୍ଲକରେ ୧୨୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୦ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ ଅଛି। ଏହାସହ ରାଜ୍ୟର ସବୁଠୁ ପ୍ରତିଷ୍ଠିତ ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ସାମିଲ। ଏତେ ବଡ ସାମ୍ରାଜ୍ୟର ପ୍ରଶାସନିକ ନିୟନ୍ତ୍ରଣ ଜଣେ ବ୍ୟକ୍ତିଙ୍କ ହାତରେ ରହିବା ଅଭିଯୋଗ ହୋଇଛି। ସେ ହେଉଛନ୍ତି ଶ୍ରୀକାନ୍ତ ସ୍ୱାଇଁ।

ସୂଚନା ଅନୁଯାୟୀ ସେ ସେହି ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥାଇ ଅସ୍ତରଙ୍ଗ ଏବଂ କାକଟପୁର ଦୁଇ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗକାରୀଙ୍କ ମତରେ ଏଭଳି ବ୍ୟବସ୍ଥାରେ ଜଣେ ପ୍ରଧାନ ଶିକ୍ଷକ ନିଜ ବିଦ୍ୟାଳୟର ଲକ୍ଷ ଲକ୍ଷ ଟଙ୍କାର ମିଶ୍ରଣ ଅନୁଦାନ ଓ ପ୍ରଧାନମନ୍ତ୍ରୀ ଶ୍ରୀ ଯୋଜନାର ବିଲ ନିଜେ ପ୍ରସ୍ତୁତ କରି ନିଜେ ଅଧିକାରୀ ଭାବେ ଅନୁମୋଦନ କରୁଥିବା ଆଶଙ୍କା ସୃଷ୍ଟି ହେଉଛି, ଯାହା ଓଡ଼ିଶା ଆର୍ଥିକ ନିୟମ ଓ ମହାଲେଖାପାଳଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱାର୍ଥ ସଂଘର୍ଷ ବୋଲି ବିବେଚନା କରାଯାଏ। ଏଠି ନିରୀକ୍ଷକ ଓ ନିରୀକ୍ଷିତ ଜଣେ ହେବା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛି।

ଏହା ପଛର ଅସଲ ପ୍ରଭାବ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର ପରିଡାଙ୍କର ରହିଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। ସମଗ୍ର ଶିକ୍ଷା ନିୟମ ଅନୁଯାୟୀ ସଂଯୋଜକଙ୍କ କାର୍ଯ୍ୟକାଳ ସର୍ବାଧିକ ପାଖାପାଖି ୩ବର୍ଷ ଅର୍ଥାତ ବିଶେଷ ପରିସ୍ଥିତିରେ ୪ ବର୍ଷ। ହେଲେ ଅସ୍ତରଙ୍ଗର ୧୩ଟି ସାଧନ କେନ୍ଦ୍ର ମଧ୍ୟରୁ ୮ରୁ ୯ ଜଣ ସଂଯୋଜକ ୫ରୁ ୬ ବର୍ଷ ହେଲା ସେହି ପଦରେ ମାଡି ବସିଛନ୍ତି ବୋଲି ଅଭିଯୋଗ ହୋଇଛି।

ସୂତ୍ର ଅନୁଯାୟୀ ବିଦ୍ୟାଳୟ ପୋଷାକରେ ସ୍ୱୟଂ ସହାୟକ ଗୋଷ୍ଠୀ ନିୟମ ପାଳନ ନ ହୋଇ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ କାମ ଦିଆଯାଉଛି ଏବଂ ମଧ୍ୟାହ୍ନ ଭୋଜନରେ ଅନୁପସ୍ଥିତ ପିଲାଙ୍କୁ ଉପସ୍ଥିତ ଦେଖାଇ ଅଣ୍ଡା ବିଲ ହଡପ ହେଉଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ଯାହା ଖାଦ୍ୟ ସୁରକ୍ଷା ଆଇନର ଉଲ୍ଲଂଘନ। ଏହାର ସତ୍ୟାସତ୍ୟ ତଦନ୍ତ ସାପେକ୍ଷ। ଏହି ସମସ୍ତ ଅଭିଯୋଗକୁ ନେଇ ସ୍ଥାନୀୟ ଯୁବକ ରୁଦ୍ର ନାରାୟଣ ନାୟକ ଲୋକାୟୁକ୍ତଙ୍କ ନିକଟରେ ଏବଂ ଜଣେ ଅଭିଭାବକ ସତର୍କତା ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

ଏହାଛଡା ଚର୍ଚ୍ଚା ହେଉଛି ଯେ ବଦଳି ନିର୍ଦ୍ଦେଶ ଆସିବା ପରେ ମଧ୍ୟ କିଛି ଶାସକ ଦଳୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଗଣଶିକ୍ଷା ମନ୍ତ୍ରୀଙ୍କ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଚୌକି ଓ କ୍ଷମତା ବଜାୟ ରଖାଯାଇଛି ବୋଲି ଶୁଣାଯାଉଛି। ଏବେ ସ୍ଥାନୀୟ ଅଭିଭାବକ ମହଲରୁ ଦାବି ଉଠିଛି ଯେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ସ୍ୱାଧୀନ ତଦନ୍ତ କରନ୍ତୁ, ଶ୍ରୀକାନ୍ତ ସ୍ୱାଇଁଙ୍କୁ ଅସ୍ତରଙ୍ଗରୁ ଅନ୍ୟତ୍ର ବଦଳି କରନ୍ତୁ ଏବଂ ସମସ୍ତ ଆର୍ଥିକ ବିଲ ଓ ସମ୍ପତ୍ତିର ସତର୍କତା ଯାଞ୍ଚ ହେଉ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



ବୋରିଗୁମ୍ମା,୨।୧୦ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧୁରୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜନ ହିତକର ଯୋଜନା ଗୁଡିକ ନେଇ ସଚେତନତା କରିବା ସହ ସେମାନଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ |

କାର୍ଯ୍ୟକ୍ରମ ପରେ "ଏକ ପେଡ ମା କେ ନାମ" ସହ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। ଏଥିସହ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଦିଲ୍ଲୀପ କୁମାର ନାଥଙ୍କ ଉପସ୍ଥିତିରେ ସମସ୍ତ ଉପସ୍ଥିତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇ ଆବଶ୍ୟକତା ଅନୁଯାୟୀ ଔଷଦ ପ୍ରଦାନ କରାଯାଇଛି। ସେହିପରି ବିଏସଏସଓ ଚନ୍ଦ୍ରିକା କଣ୍ଡେଲକରଙ୍କ ସମେତ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଅଧିକାରୀ ଦେବେନ୍ଦ୍ର କୁମାର ପଣ୍ଡା , ପ୍ରମୁଖ ଯୋଗଦେଇ ଥିଲେ। ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା।

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଶ୍ରଦ୍ଧାଞ୍ଜଳି

# ଶେଷ ଧାଡ଼ିର ଲୋକଙ୍କୁ ସେବା ଦେଉଛି ସରକାର

**ଗାନ୍ଧିଜୀଙ୍କ ଆଦର୍ଶରେ ଆମେ ସ୍ୱଦେଶୀ, ସ୍ୱଚ୍ଛତା ପଥରେ ଅଗ୍ରସର ହେଉଛୁ: ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଜାତିର ଜନକ ମହାତ୍ମା ଗାନ୍ଧି ଓ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଓଡ଼ିଶା ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମହାନ ଯୁଗପୁରୁଷଦ୍ୱୟଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଓ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାତ୍ମା ଗାନ୍ଧି କେବଳ ଭାରତକୁ ସ୍ୱାଧୀନତା ଦେଇ ନ ଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ।

ସେ କହିଥିଲେ ଯେ ଗାନ୍ଧିଜୀଙ୍କ ମୁଖ୍ୟ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ସେବା କରିବା, ସ୍ୱଚ୍ଛତା ବଜାୟ ରଖିବା ଓ ସ୍ୱଦେଶୀକୁ ଆପଣାଇବା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗାନ୍ଧିଜୀଙ୍କ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି। ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ସ୍ୱଦେଶୀ ମନ୍ତ୍ର 'ଆତ୍ମନିର୍ଭର ଭାରତ' ଗଠନରେ ବଳିଷ୍ଠ ସହାୟକ ହେଉଛି। ସମାଜର ଅନ୍ତିମ ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ପାଇଁ ଆରମ୍ଭ କରାଯାଇଥିବା 'ଅନ୍ତ୍ୟୋଦୟ ଯୋଜନା' ମାଧ୍ୟମରେ ସରକାର ଗରିବ ଜନସାଧାରଣଙ୍କୁ ସଶକ୍ତ କରାଯାଉଛି। ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ। ଶାସ୍ତ୍ରୀଜୀଙ୍କ ନିସ୍ୱାର୍ଥପର ଦେଶସେବା ଓ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ସେ କହିଥିଲେ। ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# 'ସୁଜଳ' ଅଭିଯାନର ଶୁଭାରମ୍ଭ କଲେ ନଗର ଉନ୍ନୟନ ମନ୍ତ୍ରୀ

- ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅଭିଯାନ
- ୱାଟର ମିଟର ଦ୍ୱାରା ପାଣି ଅପଚୟକୁ ରୋକିହେବ: ମନ୍ତ୍ରୀ



ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଜଳ ସଂରକ୍ଷଣ, ନିରାପଦ ପାନୀୟ ଜଳର ବ୍ୟବହାର ଓ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସୁଜଳ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଜି ଭୁବନେଶ୍ୱରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ।

ବିଭାଗ ଅଧୀନସ୍ଥ ୱାଟକୋ ପକ୍ଷରୁ ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଓ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। 'ଜଳ ସଂରକ୍ଷଣ- ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ' ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ। ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ 'ଦୂଷିତ ଜଳ ବିଭିନ୍ନ ରୋଗର କାରଣ' ବାର୍ତ୍ତା ପ୍ରଚାର କରାଯିବ। ଦୂଷିତ ଜଳ ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଟାଇଫଏଡ୍ ଓ ଜଣ୍ଡିସ୍ ଭଳି ରୋଗ ହେବାର ଆଶଙ୍କା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ପାନୀୟ ଜଳକୁ ପରିଷ୍କାର ଓ ଘୋଡ଼ଣୀଯୁକ୍ତ ପାତ୍ରରେ ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଓ ଘରୋଇ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଥିସହ ପାଣି ମିଟର ବ୍ୟବହାର ଉପରେ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କାରଣ ଏହାଦ୍ୱାରା ପାଣି ଅପଚାୟକୁ ରୋକାଯାଇ ପାରିବ ବୋଲି ସେ କହିଥିଲେ।

ଏଥିସହ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା, ଘରର ଓଭରହେଡ୍ ଜଳଟାଙ୍କି ଓ ଭୂତଳ ଜଳ ସଂରକ୍ଷଣ ଟାଙ୍କିକୁ ନିୟମିତ ସଫା କରିବା ଓ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ। ଏହାଦ୍ୱାରା ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ। ଜଳ ଯୋଗାଣ ସମ୍ପର୍କିତ ସମସ୍ୟା ଓ ଅଭିଯୋଗର ଜଣାଣୁଣି ତଥା ସମାଧାନ ପାଇଁ ନାଗରିକମାନେ ବିଭାଗର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୫୩୫୯ ଓ ୧୮୦୦-୧୨୧୬-୮୩୩ ରେ ଯୋଗାଯୋଗ କରିପାରିବେ। ଏହି ଅବସରରେ ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ବିଳାସ ବେହେରା ଓ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ୱାଟକୋ ନିର୍ଦ୍ଦେଶକ ଇଂ. ସାରଦା ନାୟକ, ୱାଟକୋ-୧ ଜିଏମ ଇଂ. ବିକ୍ରମ ରାଉତ, ୱାଟକୋ-୨ ଜିଏମ ଇଂ. ରାଜେନ୍ଦ୍ର କୁମାର ସେଠୀ, ବିଜେପି ନେତା ଜଗନ୍ନାଥ ରାଉତଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପୁଣି ବ୍ୟାଂକକ୍‌କୁ ଉଡ଼ିଲା ବିମାନ




ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଆଜିଠାରୁ ଭୁବନେଶ୍ୱରରୁ ବ୍ୟାଙ୍କକ ପାଇଁ ପୁଣି ଆରମ୍ଭ ହୋଇଛି ବିମାନ ସେବା। ପ୍ରାୟ ୩ ମାସ ପରେ ପୁଣି ଭୁବନେଶ୍ୱରରୁ ବ୍ୟାଂକକକୁ ବିମାନ ଉଡ଼ିଛି। ଏହି ବିମାନ ସପ୍ତାହକୁ ଦୁଇ ଥର ଚାଲିବ ବୋଲି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ କୌଣସି କାରଣ ପାଇଁ ବିମାନ ସେବା ବନ୍ଦ ଥିଲା। ଆଜିଠାରୁ ବିମାନ ନମ୍ବର ୧୦୬୫ ପୁଣିଥରେ ଉଡ଼ାଣ ଆରମ୍ଭ କରିଛି। ଆଜି ରାତି ୧୧.୦୫ରେ ବିମାନଟି ଭୁବନେଶ୍ୱରରୁ ବାହାରିଛି। ଆଉ ସେଠାରୁ ଆସନ୍ତାକାଲି ସକାଳ ସାଢ଼େ ୫ଟାରେ ବାହାରିବ। ଆସନ୍ତା ୨୫ ତାରିଖରୁ ରାତି ନୁହେଁ, ବରଂ ଏହି ବିମାନଟି ଦିନବେଳା ଚାଲିବ। ଶୀତ ଋତୁ ଆସିବା ପରେ ପୂର୍ବାହ୍ନ ୧୧ଟାରେ ବିମାନଟି ଭୁବନେଶ୍ୱରରେ ପହଞ୍ଚିବ। ଆଉ ଉକ୍ତ ଦିନ ଅପରାହ୍ନ ୧ଟାରୁ ଭୁବନେଶ୍ୱରରୁ ବାହାରିବ।

ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଟରନ୍ୟାସନାଲ ଫ୍ଲାଇଟ ବନ୍ଦ ହେବା ପରେ ଏହା ଅନ୍ତର୍ଜାତୀୟ ବିମାନ ବନ୍ଦର ପରି ଲାଗୁ ନ ଥିଲା। ବ୍ୟାଂକକ ବିମାନ ସେବା ଚାଲୁ ହେବା ପରେ ଓଡ଼ିଶା ତଥା ଭୁବନେଶ୍ୱର ବିମାନ ବନ୍ଦର ପାଇଁ ଏକ ଭଲ ଖବର ଆସିଛି। ବ୍ୟାଂକକ ପାଇଁ ଭୁବନେଶ୍ୱରରୁ ଭଲ ଯାତ୍ରୀ ହେଉଛନ୍ତି। ଆଗାମୀ ଦିନରେ ଦୁବାଇ ବିମାନ ସେବା ପାଇଁ ଚେଷ୍ଟା କରାଯାଉଛି। ସେଠାକାର ସ୍ଥିତିରେ ସୁଧାର ଆସୁଛି ବୋଲି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ଶ୍ରୀ ପ୍ରଧାନ କହିଛନ୍ତି।

## ଟ୍ରେନ୍ ଧକ୍କାରେ ଟ୍ରାକ୍‌ମ୍ୟାନଙ୍କ ମୃତ୍ୟୁ

- ଯାଞ୍ଚବେଳେ ଧକ୍କା ଦେଲା ଟ୍ରେନ୍

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ଟ୍ରେନ୍ ଧକ୍କାରେ ଜଣେ ଟ୍ରାକ୍‌ମ୍ୟାନଙ୍କ ମୃତ୍ୟୁ ଘଟିଛି। ଟ୍ରାକ୍ ରକ୍ଷଣାବେକ୍ଷଣର ଯାଞ୍ଚ ସମୟରେ ଟ୍ରେନ୍ ଧକ୍କାରେ ଉକ୍ତ ଟ୍ରାକ୍‌ମ୍ୟାନଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଖଲ୍ଲିକୋଟ ଅଞ୍ଚଳର କେ. ଗୋବିନ୍ଦ ପାତ୍ର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ୧୦ଟା ସମୟରେ ଛତ୍ରପୁର ନିକଟସ୍ଥ ପୋଡ଼ାପଦର ରେଳ ଲାଇନରେ କେତେକ ଟ୍ରାକ୍‌ମ୍ୟାନ୍ ରେଳ ଟ୍ରାକ୍ ରକ୍ଷଣାବେକ୍ଷଣର ଯାଞ୍ଚ କରୁଥିଲେ। ତେବେ ଏହି ସମୟରେ ଗୋବିନ୍ଦଙ୍କୁ ଇଣ୍ଟରସିଟି ଟ୍ରେନ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ନିୟମିତ ଯାଞ୍ଚ ଓ ଟ୍ରାକ୍ ମରାମତି କାର୍ଯ୍ୟ ପାଇଁ ଟ୍ରାକ୍‌ମ୍ୟାନ୍ ଜଣଙ୍କ ରେଳ ଲାଇନରେ କାମ କରୁଥିଲେ। ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି।

## ବାଇକ୍ ଦୁର୍ଘଟଣାରେ ବି-ଟେକ୍ ଛାତ୍ରଙ୍କ ମୃତ୍ୟୁ



ମୋହନା,୨।୧୦(ସଂଚାର ବ୍ୟୁରୋ)): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଫାଣ୍ଡି ଅଧୀନସ୍ଥ ଏକଲବ୍ୟ ଆବାସିକ ବିଦ୍ୟାଳୟ ସମ୍ମୁଖରେ ଆଜି ବାଇକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏଥିରେ ଜଣେ ବି-ଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିସହ ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଛାତ୍ର ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁରସ୍ଥିତ ପାରଳା ମହାରାଜ ଇଞ୍ଜିନିୟରିଂ କଲେଜର ୧୨ ଜଣ ଛାତ୍ର ବାଇକ୍ ଯୋଗେ ଖସଡ଼ା ଜଳପ୍ରପାତ ଓ ଜିରାଙ୍ଗ ବୌଦ୍ଧ ମନ୍ଦିର ବୁଲି ବ୍ରହ୍ମପୁର ଫେରୁଥିଲେ। ତେବେ ଏହି ସମୟରେ ବିପରୀତ ଦିଗରୁ ବିଶାଖାପାଟଣାରୁ ଆସିଥିବା ଏକ ପରିବାର ତପ୍ତପାଣିରୁ କାର୍‌ରେ ଫେରୁଥିବା ବେଳେ ଏକଲବ୍ୟ ଆବାସିକ ବିଦ୍ୟାଳୟ ନିକଟରେ ଉକ୍ତ କାର୍ ଏକ ବାଇକ୍‌କୁ ସାମ୍ନାରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ସତ୍ୟବ୍ରତ ଓମ୍ ପ୍ରକାଶ ଓ ସୋମ ଶୁଭ୍ରାଂଶୁ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ନିକଟସ୍ଥ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ବାସୁଦେବ ମହାନ୍ତ ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ।

## ଝାଲମୁଢ଼ି ଖାଇ ୫୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ



ସୁବର୍ଣ୍ଣପୁର,୨।୧୦(ସଂଚାର ବ୍ୟୁରୋ): ଝାଲମୁଢ଼ି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ୫୦ରୁ ଅଧିକ। ସୁବର୍ଣ୍ଣପୁର ଜିଲ୍ଲା ମାଙ୍କଡ଼ବାହାଲ ଗାଁରୁ ଆସିଛି ଏଭଳି ଏକ ଖବର। ସୂଚନାନୁସାରେ, ଗତକାଲି ଅପରାହ୍ନ ସମୟର ବଦଳି ଗାଁରୁ ଜଣେ ବ୍ୟବସାୟୀ ମାଙ୍କଡ଼ବାହାଲ ଗାଁକୁ ଝାଲମୁଢ଼ି ବିକ୍ରି କରିବାକୁ ଆସିଥିଲେ। ସେଠାରେ ତାଙ୍କଠାରୁ ଗ୍ରାମବାସୀ ଝାଲମୁଢ଼ି କିଣି ଖାଇଥିଲେ। କିନ୍ତୁ ରାତିରେ ଗାଁର ୫୦ ଜଣଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ତୁରନ୍ତ ସେମାନଙ୍କୁ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇ ମେଡିକାଲ ଟିମ୍ ମାଙ୍କଡ଼ବାହାଳୀ ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ଓଆରଏସ ସହ ଔଷଧ ବଣ୍ଟନ କରିଥିବା ଜଣାପଡ଼ିଛି।

## ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଅସୁସ୍ଥ

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଅସୁସ୍ଥ ହୋଇଥିବା ସୂଚନା ମିଳିଛି। କିଛିଦିନ ତଳେ ସେ ମସ୍ତିଷ୍କ ଯନ୍ତ୍ରଣାରେ ଅସୁସ୍ଥ ହୋଇ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ଅଧିକ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ନୂଆଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତରଣ ବେଳେ ତାଙ୍କ ସହ ଏକ ଡାକ୍ତରୀ ବିଶେଷଜ୍ଞ ଦଳ ପଠାଯାଇଛି। ଏଥିସହ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆର) ବରିଷ୍ଠ ଅଧିକାରୀ ଓ ପରିବାରବର୍ଗ ଉପସ୍ଥିତ ରହି ଡା. ମହାପାତ୍ରଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଅଧିକ ପରାମର୍ଶ କରିଛନ୍ତି। ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କ ଅସ୍ତ୍ରୋପଚାର ପାଇଁ ଚର୍ଚ୍ଚିତ ଡା. ମହାପାତ୍ରଙ୍କୁ ଭାରତ ସରକାର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି। ଡା. ମହାପାତ୍ର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ର ପୂର୍ବତନ କୁଳପତି ତଥା ବର୍ତ୍ତମାନ ପ୍ରିନ୍ସିପାଲ୍ ଆଡ୍‌ଭାଇଜର ରହିଛନ୍ତି। ପୂର୍ବରୁ ସେ ଏମ୍ସର ନିର୍ଦ୍ଦେଶକ ରହିବା ସହ ନୂଆଦିଲ୍ଲୀ ଓ ଭୁବନେଶ୍ୱରରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇ ଉଦାହରଣ ସୃଷ୍ଟି କରିଛନ୍ତି।

# କାର ସହ ୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ




ଫୁଲବାଣୀ,୨।୧୦(ସଂଚାର ବ୍ୟୁରୋ): ଫୁଲବାଣୀ ସଦର ଅବକାରୀ ବିଭାଗ ଏକ କାର ସହ ୬୦ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନାନୁସାରେ, ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ୍ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକାରୀ ଭକ୍ତ ଚରଣ ସ୍ୱାଇଁଙ୍କ ସହ ସଦାଶିବ ରଣା, ଅଜୟ କୁମାର ସାହୁ ଓ ଟିମ ଅଲାମୀ ଛକରେ ଗଞ୍ଜେଇ ଚାଲାଣ ହେଉଥିବା ଗାଡ଼ିକୁ ଜଗି ରହିଥିଲେ। ଗୋଚ୍ଛାପଡ଼ା ଥାନାଞ୍ଚଳରୁ ଫୁଲବାଣୀ ଆଡ଼କୁ ଆସୁଥିବା ଏକ ନମ୍ବରବିହୀନ ଗାଡ଼ିକୁ ସେମାନେ ଅଟକାଇଥିଲେ। ତେବେ ପୂର୍ବରୁ ପୁଲିସକୁ ଦେଖି ଗାଡ଼ିର ଡ୍ରାଇଭର ଗାଡି ଛାଡ଼ି ଫେରାର ମାରିଥିବା ବେଳେ ଅନ୍ୟ ଜଣେ ଗାଡ଼ି ଭିତରେ ରହିଯାଇଥିଲେ। ଘଟଣାସ୍ଥଳରେ ଗାଡ଼ିକୁ ତନଖି କରାଯିବା ପରେ ୩ଟି ବସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା । ଘଟଣାସ୍ଥଳରୁ କାର ସହ ଗଞ୍ଜେଇ ଓ ଗଞ୍ଜେଇ ଚାଲାଣ କରୁଥିବା ଗୋଚ୍ଛାପଡ଼ା ଥାନା ଅଧୀନସ୍ଥ ବାଉଲି କିଆ ଗାଁର ଶରତ କହଁର (୩୫)ଙ୍କୁ ପୁଲିସ୍ ଗିରଫ କରିଥିଲା। ଜବତ ଗଞ୍ଜେଇ ଓଜନ ପରେ ୬୦ କେଜି ଥିବା ଜଣାପଡ଼ିଥିଲା। ଉକ୍ତ ଗଞ୍ଜେଇ ଗୋଚ୍ଛାପଡ଼ା ଅଞ୍ଚଳରୁ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିଥିଲା। ଅବକାରୀ ବିଭାଗ ପକ୍ଷରୁ ସଦର ଅବକାରୀ ଥାନାରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁ କରି ଶ୍ରୀ କହଁର୍‌ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଫେରାର ହୋଇଯାଇଥିବା ଗାଡ଼ି ଡ୍ରାଇଭରକୁ ଧରିବା ସକାଶେ ପ୍ରୟାସ କରାଯାଉଥିବା ଅବକାରୀ ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

- ରାତି ପାହିଲେ କପିଳେଶ୍ୱର ମନ୍ଦିରରେ ଷୋଳପୂଜା

# ମିଳୁନି ଠାକୁରାଣୀଙ୍କ ୨ କୋଟିର ସୁନା ମୁକୁଟ

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): କପିଳେଶ୍ୱର ମନ୍ଦିରରେ ବିଜେ ମା' କାଳିକାଦେବୀ ଠାକୁରାଣୀ। ପାର୍ବଣ ଆସନ୍ନପ୍ରାୟ। ସବୁ ଦେବୀ ପୀଠରେ ଷୋଡ଼ଶ ଦିନାତ୍ମକ ପର୍ବ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତରେ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ମା' କାଳିକା ଦେବୀଙ୍କ ଷୋଳପୂଜା ଅବସରରେ ଲାଗି ହେଉଥିବା ପ୍ରାୟ ୨ କୋଟି ଟଙ୍କା ମୂଲ୍ୟର ସୁନା ମୁକୁଟ ମିଳୁନି। ମନ୍ଦିର ପରିଚାଳନା ଭାର ଦେବୋତ୍ତର ବିଭାଗ ଅଧିକାରୀ ନେବା ଦିନଠାରୁ ଠାକୁରାଣୀଙ୍କ ଏହି ବହୁମୂଲ୍ୟ ମୁକୁଟ ଆଉ ଲାଗି ହେଉନାହିଁ। ଏ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ମନ୍ଦିର ନିର୍ବାହୀ ଅଧିକାରୀ କି ଦେବୋତ୍ତର ବିଭାଗ ଦେଇପାରୁନାହାନ୍ତି। ମା' କାଳିକାଦେବୀଙ୍କୁ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ବିଶ୍ୱାସ କରନ୍ତି ଶ୍ରଦ୍ଧାଳୁ। ଗତ ୨୦୦୩ରେ ଠାକୁରାଣୀଙ୍କ ଷୋଡ଼ଶ ପୂଜାରେ ଲାଗି ନିମନ୍ତେ ସୁନା ଓ ରୁପାର ଆଭୂଷଣ ନିର୍ମାଣ କରାଯାଇଥିଲା। ପ୍ରାୟ ୧୩୦ ଭରି (୧୪୩୦ ଗ୍ରାମ୍ ) ସୁନାର ମୁକୁଟ ଓ ପ୍ରାୟ ୩ କେଜି ଓଜନର ରୁପାରେ ମୁଣ୍ଡମାଳ ନିର୍ମାଣ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ନିର୍ମିତ ମା'ଙ୍କ ଏହି ଆଭୂଷଣ ବିଭିନ୍ନ ପର୍ବପର୍ବାଣିରେ ଠାକୁରାଣୀଙ୍କଠାରେ ଲାଗି ହେଉଥିଲା।

ତେବେ ଗତ ୨୦୧୩ରେ କପିଳେଶ୍ୱର ମନ୍ଦିର ପରିଚାଳନା ପାଇଁ ନୂଆ ସ୍କିମ ପ୍ରସ୍ତୁତ ହେଲା। ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ଇସ୍ତଫା ଦେଇ ମନ୍ଦିର ସମସ୍ତ କାଗଜପତ୍ର, ସମ୍ପତ୍ତି, ଅଳଙ୍କାର ଅନ୍ୟାନ୍ୟ ସାମଗ୍ରୀ ଦେବୋତ୍ତର ଜିଲ୍ଲା ନିରୀକ୍ଷକ ନିରୋଜ କିଶୋର ଛୋଟରାୟଙ୍କୁ ଉକ୍ତ ବର୍ଷ ମାର୍ଚ୍ଚ ୧୩ ତାରିଖରେ ବିଧିବଦ୍ଧ ଭାବେ ହସ୍ତାନ୍ତର କଲେ।

ହେଲେ ସେହିବର୍ଷ ଷୋଡ଼ଶ ପୂଜା ଅବସରରେ ଠାକୁରାଣୀଙ୍କୁ ଆଭୂଷଣ ଲାଗି ହେଲା ନାହିଁ। ଏହାର କାରଣ ସମ୍ପର୍କରେ ଶ୍ରୀଛୋଟରାୟଙ୍କୁ ପଚାରିବାରେ ସେ ଚୋରି ହୋଇଯିବା ଭୟରେ ସୁନା ମୁକୁଟକୁ ରବି ଟକିଜ ରୋଡ୍‌ସ୍ଥିତ ଶ୍ରୀରାଧାବଲ୍ଲଭ ମଠର ଆଇରନ୍ ଚେଷ୍ଟରେ ରଖିଛନ୍ତି ବୋଲି କହିଥିଲେ। ସେହିଦିନଠାରୁ ଠାକୁରାଣୀଙ୍କ ଏହି ବହୁମୂଲ୍ୟ ମୁକୁଟ ଆଉ ପଦାକୁ ବାହାରିନାହିଁ।

ତିଗିରିଆ ତହସିଲ ଅଞ୍ଚଳରେ ବେଆଇନ ବାଲି ଚାଲାଣ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ: ୩ ଟ୍ରାକ୍ଟର ସହ ହାଇୱା ଜବତ

କଟକ,୨।୧୦ (ସଂଚାର ବ୍ୟୁରୋ): ତିଗିରିଆ ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ, ଚୋରା ଚାଲାଣ ଓ ଗାଡ଼ିଗୁଡ଼ିକର ଓଭରଲୋଡିଂ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଇଛି। ଆଠଗଡ଼ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସ୍ଥାନୀୟ ପୁଲିସ୍ ଅଧିକାରୀମାନଙ୍କ ମିଳିତ ସହଯୋଗରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆକସ୍ମିକ ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ କରି ନେଉଥିବା ୩ଟି ଟ୍ରାକ୍ଟର ଏବଂ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଚିପ୍ସ ପରିବହନ କରୁଥିବା ୧ଟି ହାଇୱାକୁ ପ୍ରଶାସନିକ ଟିମ୍ ଜବତ କରିଥିଲେ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ ସମସ୍ତ ଗାଡ଼ିକୁ ତିଗିରିଆ ଥାନା ହେପାଜତରେ ରଖାଯାଇଛି। ଏହା ସହିତ ପ୍ରଶାସନିକ ଟିମ୍ ହାଟମାଳା ବାଲି ସୋର୍ସ (ଘାଟ)ରେ ମଧ୍ୟ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚଳାଇଥିଲେ। ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଓ ପୁଲିସ୍ ବଳ ବାଲି ଘାଟ ପରିଦର୍ଶନ କରି ଯାଞ୍ଚ କରୁଥିବା ସମୟରେ ବିନା ଟ୍ରାନ୍ସପୋର୍ଟ ପରମିଟ୍‌ରେ ବାଲି ପରିବହନ କରୁଥିବା ଅନ୍ୟ ଏକ ଟ୍ରାକ୍ଟରକୁ ମଧ୍ୟ ଜବତ କରାଯାଇଛି। ଖଣିଜ ସମ୍ପଦର ବେଆଇନ ଲୁଟ୍ ଏବଂ ନିୟମ ବିରୋଧୀ ଓଭରଲୋଡିଂକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆଗାମୀ ଦିନରେ ମଧ୍ୟ ତିଗିରିଆ ତହସିଲ ପ୍ରଶାସନ ପକ୍ଷରୁ ଏହିପରି ନିୟମିତ ଯାଞ୍ଚ ଓ କଠୋର ଏନ୍‌ଫୋର୍ସମେଣ୍ଟ ଜାରି ରହିବ।

ନୟାପଲ୍ଲୀରେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ମାମଲା

# ମହିଳା କମିଶନ ଟିମ୍‌ର ସରଜମିନ୍ ଯାଞ୍ଚ

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ନୟାପଲ୍ଲୀ ଥାନା ଅଧୀନସ୍ଥ ଗଡ଼ସାହିରେ ଜନୈକା ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଘଟଣାରେ ତଦନ୍ତ ଜୋରଦାର ହୋଇଛି। ଆଜି ଘଟଣାସ୍ଥଳରେ ମହିଳା କମିଶନଙ୍କ ଟିମ୍ ପହଞ୍ଚି ସରଜମିନ ଯାଞ୍ଚ କରିଛି। ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ନୟାପଲ୍ଲୀ ଥାନାକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ନେଇଛନ୍ତି। ଏଥିସହ ମାମଲାରେ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି ମହିଳା କମିଶନ। ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ନୂଆପଲ୍ଲୀ ଥାନା ଅଧୀନ ଗଡ଼ସାହିରେ ସନ୍ଧ୍ୟା ବେଳେ ଉକ୍ତ ପୀଡ଼ିତାଙ୍କ ରୁମ୍ ଭିତରେ ପଶି ବନ୍ଧୁକ ଦେଖାଇ ଜଣେ ଦୁର୍ବୃତ୍ତ ଦୁଷ୍କର୍ମ କରିଛି। ପରେ ଅଭିଯୁକ୍ତ ଯୁବତୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା।

ପୀଡ଼ିତା ଯୁବତୀ ଜଣଙ୍କ ବଡ଼ଭଉଣୀ (ବିବାହିତ)ଙ୍କ ସହ ନୂଆପଲ୍ଲୀ ଗଡ଼ସାହିରେ ଭଡ଼ାରେ ରହୁଛନ୍ତି। ପୀଡ଼ିତା ଏକ ଟେଲିକମ୍ ସଂସ୍ଥାରେ ଚାକିରି କରୁଥିବା ବେଳେ ତାଙ୍କ ବଡ଼ ଭଉଣୀ ଫିଜିଓଥେରାପିଷ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ପୀଡ଼ିତାଙ୍କ ଭିଣୋଇ ବେଳେବେଳେ ଏଠାକୁ ଆସନ୍ତି। ଗତ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପୀଡ଼ିତାଙ୍କ ଭଉଣୀ ଘରେ ନ ଥିବା ବେଳେ ସେ ରାତି ୯ଟା ସୁଦ୍ଧା ଫେରି ଆସିବେ ବୋଲି କହିଥିଲେ। ଏହି ସମୟରେ ପୀଡ଼ିତା ଜଣଙ୍କ ଘରର ଗ୍ରୀଲ୍, ମୁଖ୍ୟ କବାଟକୁ ଲକ୍ ନ କରି ଆଉଜେଇ ଦେଇ ବେଡ୍ ରୁମ୍‌ରେ ଲ୍ୟାପଟପ୍‌ରେ କିଛି କାମ କରୁଥିଲେ। ତେବେ ଏହାର ସୁଯୋଗ ନେଇ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଘରର କବାଟ ଖୋଲି ଅଚାନକ ଭିତରେ ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲାଇଟ୍ ବନ୍ଦ କରି ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଚଳାଇଥିଲେ ବର୍ବର ଓ ନାରକୀୟ କାଣ୍ଡ। ଯୁବତୀ ଜଣଙ୍କ ଏଥିରେ ଭୟଭୀତ ହୋଇ ପାଟି ଖୋଲିବାକୁ ସାହସ କରିପାରିନଥିଲେ। ଉପର ମହଲାରେ

**୧୫ ଦିନରେ ରିପୋର୍ଟ ଦାଖଲ ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ**



ଓ ପାଖରେ ପଡ଼ୋଶୀ ରହୁଥିଲେ ବି ବନ୍ଧୁକ ଭୟରେ ପୀଡ଼ିତା ଜଣକ କାହାରିକୁ ଡାକିପାରି ନ ଥିଲେ। ପରେ ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ବାନ୍ଧି ବାହାର ପଟୁ କବାଟ ଦେଇ ସହଜରେ ଫେରାର ହୋଇଯାଇଥିଲା। ଯୁବତୀ ଜଣଙ୍କ ରହୁଥିବା ଘର ନୂଆପଲ୍ଲୀ ଥାନାଠାରୁ ମାତ୍ର ଏକ କିମି ଦୂରରେ ହୋଇଥିଲେ ହେଁ ହେବ ଦୁର୍ବୃତ୍ତ ଜଣଙ୍କ ବିନା କୌଣସି ଭୟରେ ଏପରି କାଣ୍ଡ ଭିଆଇବାକୁ ସାହସ କରିଛି। ତେବେ ପୀଡ଼ିତା ଜଣଙ୍କ ଏ ସମ୍ପର୍କରେ ତାଙ୍କ ଭଉଣୀଙ୍କୁ କହିଥିଲେ। ତୁରନ୍ତ ସେମାନେ ଭୁବନେଶ୍ୱରରେ ରହୁଥିବା ଭାଇଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଭାଇ ଆସିବା ପରେ ପୀଡ଼ିତା ନୟାପଲ୍ଲୀ ଥାନା ପୁଲିସ୍‌କୁ ଫୋନ୍ କରିଥିଲେ। ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ପୀଡ଼ିତାଙ୍କୁ ହସ୍ପିଟାଲ୍ ପଠାଇଥିଲା। ତା'ପରେ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପୀଡ଼ିତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲା। ଘଟଣା ଘଟିବା ସମୟରେ କ'ଣ ପାଇଁ ପୀଡ଼ିତା ଚିତ୍କାର କରି ପଡ଼ୋଶୀଙ୍କୁ ଡାକି ନଥିଲେ ବୋଲି ପୁଲିସ୍ ପ୍ରଶ୍ନ କରିଥିଲା। ଏହାର ଉତ୍ତରରେ ସେ ଡରିଯାଇଥିବାରୁ ଏପରି କରିପାରିନଥିଲେ ବୋଲି ପୀଡ଼ିତା କହିଥିଲେ। ପୁଲିସ୍ ମାମଲା ରୁଜୁ କରିବା ସହ ରାତି ୮ଟାରୁ ଭୋର ୪ଟା ପର୍ଯ୍ୟନ୍ତ ପୁଲିସ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ଅଭିଯୁକ୍ତ ଜଣଙ୍କ କାଣ୍ଡ ଘଟାଇବା ପରେ ଆମ ବସ୍‌ରେ ଚଢ଼ି ସିଆର୍‌ପି ଆଡ଼କୁ ଯାଉଥିବା ସିସିଟିଭିରୁ ସ୍ପଷ୍ଟ ହୋଇଛି। ପୁଲିସ୍ ଟାୱାର ଡମ୍ପ୍ ମାଧ୍ୟମରେ ଅଭିଯୁକ୍ତର ଫୋନ୍ ନମ୍ବର ମଧ୍ୟ ପାଇଛି। ଉକ୍ତ ମୋବାଇଲ୍‌କୁ ବନ୍ଦ କରି ଅଭିଯୁକ୍ତ ଜଣଙ୍କ ବାରମ୍ବାର ଲୋକେସନ୍ ବଦଳାଉଥିବାରୁ ତାକୁ ଧରିବା ସକାଶେ ପୁଲିସ୍ ପାଇଁ ସମସ୍ୟା ହେଉଛି। ତେବେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ୩ଟି ଟିମ୍ ଗଠନ କରିଛି। ତେବେ ଗତକାଲି ସକାଳେ ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କ ରୁମ୍‌ରେ ପହଞ୍ଚି ସେଠାରୁ ତଥ୍ୟ ପ୍ରମାଣ ଯୋଗାଡ଼ କରିଛି। ଏ ସମ୍ପର୍କରେ ଡିସିପି ଡା. ଶ୍ରବଣ ବିବେକ କହିଛନ୍ତି ଯେ ଘଟଣା ସମ୍ପର୍କରେ ଖବର ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲ୍ ନେଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ସେନ୍‌ସେକ୍ସ ୫୭୦, ନିଫ୍ଟି ୧୯୮ ପଏଣ୍ଟ ଖସିଲା

## ସେପ୍ଟେମ୍ବରରେ ୬% ଅଧିକ ହ୍ରାସ ହୋଇଥିଲା ଦର




ମୁମ୍ବାଇ,୨।୧୦: ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ବିଦେଶୀ ନିବେଶକମାନେ ଲଗାତାର ଭାବେ ଇକ୍ୱିଟି ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଗୁରୁବାର ଷ୍ଟକ୍ ବଜାର ଉପରେ ଚାପ ରହିଥିଲା। ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ମଧ୍ୟ ସ୍ଥିତିକୁ ଆହୁରି ବିଗାଡ଼ିଥିଲା। ନିବେଶକମାନେ ସେୟାର ବିକ୍ରି କରିବାରୁ ଏକ ସମୟରେ ସେନ୍‌ସେକ୍ସ ୧୦୦୦ ପଏଣ୍ଟ ତଳକୁ ଖସିଆସିଥିଲା। କିନ୍ତୁ ଦିନର ପରବର୍ତ୍ତୀ ସମୟରେ ସେଥିରେ ସୁଧାର ହୋଇଥିଲା। କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୭୦.୫୯ ପଏଣ୍ଟ ହ୍ରାସ ପାଇ ୭୧,୯୦୯.୭୦ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୧୯୮.୫୦ ପଏଣ୍ଟ ହ୍ରାସ ପାଇ ୨୨,୪୨୧.୯୫ ପଏଣ୍ଟରେ ବନ୍ଦ ହୋଇଥିଲା।ନିବେଶକମାନେ ପ୍ରମୁଖ କମ୍ପାନିଗୁଡ଼ିକର ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ମୋଟ୍ ବଜାର ପୁଞ୍ଜି ପରିମାଣ ୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୬୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଦୀର୍ଘ ୨୫ ବର୍ଷରେ ପ୍ରଥମ ଥର ପାଇଁ ଦୀର୍ଘଦିନ ପର୍ଯ୍ୟନ୍ତ ଏଭଳି ହ୍ରାସ ଘଟିଛି। ଆସନ୍ତାକାଲି ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଷ୍ଟକ୍ ବଜାର ବନ୍ଦ ରହିଛି। ତେଣୁ ଆସନ୍ତା ସୋମବାର ବଜାର ଖୋଲିବା ବେଳକୁ ସ୍ଥିତି ଯାହା ଥିବ ସେହି ଅନୁସାରେ କାରବାର ଆଗକୁ ବଢ଼ିବା ସମ୍ଭାବନା ରହିଛି।

ସବୁଠୁ ବଡ଼ ଚିନ୍ତାର ବିଷୟ ହୋଇଛି ବିଦେଶୀ ନିବେଶକଙ୍କ ପାଣ୍ଠି ପ୍ରତ୍ୟାହାର। ପୂର୍ବରୁ ସେମାନେ ଇକ୍ୱିଟି ବଜାରରୁ ନିବେଶ ପ୍ରତ୍ୟାହାର କରୁଥିଲେ। କିନ୍ତୁ ଦୁଇ ବର୍ଷ ବ୍ୟବଧାନ ପରେ ସେମାନେ ପ୍ରଥମ ଥର ପାଇଁ ଡେବ୍‌ଟ ବଜାରରୁ ପାଣ୍ଠି ନେଇଯାଇଛନ୍ତି। ସେମାନେ ବୁଧବାର ୧.୦୬ ବିଲିଅନ ଡଲାର ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଦେଶୀ ନିବେଶକମାନେ ୨.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିସାରିଲେଣି। ଗତ ଜୁଲାଇ ଓ ଅଗଷ୍ଟରେ ସେମାନେ ଭାରତୀୟ ସେୟାର ବଜାରରେ ଯଥାକ୍ରମେ ୨୦,୨୦୦ କୋଟି ଟଙ୍କା ଓ ୨୯,୬୩୧ କୋଟି ଟଙ୍କା ନିବେଶ କରିଥିଲେ। କିନ୍ତୁ ସେପ୍ଟେମ୍ବରରେ ୪୬ ହଜାର କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଅନ୍ୟ ପକ୍ଷରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୫ ଟଙ୍କା ୯୮ ପଇସା ହୋଇଯାଇଛି। ଅଶୋଧିତ ତୈଳ ଦର ମଧ୍ୟ ବ୍ୟାରେଲକୁ ୧୦୦ ଡଲାର ପାଖାପାଖି ରହିଛି। ଅଟୋମୋବାଇଲ୍ କମ୍ପାନିଗୁଡ଼ିକର ସେୟାରକୁ ମଧ୍ୟ ନିବେଶକମାନେ ଆଜି ବହୁ ସଂଖ୍ୟାରେ ବିକ୍ରି କରିଥିଲେ।

# ନୂଆ ରୋଜଗାର ଯୋଜନାରେ କାମ ଚାହିଦା ବଢ଼ିଲା



ନୂଆଦିଲ୍ଲୀ, ୨।୧୦: ଗାଁର ଲୋକଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ରୋଜଗାର ଯୋଜନା VB-G RAM Gରେ କାମ ଚାହୁଁଥିବା ପରିବାର ସଂଖ୍ୟା ବଢ଼ିଛି। ଜୁଲାଇ ୧, ୨୦୨୬ରୁ ଏହି ଯୋଜନା ମନରେଗା ବଦଳରେ ଆରମ୍ଭ ହୋଇଥିଲା ।ସେପ୍ଟେମ୍ବର ୨୦୨୬ରେ ପ୍ରାୟ ୧ କୋଟି ୫୬ ଲକ୍ଷ ପରିବାର ଏହି ଯୋଜନାରେ କାମ କାମ ଖୋଜୁଥିବା ବେଳେ । ଗତ ବର୍ଷ ସେପ୍ଟେମ୍ବର ତୁଳନାରେ ଏହା ପ୍ରାୟ ୩୪ ପ୍ରତିଶତ ଅଧିକ। ଅଗଷ୍ଟ ମାସରେ ପ୍ରାୟ ୧ କୋଟି ୨୪ ଲକ୍ଷ ପରିବାର କାମ ଚାହିଁଥିଲେ । ଅର୍ଥାତ୍, ଅଗଷ୍ଟ ତୁଳନାରେ ସେପ୍ଟେମ୍ବରରେ କାମ ଚାହୁଁଥିବା ପରିବାର ସଂଖ୍ୟା ପ୍ରାୟ ୨୬ ପ୍ରତିଶତ ବଢ଼ିଛି। ବିଶେଷଜ୍ଞମାନେ କହିଛନ୍ତି, ଏହାର ଏକ କାରଣ ହୋଇପାରେ ଅସମାନ ବର୍ଷା। ଦେଶର କେତେକ ପଶ୍ଚିମ ଓ ଦକ୍ଷିଣ ରାଜ୍ୟରେ ବର୍ଷା ଠିକ୍ ଭାବେ ନହେବାରୁ ଚାଷ କାମ କମିଛି। ଏଥିପାଇଁ ଲୋକମାନେ ସରକାରୀ ଯୋଜନାରେ କାମ ଖୋଜୁଥିବା ସମ୍ଭାବନା ରହିଛି। ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଚାଷ କାମ କମିଥିବାରୁ ଏହାର ପ୍ରଭାବ ରୋଜଗାର ଉପରେ ପଡ଼ିଥାଇପାରେ। ସୂତ୍ରମାନଙ୍କ ଅନୁସାରେ, ନୂଆ ଯୋଜନା ଧୀରେ ଧୀରେ ଠିକ୍ ଭାବେ ଚାଲିବା ଆରମ୍ଭ କରିବା ମଧ୍ୟ କାମ ଚାହିଦା ବଢ଼ିବାର ଏକ କାରଣ ହୋଇପାରେ ।ସେପ୍ଟେମ୍ବରରେ ଏହି ଯୋଜନା ମାଧ୍ୟମରେ ପ୍ରାୟ ୮.୬୫ କୋଟି ଦିନର କାମ ଦିଆଯାଇଛି। ତେବେ ଗତ ବର୍ଷ ସେପ୍ଟେମ୍ବରରେ ମନରେଗା ମାଧ୍ୟମରେ ପ୍ରାୟ ୧୧.୯୯ କୋଟି ଦିନର କାମ ଦିଆଯାଇଥିଲା। ଅର୍ଥାତ୍, ଏଥର କାମ ଚାହୁଁଥିବା ପରିବାର ବଢ଼ିଥିଲେ ମଧ୍ୟ ଦିଆଯାଇଥିବା ମୋଟ କାମ ଗତ ବର୍ଷ ତୁଳନାରେ କମ୍ ରହିଛି ।ଆଗାମୀ ମାସଗୁଡ଼ିକରେ ଏହି ଯୋଜନାରେ କେତେ ଲୋକ କାମ ପାଉଛନ୍ତି ଏବଂ କେତେ କାମ ସୃଷ୍ଟି ହେଉଛି, ତାହା ଉପରେ ନଜର ରହିବ।

# ଟାଟା ଗ୍ରୁପ୍‌ର ବଜାର ପୁଞ୍ଜିରେ ୧୦% ହ୍ରାସ




ମୁମ୍ବାଇ,୨।୧୦: ଟାଟା ଟ୍ରଷ୍ଟ ଏବଂ ଟାଟା ସନ୍ସ ମଧ୍ୟରେ ଚାଲିଥିବା ବିବାଦ ଏବେ ନିବେଶକମାନଙ୍କୁ ପ୍ରଭାବିତ କରିଛି । ଏହି କାରଣରୁ ଟାଟା ଗ୍ରୁପ ଅନ୍ତର୍ଭୁକ୍ତ ଅନେକ କମ୍ପାନୀର ବଜାର ପୁଞ୍ଜି(ଏମ୍-କ୍ୟାପ୍)ରେ ଅନ୍ୟୂନ ୧୦ ପ୍ରତିଶତ ହ୍ରାସ ପାଇବା ସହିତ ପ୍ରାୟ ୨.୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ଏ ସମ୍ପର୍କରେ ମିଳିଥିବା ତଥ୍ୟ ଅନୁଯାୟୀ, ଅଗଷ୍ଟ ୧୨ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଟାଟା ଗ୍ରୁପର ମୋଟ ୨୬ଟି ତାଲିକାଭୁକ୍ତ ଶେୟାରର ମିଳିତ ବଜାର ପୁଞ୍ଜିରେ ୨,୬୫,୭୪୮ କୋଟି ଟଙ୍କା ହ୍ରାସ ପାଇଥିଲାବେଳେ ମୋଟ ବଜାର ପୁଞ୍ଜି ପରିମାଣ ୨୭,୦୨,୯୧୫ କୋଟି ଟଙ୍କାରୁ ୨୪,୩୭,୧୬୬ କୋଟି ଟଙ୍କାକୁ ଖସି ଆସିଛି। ଟାଟା ଗ୍ରୁପର ୨୬ଟି ଶେୟାର ମଧ୍ୟରୁ ୨୩ଟି ନକାରାତ୍ମକ ରିଟର୍ଣ୍ଣ ଦେଇଥିବା ବେଳେ କମ୍ପାନୀର ଶେୟାର ଦୁଇଅଙ୍କ ବିଶିଷ୍ଟ ହ୍ରାସ ରେକର୍ଡ କରିଛି। ଅଗଷ୍ଟ ୧୨ରେ ଟାଟା ସନ୍ସର ଚେୟାରମ୍ୟାନ ଭାବେ ଏନ୍. ଚନ୍ଦ୍ରଶେଖରନ ପୁନଃ ନିଯୁକ୍ତି ନ ଚାହିଁବା ନିଷ୍ପତ୍ତି, ଟାଟା ସନ୍ସର ଅପର୍-ଲେୟାର ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଭାବରେ ପଞ୍ଜୀକରଣ ପ୍ରତ୍ୟାହାର କରିବା ପାଇଁ କରାଯାଇଥିବା ଆବେଦନକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତ୍ୟାଖ୍ୟାନ କରିବା ଏବଂ ଏହା ପରେ ଟାଟା ସନ୍ସ ବୋର୍ଡ ଦ୍ୱାରା ଚନ୍ଦ୍ରଶେଖରନ୍‌ଙ୍କ ପୁନଃ ନିଯୁକ୍ତି ଓ ଏହାକୁ ନୋଏଲ ଟାଟାଙ୍କ ବିରୋଧ ସମ୍ପ୍ରତି ଟାଟା ଗ୍ରୁପ ଶେୟାରଗୁଡ଼ିକ ଉପରେ ଚାପ ସୃଷ୍ଟି କରିଛି। ଟାଟା ସନ୍ସ ବୋର୍ଡ ଆଇପିଓ ଇସ୍ୟୁ କରିବା ଲାଗି ଅନୁମୋଦନ ଦେବା ଏବଂ ପରବର୍ତ୍ତୀ ସମୟରେ ଲିଷ୍ଟିଂରୁ ବର୍ତ୍ତିବା ପାଇଁ ଟାଟା ସନ୍ସ ସହିତ ଏହାର ଦୁଇଟି ଅଣ-ସୂଚୀବଦ୍ଧ ସଂସ୍ଥାର ମିଶ୍ରଣ ପାଇଁ ପ୍ରସ୍ତାବ ଦେବା ମଧ୍ୟ ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଟାଟା ଏଲକ୍ସି ଲିମିଟେଡ ଏବଂ ଟାଟା ମୋଟର୍ସ ପାସେଞ୍ଜର ଭେହିକିଲ୍ସର ଶେୟାର ମୂଲ୍ୟ ୧୭% ହାରରେ ହ୍ରାସ ପାଇଥିଲାବେଳେ ଭୋଲଟାସ୍ ଲିମିଟେଡ ୧୭ %, ଟାଟା ଟେକ୍ନୋଲୋଜିସ୍ ୧୫.୮୬% ଏବଂ ଟିଆରଏଫ୍ ଲିମିଟେଡର ଶେୟାର ମୂଲ୍ୟ ୧୩.୯୫ ପ୍ରତିଶତ ହ୍ରାସ ପାଇଛି। ସେହିପରି ପ୍ରମୁଖ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ୍) ଏବଂ ଟ୍ରେଣ୍ଟ ଲିମିଟେଡର ଶେୟାର ମୂଲ୍ୟ ମଧ୍ୟ ୧୨ ରୁ୧୪ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି ।

# ଭାରତରେ ଲଞ୍ଚ ହେଲା ପୋର୍ସେ କେୟେନ୍ ଇଲେକ୍ଟ୍ରିକ୍ କାର୍



ନୂଆଦିଲ୍ଲୀ, ୨।୧୦: ଭାରତୀୟ ବଜାରରେ ଇଲେକ୍ଟ୍ରିକ୍ ଗାଡ଼ିର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଏବେ ଲଗଜୁରୀ କାର୍ କମ୍ପାନୀଗୁଡ଼ିକ ମଧ୍ୟ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ନୂଆ କାର୍ ଲଞ୍ଚ କରୁଛନ୍ତି। ଜର୍ମାନୀର ଲଗଜୁରୀ କାର୍ ମେକର କମ୍ପାନୀ ପୋର୍ସେ ଭାରତୀୟ ଅଟୋମୋବାଇଲ୍ ବଜାରରେ ନିଜର ନୂଆ ଅଲ୍-ଇଲେକ୍ଟ୍ରିକ୍ SUV ପୋର୍ସେ କେୟେନ୍ ଇଲେକ୍ଟ୍ରିକ୍‌କୁ ଆଧିକାରିକ ଭାବେ ଲଞ୍ଚ କରିଛି। କମ୍ପାନୀ ଏହାକୁ ଦୁଇଟି ଭାରିଆଣ୍ଟରେ ଲଞ୍ଚ କରିଛି ଯାହା ହେଉଛି- ଷ୍ଟାଣ୍ଡାର୍ଡ କେୟେନ୍ ଇଲେକ୍ଟ୍ରିକ୍ ଏବଂ ହାଇ-ପରଫର୍ମାନ୍ସ କେୟେନ୍ ଇଲେକ୍ଟ୍ରିକ୍ ଟର୍ବୋ।

ଭାରତରେ ଏହାର ଷ୍ଟାଣ୍ଡାର୍ଡ ମଡେଲର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟ ୧.୭୭ କୋଟି ଟଙ୍କା ରଖାଯାଇଛି। ସେହିପରି ଟପ୍-ଅଫ୍-ଦ-ଲାଇନ୍ ଟର୍ବୋ ଭାରିଆଣ୍ଟର ମୂଲ୍ୟ ୨.୨୭ କୋଟି ଟଙ୍କା ରହିଛି। ପୋର୍ସେର ଏହି ନୂଆ ଲକ୍ସୁରୀ ଇଲେକ୍ଟ୍ରିକ୍ SUV ଏକ ନୂଆ ଆର୍କିଟେକ୍ଚର୍ ଉପରେ ବେସ୍ଡ। ଏହା ଗାଡ଼ିକୁ ପୂର୍ବ ଅପେକ୍ଷା ଅଧିକ ସ୍ପେସିଅସ୍, ସ୍ପୋର୍ଟି ଏବଂ ଆଡଭାନ୍ସଡ କରିଛି। ପରଫର୍ମାନ୍ସ ବିଷୟରେ କହିଲେ, ନୂଆ ପୋର୍ସେ କେୟେନ୍ ଇଲେକ୍ଟ୍ରିକ୍ ଟର୍ବୋ କୌଣସି ରେସ୍ କାରଠାରୁ କମ୍ ନୁହେଁ। ଏହାର ଟର୍ବୋ ଭାରିଆଣ୍ଟରେ ଲଞ୍ଚ କଣ୍ଟ୍ରୋଲ୍ ସହ ୧,୧୫୬ PSର ବଡ଼ ପାୱାର୍ ଏବଂ ୧,୫୦୦ Nmର ଟର୍କ ମିଳୁଛି। ଏହା ଏହାକୁ ଭାରତର ସବୁଠାରୁ ପାୱାରଫୁଲ୍ ପୋର୍ସେ କାରରେ ପରିଣତ କରିଛି। ଏହି SUV ମାତ୍ର ୨.୫ ସେକେଣ୍ଡରେ ୦ରୁ ୧୦୦ କିମି/ଘଣ୍ଟା ବେଗ ହାସଲ କରିପାରେ। ସେହିପରି ୦ରୁ ୨୦୦ କିମି/ଘଣ୍ଟା ବେଗରେ ପହଞ୍ଚିବାକୁ ଏହାକୁ ମାତ୍ର ୭.୪ ସେକେଣ୍ଡ ସମୟ ଲାଗେ। ଏହାର ଟପ୍ ସ୍ପିଡ୍ ୨୬୦ କିମି/ଘଣ୍ଟା ରହିଛି। ଅନ୍ୟପକ୍ଷରେ, ଏହାର ଷ୍ଟାଣ୍ଡାର୍ଡ ମଡେଲ୍ ୪୦୮ bhp ପାୱାର୍ ଜେନେରେଟ୍ କରେ, ଯାହା ଦୈନନ୍ଦିନ ଡ୍ରାଇଭିଂ ପାଇଁ ଯଥେଷ୍ଟ ଉପଯୋଗୀ।

ଲମ୍ବା ଦୂରତା ଯାତ୍ରା ପାଇଁ କେୟେନ୍ ଇଲେକ୍ଟ୍ରିକ୍ ଟର୍ବୋରେ ୧୧୩ kWh କ୍ଷମତାର ହାଇ-ଭୋଲ୍ଟେଜ୍ ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି। ଏହା ଥରେ ପୂରା ଚାର୍ଜ ହେଲେ ୬୨୩ କିଲୋମିଟର ପର୍ଯ୍ୟନ୍ତ ଡ୍ରାଇଭିଂ ରେଞ୍ଜ ଦେଇପାରେ। ସେହିପରି ଷ୍ଟାଣ୍ଡାର୍ଡ ଭାରିଆଣ୍ଟରେ ୬୪୨ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ମିଳୁଛି। ଏହି SUVରେ ୮୦୦-ଭୋଲ୍ଟ ଫାଷ୍ଟ-ଚାର୍ଜିଂ ଆର୍କିଟେକ୍ଚର୍ ଦିଆଯାଇଛି। ଏହାର ସାହାଯ୍ୟରେ କାର୍‌ର ବ୍ୟାଟେରୀ ୧୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହେବାକୁ ୧୬ ମିନିଟ୍‌ରୁ ମଧ୍ୟ କମ୍ ସମୟ ଲାଗେ। ଏହା ଲମ୍ବା ଯାତ୍ରା ସମୟରେ ଚାର୍ଜିଂ ପାଇଁ ଲାଗୁଥିବା ସମୟକୁ ଯଥେଷ୍ଟ କମାଇଥାଏ। ଡିଜାଇନ୍ ଦୃଷ୍ଟିରୁ ନୂଆ କେୟେନ୍ ଇଲେକ୍ଟ୍ରିକ୍‌କୁ ପୂର୍ବ ଅପେକ୍ଷା ଅଧିକ ଲମ୍ବା ଏବଂ ଚଉଡ଼ା କରାଯାଇଛି। ଏହାର ଲମ୍ବ ୪,୯୮୫ ମିମି, ଚଉଡ଼ା ୧,୯୮୦ ମିମି, ଉଚ୍ଚତା ୧,୬୭୪ ମିମି ଏବଂ ହ୍ୱିଲ୍‌ବେସ୍ ୩,୦୨୩ ମିମି ରହିଛି। ଏଥିରେ ସ୍ମୁଥ୍ ସର୍ଫେସ୍ ସହ କ୍ଲାସିକ୍ ପୋର୍ସେ ଲୁକ୍ ଦିଆଯାଇଛି। କାର୍‌ର ସ୍ଥିରତା ଏବଂ ହ୍ୟାଣ୍ଡଲିଂକୁ ଉନ୍ନତ କରିବା ପାଇଁ ଏଥିରେ ପୋର୍ସେ ଆକ୍ଟିଭ୍ ସସ୍ପେନ୍ସନ୍ ମ୍ୟାନେଜମେଣ୍ଟ ସହ ଆଡାପ୍ଟିଭ୍ ଏୟାର୍ ସସ୍ପେନ୍ସନ୍, ରିୟର୍ ଆକ୍ସେଲ୍ ଷ୍ଟିୟରିଂ, ମୁଭେବଲ୍ କୁଲିଂ ଫ୍ଲାପ୍ସ ଏବଂ ଏକ ଆକ୍ଟିଭ୍ ରିୟର୍ ସ୍ପଏଲର୍ ଷ୍ଟାଣ୍ଡାର୍ଡ ଭାବେ ଦିଆଯାଇଛି। କାର୍‌ର ଇଣ୍ଟେରିୟର୍‌କୁ ମଧ୍ୟ ଅତ୍ୟାଧୁନିକ ଏବଂ ଆରାମଦାୟକ କରାଯାଇଛି। କେବିନ୍‌ରେ ୧୨.୨୫ ଇଞ୍ଚର କର୍ଭଡ୍ OLED ଫ୍ଲୋ ଡିସପ୍ଲେ ଦିଆଯାଇଛି, ଯାହା ମୁଖ୍ୟ ଫଙ୍କସନ୍‌ଗୁଡ଼ିକୁ ଡ୍ରାଇଭରଙ୍କ ସହଜ ପହଞ୍ଚ ମଧ୍ୟରେ ରଖେ। ଏହା ସହିତ ଡ୍ରାଇଭରଙ୍କ ପାଇଁ ୧୪.୨୫ ଇଞ୍ଚର OLED ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍ ଏବଂ ଫ୍ରଣ୍ଟ ପ୍ୟାସେଞ୍ଜର୍ ପାଇଁ ଏକ ଅଲଗା ଟଚ୍‌ସ୍କ୍ରିନ୍ ଦିଆଯାଇଛି। କେବିନ୍‌ର ଅନ୍ୟାନ୍ୟ ଫିଚର୍ସ ମଧ୍ୟରେ ଅଗମେଣ୍ଟେଡ୍ ରିଅଲିଟି ହେଡ୍-ଅପ୍ ଡିସପ୍ଲେ, ପାନୋରାମିକ୍ ରୁଫ୍ ପାଇଁ ପ୍ୟାଟର୍ନ ଲାଇଟିଂ ଏବଂ ଥଣ୍ଡା ପାଗ ପାଇଁ ପ୍ୟାସେଞ୍ଜର୍ କଣ୍ଟାକ୍ଟ ସର୍ଫେସ୍‌ରେ ହିଟିଂ ସିଷ୍ଟମ୍ ଭଳି ଅତ୍ୟାଧୁନିକ ଫିଚର୍ସ ସାମିଲ ରହିଛି।

# ଶସ୍ତା ହୋଇପାରେ ଇଭି; ପେଟ୍ରୋଲ-ଡିଜେଲ୍ ଗାଡ଼ିରେ ବଢ଼ିବ ମାଇଲେଜ୍




ନୂଆଦିଲ୍ଲୀ,୨।୧୦: ଆଗାମୀ ଦିନରେ ଇଲେକ୍ଟ୍ରିକ୍ ଗାଡ଼ି ବା ଇଭି ଶସ୍ତା ହେବା ସହ ପେଟ୍ରୋଲ-ଡିଜେଲ୍ ଗାଡ଼ିରେ ମାଇଲେଜ୍ ବଢ଼ିପାରେ। ପ୍ରଦୂଷଣ କମାଇବା ଓ ଗାଡ଼ିର ଇନ୍ଧନ ଦକ୍ଷତା ବଢ଼ାଇବା ପାଇଁ କେନ୍ଦ୍ର ସରକାର ପାସେଞ୍ଜର ଗାଡ଼ି ପାଇଁ CAFE-3 ନିୟମ ଘୋଷଣା କରିଛନ୍ତି। ଏହି ନିୟମ ୧ ଏପ୍ରିଲ ୨୦୨୭ରୁ ୩୧ ମାର୍ଚ୍ଚ ୨୦୩୨ ପର୍ଯ୍ୟନ୍ତ ଲାଗୁ ରହିବ। ନୂଆ ନିୟମ ଅନୁସାରେ ଅଟୋ କମ୍ପାନୀଗୁଡ଼ିକୁ ନିଜ ପୋର୍ଟଫୋଲିଓରେ ଅଧିକ ମାଇଲେଜ୍ ଦେଉଥିବା ପେଟ୍ରୋଲ-ଡିଜେଲ୍ କାର୍ ସହିତ ଇଭି ଓ ହାଇବ୍ରିଡ୍ ଗାଡ଼ିର ସଂଖ୍ୟା ବଢ଼ାଇବାକୁ ପଡ଼ିବ। ଏହା ଫଳରେ କମ୍ପାନୀଗୁଡ଼ିକ ଅଧିକ ସଂଖ୍ୟାରେ କମ୍ ଦାମର ଇଭି ମଡେଲ୍ ବଜାରକୁ ଆଣିବାକୁ ଚେଷ୍ଟା କରିପାରନ୍ତି। ଟାଟା, ମହିନ୍ଦ୍ରା, ହୁଣ୍ଡାଇ, ମାରୁତି ଓ ଏମ୍ଜି ଭଳି କମ୍ପାନୀ ମଧ୍ୟରେ ଶସ୍ତା ଇଭି ନେଇ ପ୍ରତିଯୋଗିତା ବଢ଼ିଲେ ଗ୍ରାହକଙ୍କୁ ଏହାର ଲାଭ ମିଳିପାରେ। ବର୍ତ୍ତମାନ CAFE-2 ନିୟମ ଏପ୍ରିଲ ୨୦୨୨ରୁ ଲାଗୁ ରହିଛି। ଏହି ନିୟମ କୌଣସି ଗୋଟିଏ କାର୍ ଉପରେ ନୁହେଁ, ବରଂ ଗୋଟିଏ କମ୍ପାନୀ ବିକ୍ରି କରୁଥିବା ସମସ୍ତ ପାସେଞ୍ଜର ଗାଡ଼ିର ହାରାହାରି ଉପରେ ଲାଗୁ ହୁଏ। ବର୍ତ୍ତମାନ ୧,୦୮୨ କିଲୋଗ୍ରାମ ଓଜନକୁ ଆଧାର କରି କମ୍ପାନୀଗୁଡ଼ିକ ପାଇଁ ହାରାହାରି ୨୦.୯୨ କିମି ପ୍ରତି ଲିଟର ମାଇଲେଜ୍ର ଲକ୍ଷ୍ୟ ରହିଛି। ସେହିପରି କାର୍ରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ୧୧୩ ଗ୍ରାମ ପ୍ରତି କିମିରୁ କମ୍ ରହିବା ଆବଶ୍ୟକ। CAFE-3 ଲାଗୁ ହେବା ପରେ କାର୍ବନ ନିର୍ଗମନ ସୀମାକୁ ପ୍ରାୟ ୯୧.୭ ଗ୍ରାମ ପ୍ରତି କିମିକୁ କମାଇବା ଲକ୍ଷ୍ୟ ରହିଛି। ଅର୍ଥାତ୍ ବର୍ତ୍ତମାନ ତୁଳନାରେ ପ୍ରାୟ ୧୯ ପ୍ରତିଶତ କାର୍ବନ ନିର୍ଗମନ କମାଇବାକୁ ପଡ଼ିବ। ଏହା ସହ ୨୦୨୭ରେ କମ୍ପାନୀର ଗାଡ଼ିଗୁଡ଼ିକର ହାରାହାରି ମାଇଲେଜ୍ ପ୍ରାୟ ୨୫ କିମି ପ୍ରତି ଲିଟର କରିବାକୁ ହେବ। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହି ଲକ୍ଷ୍ୟକୁ କ୍ରମେ କଡ଼ା କରାଯାଇ ୨୦୩୧-୩୨ ସୁଦ୍ଧା ପ୍ରାୟ ୩୦ କିମି ପ୍ରତି ଲିଟର ପର୍ଯ୍ୟନ୍ତ ନିଆଯିବ। ପ୍ରଦୂଷଣ ହ୍ରାସକାରୀ ଗାଡ଼ି ବିକ୍ରି ବୃଦ୍ଧି କରିବା ପାଇଁ, ସରକାର ଏକ "ସୁପର-କ୍ରେଡିଟ୍" ନିୟମ ପ୍ରଣୟନ କରିଛନ୍ତି। ଅର୍ଥାତ କମ୍ପାନୀ ଯେତେ ପରିମାଣରେ ଇକୋ ଫ୍ରେଣ୍ଡଲି ଗାଡ଼ି ବିକିବ ରେକର୍ଡରେ ତା'ର ଗଣନା ସେତେ ଅଧିକ କରାଯିବ। ଏଥିରେ କମ୍ପାନୀଗୁଡ଼ିକ ସହଜରେ ନିଜ ଟାର୍ଗେଟ୍ ପୂରା କରିବେ। କେବଳ ଇଭି ବିକ୍ରି କରି ନୁହେଁ, ପେଟ୍ରୋଲ-ଡିଜେଲ୍ ଗାଡ଼ିରେ ଆଧୁନିକ ଟେକ୍ନୋଲୋଜି ବ୍ୟବହାର କରି ମଧ୍ୟ କମ୍ପାନୀଗୁଡ଼ିକ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟରେ ରିହାତି ପାଇପାରିବେ। ପେଟ୍ରୋଲ-ଡିଜେଲ୍ କାରରେ ୧୨ଟି ନୂଆ ଆଧୁନିକ ଟେକ୍ନୋଲୋଜିକୁ ମଞ୍ଜୁରୀ। ଆଗକୁ ଭାରତରେ ୧୨ଟି ନୂଆ ଆଧୁନିକ ଟେକ୍ନୋଲୋଜି ସହ ପେଟ୍ରୋଲ-ଡିଜେଲ ଗାଡିଗୁଡିକ ବିକ୍ରି ହେବ।

# ଆଜିଠୁ ଲାଗୁହେଲା ଫାସଟ୍ୟାଗ ନିୟମ ନୂଆ ବ୍ୟବସ୍ଥା




ନୂଆଦିଲ୍ଲୀ, ୨।୧୦: ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ହାଇୱେ ଓ ଏକ୍ସପ୍ରେସୱେରେ ଯାତ୍ରା କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଟୋଲ ଦେବାକୁ ପଡ଼ିଥାଏ। ଟୋଲ ବ୍ୟବସ୍ଥାକୁ ନେଇ ସରକାର ସମୟ ସମୟରେ ବିଭିନ୍ନ ନିୟମରେ ପରିବର୍ତ୍ତନ କରୁଛନ୍ତି। ଏହି କ୍ରମରେ ଦିବ୍ୟାଙ୍ଗଜନଙ୍କ ପାଇଁ ଜାରି ହେଉଥିବା ଟୋଲ ଛାଡ଼ ଫାଷ୍ଟଟ୍ୟାଗ ନିୟମରେ ବଡ଼ ପରିବର୍ତ୍ତନ କରିଛି କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ। ନୂଆ ସଂଶୋଧିତ ନିୟମ ଆଜିଠାରୁ ଲାଗୁ ହୋଇଛି। ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଦିବ୍ୟାଙ୍ଗଜନଙ୍କ ପାଇଁ ଟୋଲ ପ୍ଲାଜା ଦେଇ ଯିବା ପ୍ରକ୍ରିୟାକୁ ଅଧିକ ସହଜ ଓ ଝଞ୍ଝଟମୁକ୍ତ କରିବା। ପୂର୍ବରୁ ଦିବ୍ୟାଙ୍ଗଜନଙ୍କ ପାଇଁ ଜାରି ହେଉଥିବା ଟୋଲ ମୁକ୍ତ ଫାଷ୍ଟଟ୍ୟାଗ ପ୍ରତିବର୍ଷ ନବୀକରଣ କରିବାକୁ ପଡୁଥିଲା। ଏଣିକି ଏହି ପ୍ରକ୍ରିୟାରୁ ଲାଭାର୍ଥୀଙ୍କୁ ବାରମ୍ବାର ମୁକ୍ତି ମିଳିବ। ମନ୍ତ୍ରଣାଳୟର ନୂଆ ନିର୍ଦ୍ଦେଶାବଳୀ ଅନୁସାରେ, ଏଣିକି ଦିବ୍ୟାଙ୍ଗଜନଙ୍କ ଫାଷ୍ଟ୍ୟାଗ୍ର ବୈଧତା ଦିବ୍ୟାଙ୍ଗତାର ପ୍ରତିଶତ ଆଧାରରେ ନିର୍ଦ୍ଧାରିତ ହେବ। ପୁରୁଣା ନିୟମ ଅନୁସାରେ ଦିବ୍ୟାଙ୍ଗଜନଙ୍କୁ ନିଜର ଛାଡ଼ ଫାଷ୍ଟଟ୍ୟାଗ ଜାରି ରଖିବା ପାଇଁ ପ୍ରତିବର୍ଷ ନୂଆ ଆବେଦନ କରିବାକୁ ପଡୁଥିଲା। ଏହା ଯୋଗୁ ଅନେକ କାଗଜପତ୍ର କାମ ସହ ସମୟ ମଧ୍ୟ ନଷ୍ଟ ହେଉଥିଲା। ନୂଆ ନିୟମ ଅନୁସାରେ ୩ କିମ୍ବା ୫ ବର୍ଷର ଦୀର୍ଘ ବୈଧତା ମିଳିବା ଫଳରେ ପ୍ରତିବର୍ଷ ନବୀକରଣ କରିବାର ଆବଶ୍ୟକତା ରହିବ ନାହିଁ। ବୈଧତା ସମୟ ସରିବା ପରେ ଆବଶ୍ୟକ ଦସ୍ତାବିଜ ସହ ଅନଲାଇନ କିମ୍ବା ଅଫଲାଇନରେ ନବୀକରଣ ପାଇଁ ଆବେଦନ କରିବାକୁ ପଡ଼ିବ। ସଡ଼କ ପରିବହନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ଦିବ୍ୟାଙ୍ଗତା ପ୍ରମାଣପତ୍ର ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଏହି ଛାଡ଼ ଫାଷ୍ଟଟ୍ୟାଗ ମିଳିବ। ଏହା ସହିତ ଗାଡ଼ିଟି ଦିବ୍ୟାଙ୍ଗଜନଙ୍କ ନାମରେ ପଞ୍ଜୀକୃତ ହୋଇଥିବା କିମ୍ବା ତାଙ୍କ ବ୍ୟବହାର ପାଇଁ ସ୍ୱତନ୍ତ୍ର ଭାବେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ଟୋଲ ଛାଡ଼ର ସୁବିଧା କେବଳ ସେହି ଗାଡ଼ିକୁ ମିଳିବ, ଯେଉଁଥିରେ ଏହି ସ୍ୱତନ୍ତ୍ର ଫାଷ୍ଟଟ୍ୟାଗ ଲାଗିଥିବ। କୌଣସି ଅଯୋଗ୍ୟ ବ୍ୟକ୍ତି ଏହାର ଦୁରୁପଯୋଗ କରୁଥିବା ଧରାପଡ଼ିଲେ, ଫାଷ୍ଟଟ୍ୟାଗ ତୁରନ୍ତ ବ୍ଲାକ୍‌ଲିଷ୍ଟ କରାଯାଇପାରେ।

## ଓକିଲ ସଂଘ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କେନ୍ଦ୍ରାପଡା,୨।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧା ଓ ଭକ୍ତିଭାବର ସହ ପାଳନ କରାଯାଇଛି। ଏହି ଅବସରରେ କୋର୍ଟ ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସେମାନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଜିଲ୍ଲା ଓକିଲ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ହରିହର କର, ପ୍ରାର୍ଥ ଚକ୍ରବର୍ତ୍ତୀ, ମନୋରଞ୍ଜନ ବେହେରା ଓ କର୍ମଚାରୀ ଶିବପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବକ୍ତାମାନେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ, ତ୍ୟାଗ, ସରଳ ଜୀବନଶୈଳୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନଙ୍କ ଆଦର୍ଶକୁ ସମାଜରେ ପ୍ରତିଷ୍ଠିତ କରିବା ସହ ନୂତନ ପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ବାରୋ ଗାଁ ଓପିସି ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ




କେନ୍ଦ୍ରାପଡ଼ା,୨।୧୦(ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବାରୋ ଗାଁସ୍ଥିତ ଓପିସି ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଶ୍ରଦ୍ଧାର ସହ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଉତ୍ତମ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିକୁଞ୍ଜ କୁମାର ପୃଷ୍ଟି ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ରଜ ସୁନ୍ଦର ଦାସ, ଉମାକାନ୍ତ ପରିଡ଼ା ଓ ସମାଜସେବୀ ଭୀମସେନ ପରିଡ଼ା ଯୋଗଦେଇ ଗାନ୍ଧୀଙ୍କ ଜୀବନ, ସତ୍ୟ ଓ ଅହିଂସାର ଆଦର୍ଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କୁନି କୁନି ପିଲାମାନଙ୍କ ମଧ୍ୟରେ ଗାନ୍ଧୀଙ୍କ ଜୀବନୀ ଜାଣିବା ପାଇଁ ଦେଖାଦେଇଥିବା ଉତ୍ସୁକତା ଓ ଏକାଗ୍ରତା ଉପସ୍ଥିତ ଅଞ୍ଚଳବାସୀଙ୍କୁ ମୁଗ୍ଧ କରିଥିଲା।

## କୁତରଙ୍ଗ ହାଇସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କେନ୍ଦ୍ରାପଡା,୨।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଇଛି।

ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ଚିରରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ରାଜନ ଥାଟୋଇ, ରଞ୍ଜନ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତାପସ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନଜିତ ପଣ୍ଡା, ବିବେକାନନ୍ଦ ସାହୁ, କପିଳ ସ୍ୱାଇଁ, ଦୁର୍ଯ୍ୟୋଧନ ଜେନା, ଅଭିମନ୍ୟୁ ମହାନ୍ତି ଓ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

ବକ୍ତାମାନେ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଦେଶପ୍ରେମର ଆଦର୍ଶ ଉପରେ ଆଲୋକପାତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ସେହିପରି ଲାଲବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନଶୈଳୀ, ସତ୍ୟନିଷ୍ଠା ଓ ଦେଶସେବାର ଆଦର୍ଶକୁ ଅନୁସରଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଶେଷରେ ଗୋଲଖ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ଅଭିଯାନ




ହିଞ୍ଜିଳିକାଟୁ,୨।୧୦ (ସଂଚାର ବ୍ୟୁରୋ): ଗାନ୍ଧୀ ଜୟନ୍ତୀ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦ ତରଫରୁ ସ୍ୱଚ୍ଛତା ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା। ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ଆସ୍କା ସାଂସଦଙ୍କ ପ୍ରତିନିଧି ଶିଶିର ମିଶ୍ର, ବିଜେପି ନେତା ମାଧବ ଗୌଡ଼, ସନ୍ତୋଷ ପାଣିଗ୍ରାହୀ, ସୁଧାଂଶୁ। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା | ପରେ ପୌରାଞ୍ଚଳ ସ୍ଥିତ ଥାନା ସାହିର ବନ୍ଧକୁ ଯାଇ ସଫେଇ କରିବା ସହ ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସହରକୁ ସ୍ୱଚ୍ଛ , ନିର୍ମଳ , ପଲିଥିନ ମୁକ୍ତ କରାଯିବା ସହ ପରିବେଶ ସ୍ୱଚ୍ଛତା ଓ ସୁନ୍ଦର ରଖିବା ପାଇଁ ଉପସ୍ଥିତ ଅତିଥି ବୃନ୍ଦ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ |

## ଏମସିଏଲ ସିଆରମାଲ୍ ପ୍ରକଳ୍ପ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ



ସୁନ୍ଦରଗଡ଼,୨।୧୦ (ସଂଚାର ବ୍ୟୁରୋ): ହେମଗିରି ବ୍ଲକ ନିକଟସ୍ଥ ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସ୍ୱଚ୍ଛତା ପକ୍ଷପାଳନ ଅବସରରେ ସିଆରମାଲ୍ ଖଣି ପ୍ରକଳ୍ପ ମୁଖ୍ୟ ଏ. କେ. ଶର୍ମା , ଖଣି ମୁଖ୍ୟ (ସିଭିଲ) ଦିପାଂଶୁ ଚିତ୍ରା, ଏରିଆ ଏଚଆର ମ୍ୟାନେଜର୍ ଚନ୍ଦନ ଶ୍ରୀବାସ୍ତବ , ସିଆରମାଲ ପ୍ରକଳ୍ପ ଅଧିକାରୀ ରଞ୍ଜିତ କୁମାର୍ ,ଏଚଆର୍ ଅଜିତ୍ ସେଠ୍, ମହିଳା ୱେଲଫେଆର କମିଟି ସଭ୍ୟା ଖିରବ୍ଧି କାଲୋ, ୟୁନିଅନ ପ୍ରତିନିଧି ଓ ଜେଶିଶି ସଦସ୍ୟ ଅଜିତ୍ ପଟେଲ, ଶ୍ରୀକାନ୍ତ ମିଶ୍ର , ଜୟନ୍ତ ସାହୁ, ରଜତ ପଣ୍ଡା, ପ୍ରଦୀପ କୁମାର୍, ସଚିନ ଅମ୍ବୁଜ, କୁଲଦୀପ ପାଣ୍ଡେ, ଲୁକେଶ୍ୱର ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ରହି ଝାଡୁ ଧରି ମନ୍ଦିର ପରିସର ସଫା କରିଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମ ବେଳେ ଝାଡେଶ୍ୱର ମନ୍ଦିର ସେବାୟତ କମିଟି ସଦସ୍ୟ ସଂଜୀବ ପତି, ତ୍ରିଲୋଚନ ପଟ୍ଟନାୟକ, ସରୋଜ ପଟେଲ, ରବିନ୍ଦ୍ର ଧୃଆ, ଉମାକାନ୍ତ ଭୋଏ, କୈଳାଶ ଦର୍ଜୀ,ଦେବେନ୍ଦ୍ର ସାହୁ, କ୍ରିଷ୍ଣା ବାଗ, ବାବୁଲୁ ସେଠ୍, ରମଣୀ ବିଶି ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିବା ସହ ଦୁଇ ଡଷ୍ଟବିନ୍ ଏବଂ ଯୁଟବ୍ୟାଗ୍ ଗ୍ରହଣ କରିଥିଲେ । ଶିଆରମାଲ ଖଣି ପ୍ରକଳ୍ପ ମୁଖ୍ୟ ଶ୍ରୀ ଶର୍ମା ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବା ଜରୁରି ଉପରେ ନିଜ ସୁମନ୍ତବ୍ୟ ପ୍ରଦାନ କରିଥିଲେ ।

## ସ୍ୱଚ୍ଛତା ହିଁ ସେବା: ବେଳାଭୂମି ସଫେଇ ସହ ବୃକ୍ଷରୋପଣ




ପାରାଦୀପ,୨।୧୦ (ସଂଚାର ବ୍ୟୁରୋ): 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅବସରରେ ପାରାଦୀପରେ ବେଳାଭୂମି ସଫେଇ, ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖା ପରିଚାଳକ ପିୟୁଷ ରଞ୍ଜନ ସ୍ୱାଇଁ, ଜନକଲ୍ୟାଣ ଶାଖାର ସଂଯୋଜକ ଶକ୍ତି ପତି ଏବଂ ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର ବିଶ୍ୱାଳ ଓ ସମ୍ପାଦକ ତଥା ପରିବେଶବିତ୍ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ସେବା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବେଳାଭୂମିରୁ ଆବର୍ଜନା ସଫେଇ କରାଯିବା ସହ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ଏଥିସହ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନେଇ ସଚେତନତା ବୃଦ୍ଧି ହେଲେ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଗଠନ ସମ୍ଭବ ହୋଇପାରିବ।

### ଅସ୍ତରଙ୍ଗରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

# ବର୍ଜ୍ୟ ଘରେ ଝୁଲୁଛି ତାଲା, ଖତ ଖାଉଛି ୩ ଚକିଆ ଗାଡ଼ି

### କାଗଜପତ୍ରରେ ବିଲ ଉଠୁଛି, ଗାଁ ଅପରିଷ୍କାର





କାକଟପୁର/ଅସ୍ତରଙ୍ଗ,୨।୧୦ (ସଂଚାର ବ୍ୟୁରୋ): ଆଜି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ। ଯେଉଁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତାକୁ ସ୍ୱାଧୀନତା ଠାରୁ ବଡ ବୋଲି କହିଥିଲେ, ତାଙ୍କ ଜୟନ୍ତୀରେ ସାରା ଦେଶ ସ୍ୱଚ୍ଛ ଭାରତ ଦିବସ ପାଳନ କରୁଛି। ସରକାରୀ ଅଫିସରେ ବାପୁଙ୍କ ଫଟୋରେ ମାଳ, ଭାଷଣରେ ସ୍ୱଚ୍ଛତାର ଗୁଣଗାନ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗାନ୍ଧୀଙ୍କ ସ୍ୱଚ୍ଛତା ସ୍ୱପ୍ନର ଖୋଲା ହତ୍ୟା ହେଉଛି। ଏଠି ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏହା ପଛର ଏକମାତ୍ର କାରଣ ହେଉଛି ଅସ୍ତରଙ୍ଗ ବ୍ଲକ ପ୍ରଶାସନର ଘୋର ଅବହେଳା ଓ ବିଡିଓଙ୍କ ତଦାରଖର ଅଭାବ।

ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ହୋଇଥିଲା ୨ ଅକ୍ଟୋବର ୨୦୧୪ ମସିହା ଗାନ୍ଧୀ ଜୟନ୍ତୀରେ। ପ୍ରଥମ ପର୍ଯ୍ୟାୟରେ ଖୋଲାରେ ଶୌଚ ମୁକ୍ତ ଭାରତ ପାଇଁ ଶୌଚାଳୟ ନିର୍ମାଣ ହେଲା। ପରେ କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କଲେ ୪ ମାର୍ଚ୍ଚ ୨୦୨୦ରେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରତି ଗ୍ରାମ ପଞ୍ଚାୟତରେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା କରିବା। ଏହି ଯୋଜନା ଓଡିଶାରେ ୨୦୨୦-୨୧ ଆର୍ଥିକ ବର୍ଷରୁ ଲାଗୁ ହେଲା ଏବଂ ୨୦୨୪-୨୫ ପର୍ଯ୍ୟନ୍ତ ମିଶନ ମୋଡରେ ଚାଲିଲା। ଏହି ସମୟରେ ପ୍ରତି ପଞ୍ଚାୟତକୁ କେନ୍ଦ୍ର ଓ ରାଜ୍ୟ ଅନୁଦାନରୁ ଲକ୍ଷ ଲକ୍ଷ ଟଙ୍କା ଆସିଲା।

ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୮ରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚରେ ତିନି ଚକିଆ ଅଳିଆ ଗାଡି, ନୀଳ ଓ ସବୁଜ ରଙ୍ଗର ଅଳିଆ ଡବା, ଅଳିଆ ଅଲଗା କରିବା କୁଣ୍ଡ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଘର ତିଆରି କରାଗଲା। ସହର ଭଳି ଗାଁକୁ ସରସ ସୁନ୍ଦର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ପ୍ରତି ଘରୁ ଅଳିଆ ସଂଗ୍ରହ, ଅଲଗା କରିବା ଏବଂ ଜୈବ ସାର ତିଆରି କରିବା ଯୋଜନା ଥିଲା।

ହେଲେ ଆଜି ୫ ବର୍ଷ ପରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ ସହ ମିଳିଥିବା ଗାଡିର ବାସ୍ତବ ଚିତ୍ର ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ଗାଁ ଠାରୁ ବଜାର ଯାଏଁ ରାସ୍ତା କଡରେ ପଡି ରହିଛି କୁଢ କୁଢ ଅଳିଆ ଆବର୍ଜନା। ପଚା ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ। ସତେ ଯେପରି ରାସ୍ତା ନୁହେଁ ଅଳିଆ ଗଦା। ଏହି ରାସ୍ତା ଦେଇ ଶହ ଶହ ଲୋକ ନାକ ବନ୍ଦ କରି ଯାତାୟାତ କରୁଛନ୍ତି। ଛୋଟ ପିଲା ଓ ବୁଢା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। ବର୍ଷା ଦିନେ ଏହି ଅଳିଆ ପାଣିରେ ମିଶି ନାଳ ଜାମ ହେଉଛି। ଲକ୍ଷାଧିକ ଟଙ୍କାରେ ତିଆରି ବର୍ଜ୍ୟବସ୍ତୁ ଘରେ ଏବେ ଝୁଲୁଛି ତାଲା। ଏମିତିକି ଅସ୍ତରଙ୍ଗ ବ୍ଲକ ଅଧୀନ ନଈଗୁଆଁ, ଆଳଙ୍ଗପୁର, ନଗର, ଝାଡଲିଙ୍ଗ, ପାଟଳଦା ସମେତ ବିଭିନ୍ନ ପଞ୍ଚାୟତର ଘରେ ଝୁଲୁଛି ତାଲା। କେଉଁଠି ଘର ଭାଙ୍ଗି ରୁଜି ଗଲାଣି, ଅଳିଆ କୁଣ୍ଡ ନଷ୍ଟ ହେଲାଣି, କେଉଁଠି କେବଳ ରଙ୍ଗ ବୋଳା ହେଉଛି। ପଞ୍ଚାୟତକୁ ଦିଆଯାଇଥିବା ତିନି ଚକିଆ ଗାଡି ସରପଞ୍ଚ ଘର ଆଗରେ ଖତ ଖାଉଛି। ବ୍ୟାଟେରୀ ଖରାପ। ସଫେଇ କର୍ମଚାରୀ ନାହାନ୍ତି। କେଉଁଠି ଗାଡି ଗଡୁନି, କେଉଁଠି ବନ୍ଦ ହୋଇଛି, କିନ୍ତୁ କାଗଜପତ୍ରରେ ବିଲ୍ ହୋଇ ଟଙ୍କା ଉଠୁଛି।

ଏହି ଗାନ୍ଧୀ ଜୟନ୍ତୀରେ ଯଦି ବ୍ଲକ ପ୍ରଶାସନ ସଜାଗ ନ ହୁଏ, ଗାନ୍ଧୀଙ୍କ ସ୍ୱପ୍ନ ପୋଷ୍ଟରରେ ରହିଯିବ।

## ଝୁରିମାଲ ଗ୍ରାମସଭାରେ 'ସଞ୍ଜୀବନୀ ବାଟିକା'କୁ ଆଦର୍ଶ ଶିକ୍ଷାକେନ୍ଦ୍ର ଭାବେ ବିକଶିତ କରିବାକୁ ଆଲୋଚନା



ସୁନ୍ଦରଗଡ଼,୨।୧୦ (ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମ ପଞ୍ଚାୟତ ପରିସରରେ 'ଜଳ, ଜମି, ଜଙ୍ଗଲର ସୁରକ୍ଷା ସହ ଗ୍ରାମର ସାମଗ୍ରିକ ବିକାଶ'କୁ ନେଇ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୂରଜ ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଗ୍ରାମ ସଭାରେ ସରପଞ୍ଚ ପ୍ରମୋଦ ମାଝୀ ଅଧ୍ୟକ୍ଷତା କରିଥିଲେ। ଏହି ଗ୍ରାମସଭାରେ ଜଙ୍ଗଲ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଙ୍ଗନବାଡ଼ି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବୁଦ୍ଧିଜିବୀ, ଭୋଟର, ଯୁବଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ଅବହେଳିତ ଓ ଅସହାୟ ବର୍ଗର ପ୍ରତିନିଧି ଏବଂ ବହୁ ଗ୍ରାମବାସୀ ଯୋଗ ଦେଇ ଥିଲେ।

ଗ୍ରାମସଭାରେ ପ୍ରାକୃତିକ ସମ୍ପଦ ଓ ଜୈବବିବିଧତାର ସୁରକ୍ଷା, ଜଳ ସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ପାନୀୟ ଜଳ, ମହିଳା ସଶକ୍ତୀକରଣ, ଜୀବିକା ଓ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା କରାଯାଇଥିଲା। ଗାନ୍ଧିଜୀଙ୍କ 'ଗ୍ରାମ ସ୍ୱରାଜ' ଚିନ୍ତାଧାରା ଅନୁଯାୟୀ ଜନସହଭାଗିତା ଓ ବିଭାଗୀୟ ସମନ୍ୱୟ ମାଧ୍ୟମରେ ଗ୍ରାମର ସାମଗ୍ରିକ ଉନ୍ନତିକୁ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ଝୁରିମାଲରେ ବିକଶିତ ଔଷଧୀୟ ଉଦ୍ୟାନ 'ସଞ୍ଜୀବନୀ ବାଟିକା'ର ସର୍ବାଙ୍ଗୀନ ବିକାଶ ଓ ସଂରକ୍ଷଣ ନିମନ୍ତେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଶ୍ରୀ ସାହୁ ସମଗ୍ର 'ସଞ୍ଜୀବନୀ ବାଟିକା'କୁ ଭବିଷ୍ୟତରେ ଔଷଧୀୟ ଉଦ୍ଭିଦ, ପାରମ୍ପରିକ ଜ୍ଞାନ, ଜୈବବିବିଧତା ଓ ପରିବେଶ ଶିକ୍ଷାର ଏକ ଆଦର୍ଶ 'ଲର୍ଣ୍ଣିଂ ହବ୍' ଭାବେ ବିକଶିତ କରିବାର ଆଶା ପ୍ରକାଶ କରିଥିଲେ। ଏହା ଛାତ୍ରଛାତ୍ରୀ, ଗବେଷକ, ଯୁବପିଢ଼ି ଓ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଜୀବନ୍ତ ଶିକ୍ଷାକେନ୍ଦ୍ର ହୋଇପାରିବ ବୋଲି ସେ ମତ ଦେଇଥିଲେ।

## ବ୍ୟାସନଗର ପବ୍ଲିକ ସ୍କୁଲରେ ଗାନ୍ଧୀ ଜୟନ୍ତୀ ପାଳିତ



ଯାଜପୁର ରୋଡ୍,୨।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପବ୍ଲିକ ସ୍କୁଲରେ ଆଜି ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ ଦେବସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଗାନ୍ଧିଜୀଙ୍କ ଚିରନ୍ତନ ଆଦର୍ଶ - ସତ୍ୟ, ଅହିଂସା, ସ୍ୱଚ୍ଛତା, ସରଳତା ଓ ନିଃସ୍ୱାର୍ଥ ସେବା ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା। ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ "ରଘୁପତି ରାଘବ ରାଜାରାମ" ପରିବେଷଣ କରିଥିଲେ।

### ପ୍ରତିଭାକୁ ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କୁ ସମ୍ମାନ

## ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଶିକ୍ଷା ଓ ପ୍ରତିଭା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ




କୋରାପୁଟ,୨।୧୦ (ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଓ ତାହାର ବିକାଶ ସହ ଶିକ୍ଷା, ସୃଜନଶୀଳତା ଓ ସାମାଜିକ ଚେତନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କୋରାପୁଟ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନାଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଶିକ୍ଷା ଓ ପ୍ରତିଭା ପ୍ରୋତ୍ସାହନ ପୁରସ୍କାର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ ଏଭଳି ପଦକ୍ଷେପର ଗୁରୁତ୍ୱ ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସାମାଜିକ କର୍ମୀ ହିମାଂଶୁ ମହାପାତ୍ର, ଅତିରିକ୍ତ ତହସିଲଦାର ଭଗବାନ ନାୟକ, ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜଗନ୍ନାଥ ହନ୍ତାଳ, ପୋଲିସ ସଂଘ ସଭାପତି ଜଗନ୍ନାଥ ବେହେରା, ବରିଷ୍ଠ ଆଇନଜୀବୀ ଗୁପ୍ତେଶ୍ୱର ପାଣିଗ୍ରାହୀ ଓ ସଂସ୍ଥାର ଉପାଧ୍ୟକ୍ଷ ନିଧିରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।ସଂସ୍ଥାର ଅଧ୍ୟକ୍ଷ ନୀଳମାଧବ ମହାପାତ୍ର ସ୍ୱାଗତ ଭାଷଣରେ ଟ୍ରଷ୍ଟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ପ୍ରତିଭାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସମାରୋହରେ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସାମ୍ବାଦିକ ରଞ୍ଜନ କୁମାର ଦାସ ଓ ଦିଲୀପ ମହାନ୍ତିଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ପ୍ରତି ସାମ୍ବାଦିକତାର ଭୂମିକା ଓ ଉଭୟ ସାମ୍ବାଦିକଙ୍କ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ରଚନା ଓ ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ନିଜ ପ୍ରତିଭାକୁ ମଞ୍ଚରେ ପ୍ରଦର୍ଶନ କରି ଛାତ୍ରଛାତ୍ରୀମାନେ ମଧ୍ୟ ସମାରୋହକୁ ଉତ୍ସାହମୟ କରିଥିଲେ।ଅତିଥିମାନେ କହିଥିଲେ ଯେ, ଶିକ୍ଷାର ଅର୍ଥ କେବଳ ପାଠ୍ୟପୁସ୍ତକ ଓ ପରୀକ୍ଷାରେ ସୀମିତ ନୁହେଁ। ଛୋଟବେଳୁ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଚିହ୍ନଟ କରି ଉପଯୁକ୍ତ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଦିଆଗଲେ ସେମାନେ ଆଗାମୀ ଦିନରେ ସମାଜ ଓ ଦେଶ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିପାରିବେ। କାର୍ଯ୍ୟକ୍ରମକୁ ପ୍ରଦୀପ ପାଣ୍ଡେ ପରିଚାଳନା କରିଥିବାବେଳେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ରହି ସମାରୋହକୁ ସଫଳ କରିଥିଲେ।

## ପାଳିତ ହେଲା ଜିଲ୍ଲା ପ୍ରତିଷ୍ଠା ଦିବସ, ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ



ମାଲକାନଗିରି,୨।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ପରିସରରେ ଆଜି ଏକ ମହାସମାରୋହରେ ଜିଲ୍ଲା ପ୍ରତିଷ୍ଠା ଦିବସ, ପବିତ୍ର ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି।

ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଜିଲ୍ଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ନିଜ ବକ୍ତବ୍ୟରେ ସାଂସଦ କହିଥିଲେ ଗାନ୍ଧୀଜୀଙ୍କ ବିକଶିତ ଭାରତର ସ୍ୱପ୍ନ ଓ ଆଦର୍ଶକୁ ଆଧାର କରି ଆଜି ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ଜରିଆରେ ମାଲକାନଗିରି ଜିଲ୍ଲା ବିକାଶର ଏକ ନୂତନ ରାସ୍ତାରେ ଆଗେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଜିଲ୍ଲାର ଗୌରବମୟ ଇତିହାସ, ସଂସ୍କୃତି ଏବଂ ଗାନ୍ଧୀଜୀ-ଶାସ୍ତ୍ରୀଜୀଙ୍କ ଅହିଂସା ଓ ସରଳତାର ଆଦର୍ଶ ଆମ ସମସ୍ତଙ୍କୁ ଏକ ସମୃଦ୍ଧ ଓ ସଶକ୍ତ ମାଲକାନଗିରି ଗଠନ ପାଇଁ ପ୍ରେରଣା ଦିଏ। ଅନ୍ୟାନ୍ୟ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରଗତି ଏବଂ ପୂଜ୍ୟପୂଜାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ମହାପୁରୁଷଙ୍କ ନୀତି-ଆଦର୍ଶକୁ ଜୀବନରେ ଆପଣେଇ ସମାଜରେ ଶାନ୍ତି, ସଦ୍‌ଭାବ ଓ ଏକତା ବଜାୟ ରଖିବା ହିଁ ଜିଲ୍ଲା ପ୍ରତିଷ୍ଠା ଦିବସର ମୂଳ ଲକ୍ଷ୍ୟ।

ଏହି ସମାରୋହରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସି.ଡି.ଓ-କମ୍-ଇ.ଓ (ଜିଲ୍ଲା ପରିଷଦ) ଦାଶରଥି ସରାବୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଉପସ୍ଥିତ ଥିଲେ। ଏଥିସହିତ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ଫାଦର ଲାଲୁ ତୁଷାର ପାଣି, ହିନ୍ଦୁ ପୂଜକ ସନ୍ତୋଷ ପଣ୍ଡା ଏବଂ ବୌଦ୍ଧ ଧର୍ମର ପ୍ରତିନିଧି ଦେଶୀ ରାଜୁ ଆଚାରୀ ଯୋଗଦେଇ ସର୍ବଧର୍ମ ପ୍ରାର୍ଥନା ସହ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସିଭିଲ ସୋସାଇଟିର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପାରାଦ୍ୱୀପରେ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ



ପାରାଦ୍ୱୀପ(ସଂଚାର ବ୍ୟୁରୋ )ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପାରାଦ୍ୱୀପ ବିଜୁ ଜନତା ଦଳ ପକ୍ଷରୁ ମହାସମାରୋହରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ନେତା ଓ କର୍ମୀମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ତାଙ୍କର ଦେଶ ପ୍ରତି ଅବଦାନକୁ ସ୍ମରଣ କରିଥିଲେ।

କାର୍ଯ୍ୟକ୍ରମରେ ବିଜେଡିର ମହିଳା ସଭାନେତ୍ରୀ ଛବିଲତା ରାଉତ, ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ର, ଅନୁପ ସାହାଣୀ, ମାନସ ରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ନରେନ୍ଦ୍ର ରାଉତ, ସମ୍ପାଦିକା ନିରୁପମା ଦାସ, ବରିଷ୍ଠ ନେତା ସମୀର ବିଶ୍ୱାଳ, କୈଳାଶ ଚନ୍ଦ୍ର ସାହୁ, କେ. ରାମ ବାବୁ, ଝଡେଶ୍ୱର ମାନା, ଲପନ୍ ପରିଡ଼ା, ଅଶୋକ ସାହୁ, ପ୍ରକାଶ ଲେଙ୍କା ଓ ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଦଳୀୟ ନେତୃମଣ୍ଡଳୀ ଓ କର୍ମୀମାନେ ଗାନ୍ଧୀଜୀଙ୍କ ଅହିଂସା, ସତ୍ୟ ଓ ସ୍ୱଚ୍ଛତାର ଆଦର୍ଶକୁ ସ୍ମରଣ କରିବା ସହ ସମାଜରେ ଏହି ମୂଲ୍ୟବୋଧକୁ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ।

### ଆଜିଠୁ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା

# ସୁନା ବେଶରେ ଦର୍ଶନ ଦେବେ ଦେବୀ ପାର୍ବତୀ

ଢେଙ୍କାନାଳ,୨।୧୦ (ସଂଚାର ବ୍ୟୁରୋ): ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ବିଜେସ୍ଥଳୀ ବେଢ଼ା ପରିସରରେ ରହିଛି ମା' ପାର୍ବତୀ ଦେବୀଙ୍କ ମନ୍ଦିର। କପିଳାସରେ ପାର୍ବତୀ ହେଉଛନ୍ତି ଜଗଦମ୍ବା ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା। ପୀଠର ପର୍ବପର୍ବାଣୀ ମଧ୍ୟରେ ଶରତକାଳୀନ ଦୁର୍ଗା ଉତ୍ସବ ଏକ ବିଶେଷ ମହତ୍ତ୍ୱ ପ୍ରତିପାଦନ କରେ। ଦୁର୍ଗା ଉତ୍ସବର ଆଦ୍ୟପର୍ବ ହେଉଛି ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥି | ଯାହା ମୂଳାଷ୍ଟମୀ ଭାବେ ପରିଚିତ | ମୂଳାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ମା' ପାବର୍ତୀଙ୍କ ସ୍ୱତନ୍ତ୍ର ପର୍ବ ଏଠାରେ ପାଳନ କରାଯାଏ | କପିଳାସ ପୀଠରେ ମୂଳାଷ୍ଟମୀ ତିଥି ଅର୍ଥାତ ଶନି ବାରଠାରୁ ମା' ପାର୍ବତୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି।

ଏହି ଅବସରରେ ଦେବୀଙ୍କ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହେବ। ସକାଳେ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆଳତୀ ପରେ ୧୦୮ କୁମ୍ଭ ଜଳରେ ମା'ଙ୍କ ମହାସ୍ନାନ କରାଯିବ। ବିଲ୍ୱବରଣ କରାଯାଇ ପୂଜାରମ୍ଭ ହେବ। ପରେ ଘଟ ସ୍ଥାପନ, ଆବାହନ, ହୋମଯଜ୍ଞ, ଚଣ୍ଡୀପାଠ କରାଯାଇ ମା'ଙ୍କନିକଟରେ ବିଭିନ୍ନ ଫଳ ସହ ମାଣ୍ଡୁଅ ଭୋଗ ଲାଗି କରାଯିବ। ବର୍ଷର କୌଣସି ଦିନରେ ମାଣ୍ଡୁଅ ଭୋଗ ହୋଇ ନ ଥାଏ | କେବଳ ଶାରଦୀୟ ଦୁର୍ଗାଉତ୍ସବରେଏହି ଭୋଗ ହୋଇଥାଏ | ଷୋଳଦିନ ଧରି ଏହି ପୂଜା ଚାଲିବ | ଏହି ଷୋଳଦିନ ବ୍ୟାପୀ ମା' ବିଭିନ୍ନ ବେଶରେ ଦର୍ଶନ ଦେବେ | ଦଶହରା ଦିନ ଦେବୀଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରାରେ କପିଳାସ ପାହାଡ଼ ପାଦଦେ ଦେଶରେ ଥିବା ଦେଓଗାଁ ଯାତ୍ରା ପଡ଼ିଆକୁ ବିଜେ କରିବେ। ସେଠାରେ ପାଇକ ଆଖିଡ଼ା ଖେଳ ସହ ପାରମ୍ପରିକ ରୀତିରେ ଦଶହରା ପାଳନ କରାଯାଏ। ଦୁର୍ଗାପୂଜା ସମୟରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହୁଏ । ଏଥିପାଇଁ ଢେଙ୍କାନାଳ ଟ୍ରେଜେରୀରୁ ପୁଲିସ ସୁରକ୍ଷାରେ ସୁନା ଅଳଙ୍କାର ପୀଠରେ ପହଞ୍ଚାଯାଇଛି। ଦେବୀ ଏହି ସମୟରେ ସ୍ୱର୍ଣ୍ଣ ନିର୍ମିତ ନୁପୂର, ତାଟଙ୍କ, ଚୁଡ଼ି, ବଳୟ, କଙ୍କଣ, କିରାଟୀ, ପଦ୍ମମାଳ ଆଦି ଆଭୂଷଣରେ ବିଭୂଷିତ ହୁଅନ୍ତି।

ଇତିହାସରୁ ଜଣାଯାଏ, ୧୨୪୬ ଖ୍ରୀଷ୍ଟାବ୍ଦରେ ପୁରୀ ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ କପିଳାସ ପୀଠ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ବେଢ଼ାରେ ପାର୍ବତୀ ଦେବୀଙ୍କ ମନ୍ଦିର ତିଆରି ହୋଇଛି। ଏହି ମନ୍ଦିରର ଆକୃତି ଯଦିଓ ଛୋଟ କିନ୍ତୁ କଳା ମୁଗୁନି ପଥରେ ନିର୍ମିତ ମୂର୍ତ୍ତି ବେଶ୍ କମନୀୟ । ସାଧାରଣତଃ ମା' ଦୁର୍ଗା ଅଷ୍ଟଭୁଜା, ଦଶଭୁଜା ହୋଇ ମହିଷାମର୍ଦ୍ଦିନୀ ରୂପେ ବିଭିନ୍ନ ସ୍ଥାନରେ ପୂଜା ପାଉଥିବାବେଳେ କପିଳାସ ପୀଠରେ ଥିବା ମା' ଦୁର୍ଗାଙ୍କ ମୂର୍ତ୍ତି ଚତୁର୍ଭୁଜା। ମା' ଗୋଟିଏ ହସ୍ତରେ ଚକ୍ର ଧରିଥିବାବେଳେ ଅନ୍ୟ ଦୁଇ ହସ୍ତରେ ତ୍ରିଶୂଳ ସାହାଯ୍ୟରେ ମହିଷାସୁରକୁ ବଧ କରୁଥିବା ମୂର୍ତ୍ତି ନିର୍ମାଣ କରାଯାଇଛି।






# ପିଲାମାନେ ଦୃଷ୍ଟି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି?



ଆପଣଙ୍କ ପିଲା କେତେ ସମୟ ମୋବାଇଲ ଦେଖୁଛି? କେତେ ସମୟ ଟିଭି ବା ସୋସିଆଲ ମିଡ଼ିଆରେ ଏକାଗ୍ର ଚିତ୍ତରେ ନିଜ ଦୃଷ୍ଟି ନିବଦ୍ଧ କରିରଖୁଛି? ଆଜି ହୁଏତ ନୁହଁ କିନ୍ତୁ ପରବର୍ତ୍ତୀ ସମୟରେ ଏହା ପିଲାଟି ପାଇଁ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହେବ। ଦୈନନ୍ଦିନ କାର୍ଯ୍ୟ ମାଧ୍ୟମରେ ଶିଶୁର ଦୀର୍ଘକାଳୀନ ଦୃଷ୍ଟି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ। ଆଜି ସେଭଳି କିଛି ସାଧାରଣ ଅଭ୍ୟାସ ବାବଦରେ ଆଲୋଚନା କରିବା। ପିଲା ଟିଭି, ଟାବଲେଟ, ସ୍ମାର୍ଟଫୋନ ଓ କମ୍ପ୍ୟୁଟର ପରି ସ୍କ୍ରିନ ସହ ଦୀର୍ଘ ସମୟ ଅତିବାହିତ କରିବା ଦ୍ୱାରା ଡିଜିଟାଲ ଚକ୍ଷୁ ଚାପ ଏବଂ ମାୟୋପିଆ ସମୀପ ଦୃଷ୍ଟି ମଧ୍ୟ ହୋଇପାରେ। ତେଣୁ ସ୍କ୍ରିନ ବ୍ୟବହାର ପାଇଁ ସମସ୍ତ ସୀମା ସ୍ଥିର କରିବା ଦରକାର। ପ୍ରତି ୨୦ ମିନିଟରେ ଟିକେ ବିରତି ନେବା ଆବଶ୍ୟକ। ସେହିପରି ପ୍ରତିଦିନ ଘର ବାହାରେ ଅତି କମରେ ୧ରୁ ୨ଘଣ୍ଟା ବିତାଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ହ୍ରାସ ପାଇଥାଏ। ପ୍ରାକୃତିକ ଆଲୋକରେ ଦୂର ଦୂରାନ୍ତର ଧ୍ୟାନ ସୁସ୍ଥ ଦୃଷ୍ଟି ବିକାଶ କରିବାରେ ସାହାଯ୍ୟ କରେ। ତେଣୁ ସାଇକେଲିଂ କିମ୍ବା ଫୁଟବଲ, ହକି କି କ୍ରିକେଟ ଭଳି ବାହାର ଖେଳ ଅତ୍ୟନ୍ତ ଲାଭଦାୟକ। ଏଥିସହ ପିଲା ଯେଉଁଭଳି ଆଲୋକିତ ପରିବେଶରେ ପଢ଼େ କିମ୍ବା ଗୃହକାର୍ଯ୍ୟ କରେ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। କମ ଆଲୋକ ଆଖିକୁ ଚାପ ଦେଇ ମୁଣ୍ଡବିନ୍ଧା ଓ ଥକାପଣ ସୃଷ୍ଟି କରିପାରେ। ପ୍ରାକୃତିକ ଦିବାଲୋକ କିମ୍ବା ଉଜ୍ଜ୍ୱଳ କିନ୍ତୁ ନରମ କୃତ୍ରିମ ଆଲୋକ ଆଖି ଚାପ ହ୍ରାସ କରିବା ପାଇଁ ସର୍ବୋତ୍ତମ। ପଢ଼ିଲା ବେଳେ ପୁସ୍ତକ କିମ୍ବା ସ୍କ୍ରିନକୁ ଆଖିଠାରୁ ଅତି କମରେ ୧୨ରୁ ୧୬ ଇଞ୍ଚ ଦୂରରେ ରଖିବାକୁ ଶିଖାନ୍ତୁ। ସାମଗ୍ରୀ ଗୁଡ଼ିକୁ ଅତ୍ୟଧିକ ପାଖରେ ରଖିଲେ ଆଖି ଚାପ ସୃଷ୍ଟି ସହ ସୀମପଦୃଷ୍ଟି ଆଶଙ୍କା ବଢ଼ିପାରେ। ସେହିପରି ବାରମ୍ବାର ଆଖି ମିଟିମିଟି କରିବା, ଆଖି ଘୁରାଇବା କିମ୍ବା ନିକଟରୁ ଦୂରକୁ ଧ୍ୟାନ ସ୍ଥାନାନ୍ତର କରିବା ଆଦି ସରଳ ବ୍ୟାୟାମ ଦ୍ୱାରା ଆଖିର ମାଂସପେଶୀ ମଜଭୁତ ହୋଇପାରେ। ଏଥି ସହିତ ଭିଟାମିନ ଏ, ସି, ଇ ସହ ଜିଙ୍କ ଓ ଓମେଗା-୩ ଚର୍ବିଳାମ୍ଳ ସମ୍ବଳିତ ଗାଜର, ପତ୍ରଯୁକ୍ତ ସବୁଜ ପନିପରିବା, ମିଠା ଆଳୁ, ଅଣ୍ଡା, ବାଦାମ ଏବଂ ମାଛ ଆଦି ଖାଦ୍ୟ ଗ୍ରହଣ ଦୃଷ୍ଟି ଶକ୍ତି ହ୍ରାସ ଆଶଙ୍କା ହ୍ରାସ କରି ଆଖିକୁ ସୁସ୍ଥ ରଖିଥାଏ।

ସର୍ବୋପରି ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଶରୀରର ଡିହାଇଡ୍ରେସନ ବା ଜଳାଭାବରୁ ଆଖି ଶୁଷ୍କ ହୋଇପାରେ। ତେଣୁ ଆଖିକୁ ଆର୍ଦ୍ର ତଥା ଆରାମଦାୟକ ରଖିବା ପାଇଁ ବିଶେଷକରି ଶୁଷ୍କ କିମ୍ବା ବାତାନୁକୂଳିତ ପରିବେଶରେ ପିଲା ଯେପରି ଦିନ ସାରା ପର୍ଯ୍ୟାପ୍ତ ପାଣି ପିଏ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। ପିଲାମାନେ ପ୍ରାୟତଃ ମଇଳା ହାତରେ ଆଖି ଘଷନ୍ତି, ଯାହା କଞ୍ଜକ୍ଟିଭାଇଟିସ୍ ଭଳି ସଂକ୍ରମଣ ହୋଇପାରେ। ତେଣୁ ହାତକୁ ସଫା ରଖିବାକୁ ସେମାନଙ୍କୁ ଉତ୍ସାହିତ କରିବା ସହ ଆଖି ଘଷିବାକୁ ନିରୁତ୍ସାହିତ କରନ୍ତୁ। ଏହି ସବୁ ଛୋଟ ଅଥଚ ଭଲ ଅଭ୍ୟାସ ଗୁଡ଼ିକୁ ନିଜ ପିଲାର ଦୈନନ୍ଦିନ ଜୀବନରେ ସାମିଲ କରି ଚକ୍ଷୁ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ସହ ତାହାର ଏକାଗ୍ରତା, ଶିକ୍ଷଣ ଏବଂ ଆତ୍ମବିଶ୍ୱାସକୁ ମଧ୍ୟ ଉନ୍ନତ କରିହେବ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ଲମ୍ବା ଏବଂ ସୁନ୍ଦର କେଶର ସହଜ ଉପାୟ



ଆଜିର ସମୟରେ ଅଧିକାଂଶ ଲୋକ କେଶ ଝଡ଼ିବା ସମସ୍ୟାରେ ପୀଡ଼ିତ ଅଛନ୍ତି। କେଶ ଝଡ଼ିବା ଯୋଗୁଁ କେଶ ପୂର୍ବା ଅପେକ୍ଷା ପତଳା ହୋଇଯାଏ ଯାହା ମୁହଁର ସୁନ୍ଦରତାକୁ ମଧ୍ୟ କମାଇଥାଏ। ବର୍ତ୍ତମାନର ଖରାପ ଲାଇଫଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାରେ ପୀଡିତ ତେବେ ଆପଣ କିଛି ଘରୋଇ ଉପାୟ ଆପଣେଇ ନିଜ କେଶକୁ ମୋଟା କରିପାରିବେ। ତେବେ ଆସନ୍ତୁ ଏହା ବିଷୟରେ ଜାଣିବା। ସୁସ୍ଥ କେଶ ପାଇବା ପାଇଁ ଆପଣ ଦାମୀ ପ୍ରଡକ୍ଟ ଅପେକ୍ଷା ନିଜ ଡାଏଟ୍ ଉପରେ ଅଧିକ ଧ୍ୟାନ ଦେବା ଉଚିତ। କାରଣ ଅନେକ ସମୟରେ ପୋଷକ ତତ୍ତ୍ୱର ଅଭାବରୁ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏଭଳି ପରିସ୍ଥିତିରେ ଯଦି ଆପଣ ଏକ ବାଲାନ୍ସଡ୍ ଏବଂ ହେଲଦି ଖାଦ୍ୟ ଖାଆନ୍ତି, ତେବେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ନିଶ୍ଚୟ ଭାବରେ କମ୍ ହୋଇଯିବ। ତେବେ ଆସନ୍ତୁ ଜାଣିବା କେଶ ପାଇଁ କେଉଁ ଜିନିଷ ଖାଇବା ଲାଭଦାୟୀ ହୋଇଥାଏ।

**କଞ୍ଚା ଅଁଳା:** ସକାଳୁ ଉଠି ଖାଲି ପେଟରେ କଞ୍ଚା ଅଁଳା ଖାଆନ୍ତୁ। କଞ୍ଚା ଅଁଳା ଉଭୟ ସ୍ୱାସ୍ଥ୍ୟ ଏବଂ କେଶ ପାଇଁ ବହୁତ ଭଲ। ଅଁଳାରେ ଭିଟାମିନ୍ ସି ମିଳିଥାଏ ଯାହା କେଶକୁ ମଜବୁତ କରିଥାଏ ଯାହାଫଳରେ କେଶ ଝଡ଼ିବା ବହୁତ ମାତ୍ରାରେ କମ୍ ହୋଇପାରେ। ଏହା ବ୍ୟତୀତ ଅଁଳା ତ୍ୱଚା ପାଇଁ ମଧ୍ୟ ଲାଭଦାୟକ।

**ଭୃସଙ୍ଗ ପତ୍ର:** କେଶର ଯତ୍ନ ପାଇଁ ଆପଣ ଭୃସଙ୍ଗ ପତ୍ର ମଧ୍ୟ ଖାଇପାରିବେ। ଭୃସଙ୍ଗ ପତ୍ର ଚୋବାଇବା ଦ୍ୱାରା କେଶର ଘନତା ବୃଦ୍ଧି ପାଇଥାଏ। ଏହା ବ୍ୟତୀତ କେଶ ବୟସ ପୂର୍ବରୁ ଧଳା ହୋଇନଥାଏ। ଅଁଳା ଖାଇବା ପରେ ମଧ୍ୟ ଆପଣ ଭୃସଙ୍ଗ ପତ୍ର ଖାଇପାରିବେ।

**ଡ୍ରାଏଫ୍ରୁଟସ୍:** କେଶର ଯତ୍ନ ନେବା ପାଇଁ ଆପଣ ସକାଳେ ଡ୍ରାଏଫ୍ରୁଟସ୍ ଖାଇପାରିବେ। ରାତିରେ ଡ୍ରାଏଫ୍ରୁଟସ୍ କୁ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ସକାଳେ ଖାଲି ପେଟରେ ଏହି ଭିଜା ହୋଇଥିବା ଡ୍ରାଏଫ୍ରୁଟସ୍ ଖାଆନ୍ତୁ। ଡ୍ରାଏଫ୍ରୁଟସ୍ ଖାଇବା ଦ୍ୱାରା କେଶକୁ ଭିତରୁ ପୋଷଣ ମିଳିବ ଯାହାଫଳରେ ଅନେକ କେଶ ସମସ୍ୟା ଦୂର ହୋଇପାରିବ।

# ବାଥରୁମ୍‌ରେ ରଖନ୍ତୁନି ଟୁଥବ୍ରଶ୍



ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ବାଥରୁମରେ ନିଜ ଟୁଥବ୍ରଶ୍ ଧରି ଦାନ୍ତ ଘଷନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ସେହି ଟୁଥବ୍ରଶ୍ ପ୍ରତିଦିନ ହଜାର ହଜାର ବ୍ୟାକ୍ଟେରିଆ, ଭାଇରାଲ୍ ପାର୍ଟିକଲ୍ସ ଏବଂ ଫଙ୍ଗାଲ୍‌ର ସାମ୍ନା କରିଥାଏ? ବାୟୋଲୋଜି ଏବଂ ମାଇକ୍ରୋବାୟଲ୍ ଅଧ୍ୟୟନରୁ ଜଣାପଡିଛି ଯେ ବାଥରୁମ୍ ପରିବେଶ ଟୁଥବ୍ରଶ୍ ପାଇଁ ସବୁଠାରୁ ଅସୁରକ୍ଷିତ ସ୍ଥାନ ମଧ୍ୟରୁ ଗୋଟିଏ, ବିଶେଷକରି ଯଦି ଆପଣଙ୍କର ବ୍ରଶ୍ ଖୋଲା ଥାଏ କିମ୍ବା ଟଏଲେଟ୍ ସିଟ୍ ପାଖରେ ରଖାଯାଏ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟୁଥବ୍ରଶ୍‌କୁ ସଫା କରିବା ଏବଂ ସଂରକ୍ଷଣ କରିବାକୁ ନେଇ ବହୁତ କମ୍ ସଚେତନତା ରହିଛି, କିନ୍ତୁ ଏହା ଆପଣଙ୍କ ମୁଖ ସ୍ୱାସ୍ଥ୍ୟ, ମାଢ଼ି ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରେ। ଏପରି ପରିସ୍ଥିତିରେ, ବାଥରୁମରେ ରଖାଯାଇଥିବା ବ୍ରଶ୍‌ରେ କ'ଣ ବିପଦ ଲୁଚି ରହିଛି ଏବଂ ସେଗୁଡ଼ିକରୁ ନିଜକୁ କିପରି ରକ୍ଷା କରିବେ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ।

ବାଥରୁମ ସବୁବେଳେ ଆର୍ଦ୍ର ରହିଥାଏ, ଯାହାଦ୍ୱାରା ବ୍ୟାକଟେରିଆ ଏବଂ ଫଙ୍ଗସ ବୃଦ୍ଧି ପାଇଥାନ୍ତି। ଯେତେବେଳେ ବି ଟଏଲେଟ ଫ୍ଲସ୍ କରାଯାଏ, ସେତେବେଳେ ଟଏଲେଟ ପ୍ଲମ୍ ସୃଷ୍ଟି ହୁଏ – ଏହା ସୂକ୍ଷ୍ମ ବୁନ୍ଦାର ଏକ ମାଇକ୍ରୋ କ୍ଲାଉଡ ହୋଇଥାଏ ଯେଉଁଥିରେ ମଳ ଏବଂ ମୂତ୍ର କଣିକା ବାୟୁରେ ବିସ୍ତାରିତ ହୁଏ। ଏହି କଣିକାଗୁଡ଼ିକ ୧.୫ ରୁ ୨ମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ଏବଂ ଯେକୌଣସି ଖୋଲା ବ୍ରଶ୍ କିମ୍ବା ସେଭିଙ୍ଗ୍ ଜିନିଷ ଉପରେ ସହଜରେ ସ୍ଥିର ହୋଇପାରେ। ଜୀବବିଜ୍ଞାନୀମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଟୁଥବ୍ରଶରେ ଇ.କୋଲି, ଷ୍ଟ୍ରେପ୍ଟୋକୋକସ୍, ସାଲମୋନେଲା ଏବଂ ଏପରିକି କବକ ସ୍ପୋର୍ସ ମଧ୍ୟ ମିଳିଛି। ଏହି ଜୀବାଣୁ କିଛି ଦିନ ମଧ୍ୟରେ ବ୍ରଶ୍‌ର ବ୍ରିଷ୍ଟଲ୍ସରେ ଜମା ହୋଇଯାଏ ଏବଂ ମୁଖ ଗହ୍ୱରରେ ପହଞ୍ଚିବା ପରେ ସଂକ୍ରମଣ, ପ୍ରଦାହ ଏବଂ ଅଲସର ଭଳି ସମସ୍ୟା ବଢ଼ାଇପାରେ। ଯଦି ବ୍ରଶ୍ ଓଦା ଥାଏ ଏବଂ ବନ୍ଦ ପାତ୍ରରେ ରଖାଯାଇଥାଏ, ତେବେ ବ୍ରଶ୍ ଉପରେ ଜୀବାଣୁ ଦ୍ରୁତ ଗତିରେ ବୃଦ୍ଧି ପାଏ। କିନ୍ତୁ, ଯଦି ବ୍ରଶ୍ ଟଏଲେଟ୍ ପାଖରେ ଥାଏ, ତେବେ ଏହା ଫ୍ଲସ୍ ପ୍ଲମ୍ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥାଏ। ଏଥିସହିତ ଯଦି ପରିବାରର ସମସ୍ତ ସଦସ୍ୟ ସେମାନଙ୍କର ବ୍ରଶ୍ ଗୋଟିଏ ସ୍ଥାନରେ ରଖିଥାନ୍ତି, ତେବେ କ୍ରସ୍-କଣ୍ଟାମିନେସନ୍ ହେବାର ଆଶଙ୍କା ବଢ଼ିଯାଏ - ଅର୍ଥାତ୍, ଜଣେ ବ୍ୟକ୍ତିଙ୍କ ମୁହଁର ଜୀବାଣୁ ଅନ୍ୟ ଜଣଙ୍କ ବ୍ରଶ୍ କୁ ସ୍ଥାନାନ୍ତରିତ ହୋଇପାରନ୍ତି। ତେବେ ବିଶେଷଜ୍ଞଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଏହି ଟିପ୍ସଗୁଡ଼ିକୁ ଅନୁସରଣ କରି, ଆପଣ ଆପଣଙ୍କ ବ୍ରଶ୍‌କୁ ୯୦% ପର୍ଯ୍ୟନ୍ତ ଜୀବାଣୁରୁ ରକ୍ଷା କରିପାରିବେ। ଫ୍ଲସ୍ କଣିକାଗୁଡ଼ିକ ଯେପରି ବ୍ରଶ୍ ପର୍ଯ୍ୟନ୍ତ ନ ପହଞ୍ଚେ, ସେଥିପାଇଁ ଅତି କମରେ ୨ ମିଟର ଦୂରତା ବଜାୟ ରଖନ୍ତୁ। ସିଟ୍ କଭରକୁ ବନ୍ଦ କରି ଫ୍ଲସ୍ କରନ୍ତୁ, ଯାହା ଦ୍ୱାରା ବାୟୁବାହୀ କଣିକାଗୁଡିକ ୮୦% ପର୍ଯ୍ୟନ୍ତ ହ୍ରାସ ପାଇବ। ଏକ ଓଦା ବ୍ରଶ୍ ଜୀବାଣୁ ପାଇଁ ପ୍ରଜନନ ଭୂମି ହୋଇଯାଏ, ତେଣୁ ଏହାକୁ ପବନରେ ଶୁଖିବାକୁ ଦିଅନ୍ତୁ। ବ୍ରଶ୍‌ଗୁଡ଼ିକୁ ଏୟାରଟାଇଟ୍ ପାତ୍ରରେ ରଖିବା ଦ୍ୱାରା ଆର୍ଦ୍ରତା ବନ୍ଦ ହୋଇଯାଏ ଏବଂ କବକ ବୃଦ୍ଧିକୁ ଉତ୍ସାହିତ କରେ। ସମସ୍ତଙ୍କ ବ୍ରଶ୍ ଗୋଟିଏ ସ୍ଥାନରେ ରଖିବା ଛୁଇଁବା ନୁହେଁ, ଏହା କ୍ରସ୍-ଇନ୍ଫେକ୍ସନକୁ ରୋକିଥାଏ।

# ନିଦ୍ରା ସମସ୍ୟା ଭୋଗୁଛନ୍ତି କି ?

ଅନେକ ଲୋକଙ୍କ ବଡ ସମସ୍ୟା ହେଉଛି ନିଦ୍ରା। ଶରୀର କ୍ଳାନ୍ତ ହୋଇଯାଇଥିଲେ ସୁଦ୍ଧା ଶାନ୍ତିରେ ନିଦ ହୋଇନଥାଏ। କିନ୍ତୁ ନିଦ୍ରା ହେଉଛି ମାନବ ଶରୀରର 'ରିଚାର୍ଜ ମୋଡ୍'। ଯଦି ଆପଣ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ବିଶ୍ରାମ ନ ଦିଅନ୍ତି, ତେବେ ପରଦିନ ଆଳସ୍ୟ, ଚିଡ଼ଚିଡ଼ା ଏବଂ କ୍ଳାନ୍ତ ଅନୁଭବ କରିବା ସ୍ୱଭାବିକ। ତେଣୁ ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଉପଯୁକ୍ତ ଏବଂ କେଉଁ ଖାଇବା ଉଚିତ୍ ନୁହେଁ ? ତାହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଜାଣିବା ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ୍ ନୁହେଁ ...

**ଚକୋଲେଟ୍:** ଏହା ଖାଇବାକୁ ସ୍ୱାଦିଷ୍ଟ କିନ୍ତୁ ଶୋଇବା ପୂର୍ବରୁ ଏହାକୁ ଖାଇବା ଭଲ ନୁହେଁ। ଏଥିରେ କ୍ୟାଫିନ୍ ଏବଂ ଚିନି ଉଭୟ ଥାଏ, ଯାହା ମସ୍ତିଷ୍କକୁ ସକ୍ରିୟ କରିଥାଏ ଏବଂ ନିଦକୁ ବାଧା ଦେଇଥାଏ। ଡାର୍କ ଚକୋଲେଟରେ ଅଧିକ କ୍ୟାଫିନ୍ ଥାଏ। ତେଣୁ ଶୋଇବା ପୂର୍ବରୁ ଚକୋଲେଟ ଖାଆନ୍ତୁ ନାହିଁ।

**କଫି ଏବଂ ମୃଦୁ ପାନୀୟ:** କଫି, ଥଣ୍ଡା କଫି, ସବୁଜ ଚା, କିମ୍ବା ଶକ୍ତି ପାନୀୟରେ ଥିବା କ୍ୟାଫିନ୍ ପ୍ରାୟ ୬-୮ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ଚା' ଏବଂ କଫିରେ କଫିନ୍ ଏବଂ ଟେନିନ୍ ଥାଏ। କଫିନ ସେଣ୍ଟ୍ରାଲ ସ୍ନାୟୁ ପ୍ରଣାଳୀରେ ଏବଂ ଖାଦ୍ୟର ଆଇରନ ଉପରେ ଟେନିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ତେଣୁ ଶୋଇବା ପୂର୍ବରୁ କଫି ଏବଂ ମୃଦୁ ପାନୀୟ ଖାଆନ୍ତୁ ନାହିଁ।

**ମସଲାଯୁକ୍ତ ଖାଦ୍ୟ:** ରାତିରେ ଅତ୍ୟାଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ପେଟକୁ ଗରମ କରିପାରେ। ଫଳରେ ଏସିଡିଟି, ଛାତିରେ ଜଳାପୋଡ଼ା ଏବଂ ଭାରି ଅନୁଭବ ହୋଇପାରେ। ଏସବୁ ଖାଦ୍ୟ ଶରୀରକୁ କଷ୍ଟ ଅନୁଭବ ଦେଇଥାଏ ଏବଂ ନିଦ୍ରାଜନିତ ସମସ୍ୟା ସୃଷ୍ଟି କରିପାରେ।

**ମିଠାଯୁକ୍ତ ଖାଦ୍ୟ:** କେକ୍, ମିଠା, ଆଇସ୍କ୍ରିମ୍ ଏବଂ ଚିନିଯୁକ୍ତ ଖାଦ୍ୟ ଶୀଘ୍ର ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରେ। ଏହି ଚିନି ଦ୍ରୁତ ଗତିରେ ଆପଣଙ୍କ ଶରୀରକୁ ସକ୍ରିୟ କରିଥାଏ, ଯାହା ଶୋଇବାକୁ କଷ୍ଟକର କରିଥାଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।

**ଭଜା ଖାଦ୍ୟ:** ରାତିରେ ପନିର,ଛୋଲେ ଭଟୁରେ,ପିଜା,ବର୍ଗର କିମ୍ବା ଭାରି ଭଜା ଖାଦ୍ୟ ଖାଇବା ଦ୍ୱାରା ପେଟରେ ଭାରୀ ଅନୁଭବ ହୋଇପାରେ। ହଜମ ପ୍ରକ୍ରିୟା ଧୀର ହୋଇଯାଏ ଏବଂ ଶରୀର ଶୋଇବା ସମୟରେ ମଧ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଜାରି ରଖେ।ଏହା ଗଭୀର ନିଦକୁ ବାଧା ଦିଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।



# କୋଲେଷ୍ଟେରଲ୍‌ର ରାମବାଣ ଗ୍ରୀନ୍ କଫି



ଗ୍ରୀନ୍ ଟି' ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଗ୍ରୀନ୍ କଫି ବିଷୟରେ ଜାଣନ୍ତି କି ? ଗ୍ରୀନ୍ କଫି ଶରୀର ପାଇଁ ଖୁବ୍ ଲାଭଦାୟକ। ଏଥିରେ ଅଧିକ ମାତ୍ରାର ଆଣ୍ଟିଅକ୍ସିଡାଣ୍ଟ ରହିଥିବା ବେଳେ କ୍ୟାଫିନ୍ ପ୍ରାୟତଃ ନଥାଏ। ଗ୍ରୀନ୍ କଫି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ଗ୍ରୀନ୍ ଟି' ପିଇବା ଦ୍ୱାରା ଆହୁରି ଅନେକ ପ୍ରକାରର ଫାଇଦା ମିଳିଥାଏ। ଶୀତଦିନେ ପ୍ରାୟ ଲୋକ ଶରୀରକୁ ଗରମ ରଖିବା ପାଇଁ କଫି ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆବଶ୍ୟକଠାରୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। କାରଣ ଏଥିରେ ବହୁ ମାତ୍ରାରେ କ୍ୟାଫିନ୍ ରହିଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ। କିନ୍ତୁ କଫି ପରିବର୍ତ୍ତେ ଗ୍ରୀନ୍ କଫି ପିଇପାରିବେ। ଏହା ଆଦୌ କ୍ଷତିକାରକ ନୁହେଁ। କାରଣ ଏହା ଆଣ୍ଟି-ଅକ୍ସିଡାଣ୍ଟରେ ଭରା ସାଙ୍ଗକୁ ଆଦୌ କ୍ୟାଫିନ୍ ନଥାଏ। ଏହାକୁ ଆପଣ ବାରମ୍ବାର ପିଇପାରିବେ। ଗ୍ରୀନ୍ କଫି ଆଣ୍ଟି ଅକ୍ସିଡାଣ୍ଟରେ ଭରା, ଯାହା ଆମ ଶରୀରକୁ ହାନିକାରକ ପ୍ରଭାବରୁ ରକ୍ଷା କରିଥାଏ। ଏଥିରେ ପୋଟାସିୟମ୍ ଓ ସୋଡିୟମ୍ ମଧ୍ୟ କମ୍ ରହିଥାଏ, ଯାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ। ଗ୍ରୀନ୍ କଫି ପିଇବା ଦ୍ୱାରା ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ସେହିପରି ଶରୀରର ପ୍ରଦାହକୁ ମଧ୍ୟ କମାଇଥାଏ। ତେଣୁ ମଧୁମେହ ରୋଗୀ ଏହାକୁ ଡାଏଟ୍ରେ ସାମିଲ୍ କରିପାରିବେ। ଗ୍ରୀନ୍ କଫିକୁ ଏନର୍ଜି ବୁଷ୍ଟର ବା ଶକ୍ତି ପ୍ରଦାନକାରୀ ମଧ୍ୟ କୁହାଯାଇପାରିବ। ଏହା ଶରୀରର ଥକ୍କାପଣ ଦୂର କରିବା ସହ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ଯେଉଁମାନଙ୍କଠାରେ କୋଲେଷ୍ଟେରଲ୍ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ଗ୍ରୀନ୍ କଫି ବରଦାନ। ଏହା ଶରୀରରୁ ଖରାପ କୋଲେଷ୍ଟେରଲ୍କୁ କମାଇବା ସହ ହୃଦୟକୁ ସୁସ୍ଥ ରଖିଥାଏ। ଗବେଷଣା ଅନୁସାରେ, ନିୟମିତ ଗ୍ରୀନ୍ କଫି ପିଇବା ଦ୍ୱାରା କୋଲେଷ୍ଟେରଲ୍ ସମସ୍ୟା ନିୟନ୍ତ୍ରିତ ରହିପାରିବ।

## ଫସଲ ନଷ୍ଟ ହେଲେ ଜୀବନ ହାରିବାକୁ ଧମକ ଦେଲେ ଚାଷୀ

# ଜଳସେଚନ ଅଭାବରୁ ଶୁଖିଗଲାଣି କ୍ଷେତ





**ସୁନ୍ଦରଗଡ଼,୨।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାରେ ମରୁଡ଼ି ଆଶଙ୍କା! କାରଣ ପାଖରେ ନଦୀ, କେନାଲ ସବୁ ଥାଇ ଚାଷୀଙ୍କ କ୍ଷେତକୁ ପହଞ୍ଚୁନି ପାଣି। ବଣବୁଦାରେ ଭର୍ତ୍ତି କେନାଲ୍‌ର ସଫେଇ ବି କରାଯାଉନି ଯାହା ଫଳରେ ଫାଟି ଆଁ କଲାଣି ଚାଷୀର କ୍ଷେତ। ଏହି ଅବସ୍ଥା ଆଗକୁ ଲାଗି ରହିଲେ ଚାଷୀର ଫସଲ ନଷ୍ଟ ହେବାକୁ କେହି ରୋକି ପାରିବେନି। ଲାଠିକଟା ବ୍ଲକର ବଲଙ୍ଗା, କଲୁଙ୍ଗା(କ), କଲୁଙ୍ଗା (ଖ), ଖଟଟରଙ୍ଗ, ଡିକମାଟି ଓ ଲୁଙ୍ଗେଇର ବିଭିନ୍ନ ଚାଷ ଜମିର ଦୃଶ୍ୟ। ୬ଟି ପଞ୍ଚାୟତରେ ଶୁଖିଲା ପଡ଼ିଛି କ୍ଷେତ। ଚାଷ ଜମିକୁ ଲାଗି କେନାଲ ଯାଇଛି ହେଲେ କେନାଲ ଘାସ ବୁଦାରେ ଭର୍ତ୍ତି। ଏ ଅଫିସରୁ ସେ ଅଫିସ କୁ ଦୌଡ଼ିଲା ପରେ କେନାଲ ସଫା ହୋଇପାରୁନି। ଜଳସେଚନ ଅଭାବରୁ ଦେଖାଦେଇଛି ମରୁଡ଼ି ଆଶଙ୍କା। ପାଖାପାଖି ୩ ହଜାର ହେକ୍ଟର ଜମିର ଫସଲ ଏବେ ନଷ୍ଟ ହେବା ଉପରେ। ଧାର କରଜ କରି ସୁନାର ଫସଲ ପାଇଁ ସ୍ୱପ୍ନ ଦେଖିଥିବା ଚାଷୀ ଏବେ ଫସଲ ନଷ୍ଟ ହେଲେ ଆତ୍ମହତ୍ୟାର ଚେତାବନୀ ଦେଉଛନ୍ତି। ଅଞ୍ଚଳରେ ଶଙ୍ଖ ଓ କୋଏଲ ଭଳି ୨ଟି ନଦୀ ବହିଯାଇଛି। ତରକେଳା ଡ୍ୟାମରୁ ଚାଷୀଙ୍କ କ୍ଷେତକୁ କେନାଲ ଯୋଗେ ପାଣି ଜଳସେଚିତ ହେବା କଥା। ନଦୀ, ଡ୍ୟାମ୍ ସବୁ ଥାଇ ଶୁଖିଲା ଚାଷୀର କ୍ଷେତ। ସେଥିରେ ପୁଣି ଅଞ୍ଚଳର ୬ ହଜାରରୁ ଅଧିକ ଚାଷୀ କିଷାନ କ୍ରେଡିଟ କାର୍ଡଧାରୀ। ଅଥଚ ଚୁପ୍ ବସିଛନ୍ତି ରାଉରକେଲା ଜଳ ସମ୍ପଦ ବିଭାଗ! 'ବିଭାଗୀୟ ବାବୁଙ୍କ ଏହି ଅବହେଳାକୁ ଆଉ ବରଦାସ୍ତ କରାଯିବନି'। ଆଗକୁ ଚାଷୀ ଜମିକୁ ପାଣି ନଆସିଲେ ବିରାଟ ଆନ୍ଦୋଳନର ଚେତାବନୀ ଦେଉଛି କୃଷକ ସଂଗଠନ

## ପ୍ରଧାନଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ସ୍କୁଲରେ ତାଲା

**କଳାହାଣ୍ଡି,୨।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ସର୍ଗିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦୀର୍ଘଦିନର ଅନୁପସ୍ଥିତି, ସରକାରୀ ପାଣ୍ଠିର ଅପବ୍ୟବହାର ଓ ମନମୁଖୀ କାର୍ଯ୍ୟକଳାପ । ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଏବଂ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଫାଟକରେ ତାଲାପକାଇ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷକ ଦୀର୍ଘମାସ ଧରି ବିଦ୍ୟାଳୟକୁ ନିୟମିତ ଆସୁନାହାନ୍ତି । ସେ କେବଳ ଉପସ୍ଥନ ଖାତାରେ ଦସ୍ତଖତ କରି ଅଫିସ କାର୍ଯ୍ୟର ବାହାନା ଦେଖାଇ ଦେଖାଇ ନିଜ ମନଇଚ୍ଛା ଛୁଟି ନେଇ ଚାଲିଯାଉଛନ୍ତି । ଏହି ବିଦ୍ୟାଳୟରେ ବାଟିକାରୁ ନବମଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ମୋଟ ୧୫୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ସହ ଶିକ୍ଷକ ଅଛନ୍ତି। ମାତ୍ର ପ୍ରଧାନଶିକ୍ଷକଙ୍କ ଏଭଳି ଦାୟିତ୍ୱହୀନତା ଯୋଗୁଁ ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଏହା ସହିତ ସ୍କୁଲରେ ପଢୁଥିବା ଗରିବ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ପୋଷାକ ବଣ୍ଟନ ଏବଂ ମଧ୍ୟାହ୍ନଭୋଜନ ଯୋଗାଇବାରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗୁରୁବାର ଦିନ ବାଧ୍ୟହୋଇ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନର ପନ୍ଥା ଆପଣାଇଥିଲେ। ସ୍କୁଲରେ ତାଲା ବନ୍ଦ ଖବର ପାଇ ବିଇଓ ରାଜେଶ କୁମାର ନାଏକ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ବିଦ୍ୟାଳୟକୁ ଖୁବ୍ ଶୀଘ୍ର ଆଉ ଜଣେ ଦକ୍ଷ ସହ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ବିଇଓ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ବିଇଓଙ୍କ ଏହି ଆଶ୍ୱାସନା ପରେ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଦୀର୍ଘ ସମୟ ଧରି ଚାଲିଥିବା ନିଜର ଆନ୍ଦୋଳନକୁ ପ୍ରତ୍ୟାହୃତ କରିଥିଲେ।

## ମହାତ୍ମା ଗାନ୍ଧୀ ତଥା ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ



**ଧର୍ମଗଡ଼,୨।୧୦(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତରୁଣ କୁମାର ଦଉଡ଼ାନ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଡ଼ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ସଞ୍ଚୟ ଏବଂ ଆର୍ଥିକ ସେବା ବିବେକା ନନ୍ଦ ମହାନନ୍ଦ, ଉପ ନିର୍ଦ୍ଦେଶକ, ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ କଲେଇଙ୍କ ସମେତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଯୋଗ ଦେଇ ଗାନ୍ଧିଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଷ୍ଟାଡ଼ିୟମ୍ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ପୁଷ୍ପପୂଜା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ଶାସ୍ତ୍ରୀ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ। ପ୍ରଭାତ ଫେରି ତଥା ମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ରେ ଅତିଥିମାନଙ୍କ ସଙ୍ଗରେ ବିଭିନ୍ନ ହାଇସ୍କୁଲର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସରକାରୀ ଅଧିକାରୀ,ସହରର ବିଶିଷ୍ଟ ବ୍ୟକ୍ତି ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସକାଳ ୪.୩୦ ଘ ସମୟରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ଗାନ୍ଧୀ ପାର୍କ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁ, ମୁସଲିମ ଓ ଶିଖ ଧର୍ମର ପ୍ରତିନିଧି ନିଜ ନିଜ ପବିତ୍ର ଗ୍ରନ୍ଥ ରୁ ସର୍ବ ଧର୍ମ ସମ୍ୱନୟ, ଭାତୃଭାବ, ଅହିଂସା ଓ ଶାନ୍ତି ଉପରେ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ।

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା



**ବୈଶିଙ୍ଗା,୨।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମ ଆଶ୍ରମ ବିଦ୍ୟାଳୟରେ ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି। ଦୁଇ ମହାପୁରୁଷଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଦାନ, ସମୂହ ରାମଧୁନ ଗାନ ପୂର୍ବକ ଛାତ୍ରଛାତ୍ରୀମାନଙ୍କର ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବିଶେଷ ଭାବରେ ଛାତ୍ରଛାତ୍ରୀମାନେ ଗାନ୍ଧୀଙ୍କ ଜୀବନଶୈଳୀରୁ ଯେଉଁ ସତ୍ ଶିକ୍ଷା କରୁଛନ୍ତି, ସେ ସମ୍ବନ୍ଧରେ କାଗଜରେ ଲେଖି ପ୍ରଦର୍ଶନ କରିଛନ୍ତି, ଯାହାକି ପିଲାଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ଭରିଦେଇଥିଲା। ପ୍ରଧାନ ଶିକ୍ଷକ ତାଙ୍କର ବକ୍ତବ୍ୟରେ ବାପୁଜୀଙ୍କର ଆତ୍ମଜୀବନୀ 'ମୋ ଜୀବନ: ସତ୍ୟାନୁସନ୍ଧାନର ଏକ କାହାଣୀ'ରୁ ମୋହନଙ୍କର ଛାତ୍ରଜୀବନ, ସ୍ୱାଧୀନତା ଆନ୍ଦୋଳନରେ ସତ୍ୟ ଓ ଅହିଁସାର ପ୍ରୟୋଗ, 'କର୍ମ ହିଁ ଈଶ୍ୱର', ବାପୁଜୀଙ୍କର ଜୀବନରେ କିପରି ପ୍ରତିଫଳିତ ହୋଇଛି ଏବଂ ସମଗ୍ର ପୃଥିବୀବାସୀଙ୍କୁ ମାର୍ଗଦର୍ଶନ କରୁଛି, ତାହା ବିଶଦ ଭାବରେ ବୁଝାଇ କହିଥିଲେ । ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଜେନା, ପ୍ରତିମା ପରିଡ଼ା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ମଣ୍ଟୁ ମାଣ୍ଡି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ଏବିଭିପିର ସଫେଇ ଅଭିଯାନ



**ବାଲିପାଟଣା,୨।୧୦(ସଂଚାର ବ୍ୟୁରୋ):** ସ୍ୱଚ୍ଛତାକୁ କେବଳ ଅଭ୍ୟାସ ନୁହେଁ, ଏକ ଆନ୍ଦୋଳନରେ ପରିଣତ କରିବାର ବାର୍ତ୍ତା ନେଇ ଗାନ୍ଧୀ ଜୟନ୍ତୀ ଅବସରରେ ରାଜଧାନୀ ମହାବିଦ୍ୟାଳୟ ପରିସରରେ ଏବିଭିପି ପକ୍ଷରୁ 'କ୍ୟାମ୍ପସ ସଫେଇ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇ ଶ୍ରମଦାନ କରିଥିଲେ।ମହାବିଦ୍ୟାଳୟ ପରିସରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜିମାମୟ କରିବା ସହ ସ୍ୱଚ୍ଛତା ପ୍ରତି ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଏବିଭିପି କହିଛି। 'ସ୍ୱଚ୍ଛ କ୍ୟାମ୍ପସ, ସୁସ୍ଥ କ୍ୟାମ୍ପସ'ବାର୍ତ୍ତା ଦେଇ ଅଂଶଗ୍ରହଣକାରୀମାନେ କ୍ୟାମ୍ପସର ବିଭିନ୍ନ ସ୍ଥାନ ସଫେଇ କରିଥିଲେ। ଏହି ଅଭିଯାନରେ ରତିକାନ୍ତ ବାରିକ, ରୁଦ୍ର ପ୍ରସାଦ ନାୟକ, ଅଭିଜିତ୍ ସ୍ୱାଇଁ, ଆୟୁସା ଲିଜା ରାଣୀ ପାତ୍ର, ସୌମ୍ୟାଶ୍ରୀ ସାହୁ, ଓମ୍ ପ୍ରକାଶ ପଣ୍ଡା, ଓମ୍ ପ୍ରକାଶ ସାହୁ, ସୁପ୍ରିମ ମିଶ୍ରଙ୍କ ସମେତ ଏବିଭିପିର ବହୁ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ନିର୍ମାଣକୁ ଦେଢ଼ବର୍ଷ ପରେ ବି ଆରଆଇ ଅଫିସରେ ପଡ଼ିଛି ତାଲା



**ବାଲିଆପାଳ,୨।୧୦(ସଂଚାର ବ୍ୟୁରୋ):** ନୂଆକୋଠା ନିର୍ମାଣକୁ ଦେଢ଼ ବର୍ଷ ବିତିଗଲାଣି। ପ୍ରଜାଙ୍କର ମଧ୍ୟ ସରିଗଲା କୁହାଯାଉଛି। ହେଲେ ଲୋକଙ୍କ ସେବା ପାଇଁ ନିର୍ମିତ ମଧୁପୁରା ଆରଆଇ ଅଦ୍ୟାବଧି ତାଲା ଖୋଲୁନି। ନୂଆ କୋଠା ଖାଲି ପଡ଼ିଥିବା ବେଳେ ଅନ୍ୟତ୍ର ଅସ୍ଥାୟୀ ଭାବେ ବେ ଚାଲିଛି କାର୍ଯ୍ୟାଳୟ। ଏହି ବି ବିଚିତ୍ର ସ୍ଥିତି ଏବେ ବିଭାଗୀୟ ବ୍ୟବସ୍ଥା ଉପରେ ହିଁ ପ୍ରଶ୍ନ ଛିଡ଼ା କରିଛି। ବାରମ୍ବାର ଏହି ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇଥିବା ସତ୍ତ୍ୱେ ମଧ୍ୟ କାର୍ଯ୍ୟାଳୟ କାହିଁକି କାର୍ଯ୍ୟକ୍ଷମ ହୋଇପାରୁନାହିଁ, ତାହା ନେଇ ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି। ବିଭାଗୀୟ ଅଧିକାରାମାନେ ଏହି ବିଳମ୍ବର କାରଣ ସ୍ପଷ୍ଟ କରିବେ କି ବୋଲି ଆଲୋଚନା ହେଉଛି। ନା କୌଣସି ଅଦୃଶ୍ୟ ଶକ୍ତିର ଚାପରେ ଅଟକି କାର୍ଯ୍ୟକ୍ଷମତା। ଯଦି ଧରି ଏହି ଅସ୍ୱାଭାବିକ ବିଳମ୍ବର କାରଣ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଧୁପୁରା ଆରଆଇ ଅଧୀନରେ ତିନି ଖଣ୍ଡ ପଞ୍ଚାୟତର ପ୍ରାୟ ୨୪ଟି ଗାଁ ଏହି ଗାଁ ଏହି ରାଜସ୍ୱ ସର୍କଲ ରହିଛି। ରାଜସ୍ୱ ସମ୍ପର୍କିତ କାମ ପାଇଁ ଲୋକଙ୍କୁ ପ୍ରାୟ ୫ କିଲୋମିଟର ଦୂରକୁ ଯିବାକୁ ପଡୁଛି। ବର୍ତ୍ତମାନ ବାଲିଆପାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ମହଲାରେ ଅସ୍ଥାୟୀ ଭାବେ ଏହି ସର୍କଲର କାମ ଚାଲିଥିବା ଜଣାପଡ଼ିଛି। ଯେତେବେଳେ ନୂଆ କୋଠା ନିର୍ମାଣ ଶେଷ ହୋଇସାରିଛି, ସେତେବେଳେ ଅସ୍ଥାୟୀ ବ୍ୟବସ୍ଥାକୁ ଏତେ ଦିନ ଧରି ଜାରି ରଖିବାର ଆବଶ୍ୟକତା କ'ଣ ପ୍ରଶ୍ନର ଉତ୍ତର ମିଳୁନାହିଁ। ଲୋକଙ୍କ ସୁବିଧା ପାଇଁ ୧ କୋଟି ୩୭ ଲକ୍ଷ ଟଙ୍କାରେ ନିର୍ମିତ ଏକ ସରକାରୀ କାର୍ଯ୍ୟାଳୟ ଯଦି ନିର୍ମାଣ ପରେ ମଧ୍ୟ ଦୀର୍ଘ ସମୟ ଧରି ବ୍ୟବହାରରେ ଆସୁନାହିଁ। ତେବେ ଏହାର ଉଦ୍ଦେଶ୍ୟ ଓ ପ୍ରଶାସନିକ ଦାୟିତ୍ୱ ଉପରେ ରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ସୁବର୍ଣ୍ଣପୁର,୨।୧୦(ସଂଚାର ବ୍ୟୁରୋ):** ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବ ମହାସମାରୋହ ରେ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ମିଶ୍ର, ବିଦ୍ୟାଦାୟିନୀ ମା ସରସ୍ୱତୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ଭାରତର ଦୁଇ ଜଣ ମହାନ ସଂଗ୍ରାମୀଙ୍କ ଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ତାଙ୍କ ବିଷୟରେ ଶିଶୁ ଭାଇ ଭଉଣୀମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଶରତ କୁମାର ନାୟକ ଗାନ୍ଧିଜୀଙ୍କ ଆଦର୍ଶବାଣୀ ଜୀବନୀ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ମଧୁସୂଦନ ଗୁରୁଜୀ ମଧ୍ୟ ଭାରତର ମହାନ ବୀର ଲାଲ ବାହାଦୂର ଶାସ୍ତ୍ରୀ ଉପରେ ଶିଶୁମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବନ୍ଦନା ପ୍ରମୁଖ ମାନସୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା



**ଲାଞ୍ଜିଗଡ଼,୨।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ରେଞ୍ଜ ପକ୍ଷରୁ ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ମାନବ-ବନ୍ୟପ୍ରାଣୀ ସହାବସ୍ଥାନ ସଚେତନତା ନେଇ ୭୨ତମ ବନ୍ୟପ୍ରାଣୀ ସପ୍ତାହ-୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି। ଅକ୍ଟୋବର ୨ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଶୁକ୍ରବାର ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ବନ ବିଭାଗ କର୍ମଚାରୀମାନେ ମିଳିତ ଭାବେ ବିଶ୍ୱନାଥପୁର ମେଡିକାଲ ଛକ ଠାରୁ ବାହାରି ରେଞ୍ଜରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସହର ପରିକ୍ରମା କରିବା ସହ ବନ୍ୟପ୍ରାଣୀ ସୁରକ୍ଷା, ବନ ସୁରକ୍ଷା ଓ ପଲିଥିନ ବ୍ୟବହାର ବନ୍ଦ କରିବା ନେଇ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଶ୍ୱନାଥପୁର ବନାଞ୍ଚଳ ସଭାଗୃହରେ ଏସିଏଫ୍ ତଥା ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରଧାନ ସଂସ୍ଥା ଜିଲ୍ଲା ସଂଯୋଜକ ବ୍ରଜକିଶୋର ଦାସ, ବ୍ଲକ କୋର୍ଡିନେଟର ସୁରେନ୍ଦ୍ର ମାଝୀ, ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବନ୍ୟଜନ୍ତୁଙ୍କୁ କିପରି ସୁରକ୍ଷା ଦିଆଯିବ ଏବଂ ଜୈବ ବିବିଧତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସଭାକୁ ଫରେଷ୍ଟର ସୁରେଶ ଚନ୍ଦ୍ର ରାଉତ ପରିଚାଳନା କରିଥିବା ବେଳେ ଫରେଷ୍ଟର ଚିନ୍ତାମଣି ମାଝୀ, ପ୍ରିୟବ୍ରତ ପାଳ, ସୁରେନ୍ଦ୍ର ଶବର ପ୍ରମୁଖଙ୍କ ସମେତ ବନ କର୍ମଚାରୀ, ଛାତ୍ରଛାତ୍ରୀ ଓ ବନ୍ୟା ପ୍ରେମୀ ମାନେ ଉପସ୍ଥିତ ଥିଲେ ଶେଷରେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶ କ୍ରମେ ଶିଶୁ ଶ୍ରମ ବିଲୋପ ଅଭିଯାନ

# ୧୪ ପଞ୍ଚାୟତରେ ଆରମ୍ଭ ହେଲା ସମୂହ ଶପଥପାଠ



**ସୁବର୍ଣ୍ଣପୁର,୨।୧୦(ସଂଚାର ବ୍ୟୁରୋ):** ସମାଜରୁ ଶିଶୁ ଶ୍ରମ ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ଏବଂ ପ୍ରତ୍ୟେକ ଶିଶୁଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଯୋଗାଇଦେବାର ମହାନ ଲକ୍ଷ୍ୟ ରଖି ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଜି ସୋନପୁର ବ୍ଲକର ସମୁଦାୟ ୧୪ଟି ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଏସ୍‌ଏଚ୍‌ଜି, ସିଏଲ୍‌ଏଫ୍, ଜିପିଏଲ୍‌ଏଫ ଏବଂ ବିଲ୍‌ଏଫ୍ ସଂଘର ନେତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତ୍ୟେକ ଗ୍ରାମରେ ଆଗାମୀ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଏକ ସଚେତନତା କ୍ୟାମ୍ପେନ୍ ଭାବେ ଜାରି ରହିବ। ଆଜି ଏହି ସମସ୍ତ ପଞ୍ଚାୟତରେ ଏକାଠି ହୋଇ ଶିଶୁ ଶ୍ରମ ବିଲୋପ ପାଇଁ ଏକ ଦୃଢ଼ ସଂକଳ୍ପ ନିଆଯାଇ ସମୂହ ଶପଥ ଗ୍ରହଣ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଏଲ୍‌ଏଫ୍, ଜିପିଏଲ୍‌ଏଫ ଏବଂ ବିଲ୍‌ଏଫ୍‌ର ସକ୍ରିୟ ନେତ୍ରୀମାନଙ୍କ ସମେତ ବହୁ ସଂଖ୍ୟାରେ ସଚେତନ ମାଆମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇଥିଲେ। ମାଆମାନଙ୍କ ଏହି ସକ୍ରିୟ ସହଯୋଗ ଓ ଦୃଢ଼ ନେତୃତ୍ୱ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଜାଗରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ ଯେ, କୌଣସି ବି ଶିଶୁକୁ ଶ୍ରମିକ ଭାବେ ନଖାଟାଇ, ସେମାନଙ୍କ ହାତରେ କଲମ ଓ ବହି ଧରାଇବା ଆମ ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଭିଯାନ ଜରିଆରେ ସୋନପୁର ବ୍ଲକର ପ୍ରତ୍ୟେକ କୋଣ ଅନୁକୋଣରେ ଶିଶୁ ଅଧିକାର ଓ ସୁରକ୍ଷା ନେଇ ଏକ ଦୃଢ଼ ବାର୍ତ୍ତା ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଛି, ଯହାକି ଆଗାମୀ ଦିନରେ ଏକ ସୁସ୍ଥ, ସବଳ ଓ ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ଦିଗରେ ଏକ ମାଇଲଖୁଣ୍ଟ ସାଜିବ।

## ଗାନ୍ଧୀ ଜୟନ୍ତୀରେ 'ଆମ ସତ୍ୟବାଦୀ, ସ୍ୱଚ୍ଛ ସତ୍ୟବାଦୀ' ଅଭିଯାନ



**ସତ୍ୟବାଦୀ,୨।୧୦(ସଂଚାର ବ୍ୟୁରୋ):** ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତାର ବାର୍ତ୍ତା ଦେଲା ସତ୍ୟବାଦୀ। ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ଓ ସ୍ୱଚ୍ଛ ସତ୍ୟବାଦୀ ଗଠନ ଲକ୍ଷ୍ୟରେ ଶୁଭାରମ୍ଭ ହୋଇଛି 'ଆମ ସତ୍ୟବାଦୀ, ସ୍ୱଚ୍ଛ ସତ୍ୟବାଦୀ' ଅଭିଯାନ। ସତ୍ୟବାଦୀ ତହସିଲ, ଥାନା, ବ୍ଲକ ପ୍ରଶାସନ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ବସ୍‌ଷ୍ଟାଣ୍ଡ ନିକଟସ୍ଥ ପବିତ୍ର ପଞ୍ଚସଖାଙ୍କ ସ୍ମୃତିପୀଠରେ ମାଲ୍ୟାର୍ପଣ ପରେ ଆରମ୍ଭ ହୋଇଥିଲା ସଫେଇ ଅଭିଯାନ। ପଞ୍ଚସଖା ପୀଠରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ସଫା କରାଯାଇଥିଲା। ଅଭିଯାନରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଶିକ୍ଷକ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକେ ସାମିଲ ହୋଇ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା ଓ ଅର୍ପିତା ସେନାପତିଙ୍କ ସମେତ ସତ୍ୟବାଦୀ ଥାନାର ପୋଲିସ କର୍ମଚାରୀ ଯୋଗଦେଇଥିଲେ। ଅଧିକାରୀମାନେ ମଧ୍ୟ ନିଜେ ହାତରେ ଝାଡୁ ଧରି ସଫେଇ କରିବା ସହ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ, ସତ୍ୟବାଦୀ ବିଦ୍ୟାଳୟର ଏନ୍‌ସିସି ଓ ସ୍କାଉଟ୍ ଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ଥାନୀୟ ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ ସାମାଜିକ କର୍ମୀମାନେ ସାମିଲ ହୋଇଥିଲେ।

## ପଣସିଆ ବାପୁଜୀ ଜନ ସେବା ସଂଘର ପ୍ରତିଷ୍ଠା ଦିବସ ଅନୁଷ୍ଠିତ



**ବୈଶିଙ୍ଗା,୨।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ଗ୍ରାମ ପଞ୍ଚାୟତର . ପଣସିଆ ଠାରେ ସ୍ଥାପିତ ବାପୁଜୀ ଜନ ସେବା ସଂଘ ଆନୁକୂଲ୍ୟରେ ୧୭ତମ ପ୍ରତିଷ୍ଠା ଉତ୍ସବ ତଥା ସାଧାରଣ ସଭା ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୂଖ୍ୟ ଅତିଥି ଭାବେ ରଘୁପୁର ସରପଞ୍ଚ ବତୀ ସିଂ, ସମ୍ମାନୀତ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ, ହେମପୁର କୌଳାସ ଚନ୍ଦ୍ର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସମରଜିତ୍ ମହାପାତ୍ର ପ୍ରମୂଖ ଯୋଗ ଦେଇ ଏହି ସଂଘ ଦ୍ୱାରା କରା ଯାଉଥିବା ସମାଜସେବା ରୂପକ ଗରୀବ ଓ ଭିନ୍ନକ୍ଷମ ଙ୍କୁ ଅଙ୍ଗ ବସ୍ତ୍ର, ଶୀତ ବସ୍ତ୍ର ଓ ରାସନ ଆଦି ପ୍ରଦାନ କରାଯାଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂଘ ପକ୍ଷରୁ ପୁରୁଣିଆ ପଞ୍ଚାୟତର ଶତାୟୁ ପୁରୁଷ ଗୌରହରି ଦାସ (୧୦୫)ଙ୍କୁ ତାଙ୍କ ଘରକୁ ଯାଇ ଫୁଲ ତୋଡା ତଥା ଅଙ୍ଗ ବସ୍ତ୍ର ପ୍ରଦାନ କରି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଏଥି ସହିତ ସଂଘର ବରିଷ୍ଠ ସଦସ୍ୟ ମନ୍ମଥ ପ୍ରମାଣିକଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା।

## ଏନ୍‌ଏସିରେ ସ୍ୱଚ୍ଛତା ଅଭିଯାନ

**କେସିଙ୍ଗା,୨।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଓ ସଫେଇ ଅଭିଯାନ ୨୦୨୬ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ନୃପରାଜ ଯାଦବ ଓ କାର୍ଯ୍ୟ ନିର୍ବାହୀ ଅଧକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସମେତ ଏନ୍‌ଏସିର କର୍ମଚାରୀ ଓ ଯୁବବର୍ଗ, ମହିଳା, ସହରର ଜଗନ୍ନାଥ ମନ୍ଦିରରୁ ଟିଟିଲାଗଡ଼ ଯିବା ମୁଖ୍ୟ ରାସ୍ତାର ସେଲ୍ଟି ପଏଣ୍ଟ ଯାଏ ସଫେଇ ଅଭିଯାନ କରାଯାଇଥିଲା।

## 'ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ଦର୍ପଣ ସଦୃଶ'

**ଗଞ୍ଜାମ,୨।୧୦(ବିଦ୍ୟାଧର ସାହୁ):** ଗଞ୍ଜାମ ବ୍ଲକ କନ୍‌ଫରେନ୍ସ ହଲ୍‌ଠାରେ ସାମାଜିକ ସୁରକ୍ଷା ଓ ଭିନକ୍ଷମ ସଶକ୍ତିକରଣ ଓଡ଼ିଶା ସରକାରଙ୍କ ପରାମର୍ଶ କ୍ରମେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବିଡିଓ ଅଚ୍ୟୁତାନନ୍ଦ ଯାନୀ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଧାୟକ ପ୍ରତିନିଧି ମାନସ ନାହାକ, ଗଞ୍ଜାମ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ବିନୋଦ ଚନ୍ଦ୍ର ମହାପାତ୍ର, ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ମଲାଡ଼ ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ଦର୍ପଣ ସଦୃଶ। ସେଥିପାଇଁ ସେମାନଙ୍କୁ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗ ଆବଶ୍ୟକ ରହିଛି ବୋଲି ବିଡିଓ ଯାନୀ ମତ ବ୍ୟକ୍ତ କରିଥିଲେ।

## ସରିବ ଗାଦି, ବଢ଼ିଲା ସମ୍ପତ୍ତି

# ମନରେଗାରୁ ମାଲାମାଲ, ଭିଜିଲାନ୍ସ ତଦନ୍ତ ଦାବିରେ ବ୍ଲକ ଜନତା



**ବାଲିଆପାଳ,୨।୯(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ସବୁ ପଞ୍ଚାୟତରେ ଗାଦି ଯିବାକୁ ବସିଲାଣି, ହେଲେ ସମ୍ପତ୍ତି ବଢ଼ି ବଢ଼ି ଚାଲିଛି। ସାଇକେଲରୁ ସିଧା ଦାମୀ ଚାରି ଚକିଆ, ଚାଳ ଘରୁ ମାର୍ବଲ ଚକାଚକ କୋଠା ବାଲିଆପାଳ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏବେ ଏହି ଚର୍ଚ୍ଚା। ୫ ବର୍ଷର ସରପଞ୍ଚ କାର୍ଯ୍ୟକାଳରେ କୋଟି କୋଟି ଟଙ୍କାର ସମ୍ପତ୍ତି କେମିତି ବଢ଼ିଲା ତାକୁ ନେଇ ଭୋଟରଙ୍କ ମନରେ ପ୍ରଶ୍ନ? ୨୦୨୨ ମସିହା ପଞ୍ଚାୟତ ନିର୍ବାଚନ ହୋଇଥିଲା। ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ କାର୍ଯ୍ୟକାଳ ଆଉ ୪ରୁ ୫ ମାସ ରହିଛି। ଆସନ୍ତା ୨୦୨୭ ପୁଣି ନିର୍ବାଚନ। ନୂଆ ବର୍ଷ ଆରମ୍ଭରୁ ବିଜ୍ଞପ୍ତି ପ୍ରକାଶ ପାଇବ, ଆଚରଣ ବିଧି ଲାଗୁ ହେବ କିନ୍ତୁ ଯିବା ବେଳେ ହିସାବ କିଏ ଦେବ ? ଏହାକୁ ନେଇ ପ୍ରତି ଗାଁରେ ଚର୍ଚ୍ଚା ଜୋର ଧରିଛି। ଭୋଟର ପଚାରୁଛନ୍ତି, ୨୦୨୨ରେ ନିର୍ବାଚନ ବେଳେ ହାତ ଯୋଡି ସାଇକେଲରେ ଘର ଘର ବୁଲୁଥିବା ପ୍ରାର୍ଥୀ ଆଜି ପଲସର, ବୁଲେଟ, ଚାରି ଚକିଆ ଗାଡିରେ କେମିତି ବୁଲୁଛନ୍ତି? ସେତେବେଳେ ଚାଳ ଘର ଥିଲା, ଏବେ ମାର୍ବଲ ଲାଗିଥିବା ଦୁଇ ମହଲା କୋଠା, ଫ୍ଲାଟ, ଜାଗା କିଣା, ବ୍ୟାଙ୍କ ବାଲାନ୍ସ ବଢ଼ିଲା କେମିତି ? ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଜିତିଥିବା ସରପଞ୍ଚ ଏବେ ୨ରୁ ୫ କୋଟିର ମାଲିକ ହେଲେ କେମିତି ? ଅଭିଯୋଗ ହେଉଛି, ଅଧିକାଂଶ ସରପଞ୍ଚ ନିଜ ନାଁରେ ନୁହେଁ, ସ୍ୱାମୀ, ପୁଅ, ଭାଇ ନାଁରେ ଠିକାଦାରୀ କରୁଛନ୍ତି। ସରପଞ୍ଚଙ୍କ ସ୍ୱାମୀ ଏବେ ପଞ୍ଚାୟତର ମୁଖ୍ୟ ଠିକାଦାର। ନିଜ ପଞ୍ଚାୟତର ୨ରୁ ୩ କୋଟି ଟଙ୍କାର କାମ ନିଜେ ହାତେଇଛନ୍ତି ମନରେଗା ବିଲ ହଡପ, ଜବ କାର୍ଡରେ ଫର୍ଜି ମଷ୍ଟର ରୋଲ, ଆବାସ ଯୋଜନାରେ ପିସି, ରାସ୍ତା, ପୋଖରୀ, ସ୍କୁଲ ମରାମତିରେ ୨୦ ପ୍ରତିଶତ କମିଶନ। ଏହା ମୁଖ୍ୟ ରୋଜଗାର ପାଲଟିଛି। ଆହୁରି ସାଙ୍ଘାତିକ କଥା, ସରକାର ସମସ୍ତ ସରପଞ୍ଚଙ୍କ ସମ୍ପତ୍ତି ତାଲିକା ପଞ୍ଚାୟତ ନୋଟିସ ବୋର୍ଡରେ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାଲିଆପାଳ ବ୍ଲକରୁ ଗୋଟିଏ ବି ପଞ୍ଚାୟତରେ ତାଲିକା ଲାଗି ନାହିଁକୁ ୫ ବର୍ଷ ହେଲା କୁହୁକୁହୁ ହୋଇ ରହିଛନ୍ତି। କାହିଁକି ଭୟ ? କଣ ଲୁଚାଉଛନ୍ତି ?ବୁଦ୍ଧିଜୀବୀ ମହଲରେ ଦାବି ଉଠିଛି, ମନରେଗାରୁ ମାଲାମାଲ ହୋଇଥିବା ସରପଞ୍ଚଙ୍କ ସମ୍ପତ୍ତି ର ଭିଜିଲାନ୍ସ ତଦନ୍ତ ହେଉ। ସମ୍ପତ୍ତି ତାଲିକା ସାର୍ବଜନୀନ ହେଲେ ସତ ସାମ୍ନାକୁ ଆସିବ। ନହେଲେ ଆଗାମୀ ନିର୍ବାଚନରେ ପୁଣି ସେହି ମାଲାମାଲ ନେତା ଟଙ୍କା ବାଣ୍ଟି ଗାଦି ହାତେଇବେ ବୋଲି ଭୋଟର କହୁଛନ୍ତି।